RNI No.ODIODI/2010/33031
୧୬ ବର୍ଷ | Volume- 16
ISSUE -261 | ସଂଖ୍ୟା-୨୬୧
ଭୁବନେଶ୍ୱର, ଗୁରୁବାର ୦୧ ଜାନୁଆରୀ ୨୦୨୬
Bhubaneswar, Thursday 01 January, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com | RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



## ଦାୟିତ୍ୱ ଗ୍ରହଣ କଲେ ଅନୁ ଗର୍ଗ

ଭୁବନେଶ୍ୱର,୩୧।୧୨(ନି.ପ୍ର.): ପୁରୁଣା ବର୍ଷର ଶେଷରେ ଓଡ଼ିଶାକୁ ମିଳିଛି ନୂତନ ମୁଖ୍ୟ ଶାସନ ସଚିବ । ବରିଷ୍ଠ ଆଇଏଏସ୍ ଅଧିକାରୀ ତଥା ଉନ୍ନୟନ ଆୟୁକ୍ତ ଅନୁ ଗର୍ଗ ୪୭ ତମ ମୁଖ୍ୟ ଶାସନ ସଚିବ ଭାବରେ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ଶ୍ରୀମତୀ ଗର୍ଗ ରାଜ୍ୟର ପ୍ରଥମ ମହିଳା ଆଇଏଏସ୍ ଅଧିକାରୀ ଭାବରେ ଏହି ଗୌରବ ଅର୍ଜନ କରିଛନ୍ତି । ଶ୍ରୀମତୀ ଗର୍ଗ ଦାୟିତ୍ୱ ଗ୍ରହଣ କରିବା ପରେ କହିଛନ୍ତି ଯେ ଏହା ଏକ ଗୁରୁ ଦାୟିତ୍ୱ । ରାଜ୍ୟର ଉନ୍ନତି ପାଇଁ ଏହା ଏକ ବଡ଼ ସୁଯୋଗ ମିଳିଛି । ରାଜ୍ୟର ପ୍ରଗତି ଆମର ମୂଳ ଲକ୍ଷ୍ୟ ରହିବ । ରାଜ୍ୟ ସରକାରଙ୍କ ୨୦୩୬ ଭିଜନ୍ ଡକ୍ୟୁମେଣ୍ଟ କରାଯାଇଛି । ଭାରତ ସରକାରଙ୍କ ୨୦୪୭ରେ ଦେଶ କିପରି ଲକ୍ଷ୍ୟ ପଥରେ ପହଞ୍ଚିବ ସେ ନେଇ କାର୍ଯ୍ୟ କରିବୁ ବୋଲି ସେ କହିଛନ୍ତି । ୨୦୩୬ ଭିଜନ୍ ଡକ୍ୟୁମେଣ୍ଟ କ୍ରିୟାନ୍ୱୟନ କରିବାକୁ ଲକ୍ଷ୍ୟ ରଖାଯାଇଛି । ସ୍ୱପ୍ନର ଓଡ଼ିଶା ଗଠନ କରିବା ପାଇଁ ସମସ୍ତେ ମିଶି କାମ କରିବା । ଇଜ୍? ଅଫ୍? ଡୁଇଙ୍ଗ ବିଜିନେସ୍?କୁ ଗୁରୁତ୍ୱ ଦିଆଯିବ । ମହିଳା, ଯୁବା ସଶକ୍ତୀକରଣ, ପର୍ଯ୍ୟଟନର ବିକାଶ ଏବଂ ଅନ୍ୟାନ୍ୟ କ୍ଷେତ୍ର ଅନେକ ଚ୍ୟାଲେଞ୍ଜ ରହିଛି, ତାହାକୁ ସମାଧାନ କରିବାକୁ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି ଗର୍ଗ ।

# ମହାନଗର ନିଗମ ହେଲା ପୁରୀ

ଭୁବନେଶ୍ୱର,୩୧।୧୨(ନି.ପ୍ର.): ଆଜିଠାରୁ ପୁରୀ ପୌରପାଳିକା ମହାନଗର ନିଗମରେ ପରିଣତ ହୋଇଛି । ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏ ସମ୍ପର୍କିତ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି ।

ସୂଚନାଯୋଗ୍ୟ ଯେ, ଭାରତ ବର୍ଷର ଏକ ପ୍ରସିଦ୍ଧ ତୀର୍ଥସ୍ଥଳୀ ହେଉଛି, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଧାମ ପୁରୀ । ଏଠାରେ ପ୍ରତିଦିନ ଦେଶବିଦେଶର ହଜାର ହଜାର ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଭିଡ ଲାଗି ରହିଥାଏ । ପୁରୀବାସିନ୍ଦା, ଭକ୍ତ ଓ ପର୍ଯ୍ୟଟକଙ୍କୁ ଗୁଣାତ୍ମକ



ମାନର ସୁବିଧା ଉପଲବ୍ଧ କରାଇବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ଜୁଲାଇ ୩ ତାରିଖରେ ପୁରୀକୁ ମହାନଗର ନିଗମ ମାନ୍ୟତା ପ୍ରଦାନ କରିବା ପାଇଁ ଘୋଷଣା କରିଥିଲେ । ଏଥିପାଇଁ ପୁରୀବାସୀଙ୍କ ମଧ୍ୟ ବହୁ ଦିନର ଦାବୀ ରହିଆସିଥିଲା ।ଏହି ବିଜ୍ଞପ୍ତି ପ୍ରକାଶ ପାଇବା ଦ୍ୱାରା ପୁରୀ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସି ଓ ଆନନ୍ଦର ଲହରୀ ଖେଳି ଯାଇଛି । ମହାନଗର ଗଠନ ହେବା ଦ୍ୱାରା ପୁରୀ ଓ ଆଖପାଖ ଅଞ୍ଚଳରେ ବ୍ୟାପକ ଭିତ୍ତିଭୂମିର ବିକାଶ ସହ ଏକ ବୃହତ୍ ସହରାଞ୍ଚଳ ଗଠନ ହେବ ।

ପୁରୀ ସହ ୪ ଟି ସହରକୁ ଏନଏସି ହେଲା ବୋଲି ବିଜ୍ଞପ୍ତି ପ୍ରକାଶ କରାଯାଇଛି । ଏଗୁଡିକ ହେଲା ବଲାଙ୍ଗୀର ଜିଲ୍ଲାର ଲୋଇସିଂଘା, ଯାଜପୁର ଜିଲ୍ଲାର ଚଣ୍ଡିଖୋଲ, ମୟୂରଭଞ୍ଜ ଜିଲ୍ଲାର ଯଶୀପୁର ଓ ବାଲେଶ୍ୱର ଜିଲ୍ଲାର ବସ୍ତା । ଏହା ସହିତ ବ୍ରହ୍ମପୁର ମହାନଗର ନିଗମର କଳେବର ବୃଦ୍ଧି ସମ୍ପର୍କରେ ମଧ୍ୟ ଚିଠା ବିଜ୍ଞପ୍ତି ପ୍ରକାଶ ପାଇଛି । ଏ ସମ୍ପର୍କରେ ସ୍ୱାୟତ୍ତଶାସନ ଦିବସ ଅଗଷ୍ଟ ୩୧ ତାରିଖରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ।

## ୩ ବରିଷ୍ଠ ଆଇଏଏସ ଅଧିକାରୀ ପଦୋନ୍ନତି

ଭୁବନେଶ୍ୱର,୩୧।୧୨(ନି.ପ୍ର.): ରାଜ୍ୟର ୩ ବରିଷ୍ଠ ଆଇଏଏସ ଅଧିକାରୀଙ୍କୁ ପଦୋନ୍ନତି ମିଳିଛି । ତିନି ଜଣ ଆଇଏଏସ୍ ପ୍ରମୁଖ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି ପାଇଛନ୍ତି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍ ସନ୍ତୁ ଗୋପାଳନଙ୍କୁ ପ୍ରମୁଖ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି ମିଳିଛି । ସେହିପରି କେନ୍ଦ୍ରୀୟ ଡେପୁଟେସନରେ ଯାଇଥିବା ଦୁଇ ବରିଷ୍ଠ ଅଧିକାରୀ ଶାଳିନୀ ପଣ୍ଡିତ ଏବଂ ଡୋଡା ଭେଙ୍କଟସ୍ୱାମୀଙ୍କୁ ମଧ୍ୟ ପ୍ରମୁଖ ଶାସନ ସଚିବ ପାହ୍ୟା ମିଳିଛି । ଏଠାରେ ଉଲ୍ଲେଖ ଯୋଗ୍ୟ, ଆଜି ଓପିଏସ୍ ସ୍ତରରେ ମଧ୍ୟ ପଦୋନ୍ନତି ହୋଇଛି । ରାଜ୍ୟ ସରକାର ୪୭ ଜଣ ଓପିଏସ୍ ଅଧିକାରୀଙ୍କ ଏସଡିପିଓ ଏବଂ ଉପ ଆରକ୍ଷୀ ଅଧିକ୍ଷକ ପଦକୁ ପଦୋନ୍ନତି କରିଛନ୍ତି । ସେହିପରି ଦୁଇ ଜଣ ଓପିଏସ୍ ଅଧିକାରୀ ଅତିରିକ୍ତ ଏସପି ପାହ୍ୟା ପାଇଛନ୍ତି । ଏ ନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ସୁନୀଲ କାନ୍ତ ମହାନ୍ତି ଗଜପତି ଜିଲ୍ଲାର ଅତିରିକ୍ତ ଏସପି ହୋଇଛନ୍ତି । ସେହିପରି ଅମୂଲ୍ୟ କୁମାର ଧର ରାୟଗଡ଼ା ଜିଲ୍ଲା ଗୁଣୁପୁର ପୋଲିସ ମୁଖ୍ୟାଳୟକୁ ଅତିରିକ୍ତ ଏସପି ହୋଇ ଯାଇଛନ୍ତି ।

# ଘେଁସର ମହାନାୟକଙ୍କୁ ମିଳିବ ଉପଯୁକ୍ତ ସମ୍ମାନ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୩୧।୧୨(ନି.ପ୍ର.): ବରଗଡ ଜିଲ୍ଲା ଘେଁସଠାରେ ରାଜ୍ୟସ୍ତରୀୟ ବୀରତା ଦିବସ ଏବଂ ଶହୀଦ ମାଧୋ ସିଂହଙ୍କ ସ୍ମୃତି ସମାରୋହ ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଘେଁସ ଗ୍ରାମରେ ଶହୀଦଙ୍କ ସ୍ମାରକୀ ପ୍ରତିଷ୍ଠା ହେବ ଏବଂ ଏଥିରେ ତାଙ୍କ ପ୍ରତିମୂର୍ତ୍ତୀ ନିର୍ମାଣ ସହିତ ଏକ ସ୍ୱାଗତ ତୋରଣ, କମ୍ୟୁନିଟି ସେଣ୍ଟର ପ୍ରତିଷ୍ଠା କରାଯିବ ବୋଲି କହିଛନ୍ତି । ଏଥିପାଇଁ ୬.୨୬ କୋଟି ଟଙ୍କା ଖର୍ଚ୍ଚ ହେବ । ରାଜ୍ୟ ସରକାର ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୨୫ ଜଣ ବରପୁତ୍ରଙ୍କ ଜନ୍ମପୀଠର ବିକାଶ କରୁଛନ୍ତି । ଏହି ଯୋଜନାରେ ୧୫ କୋଟି ଟଙ୍କା ବିନିଯୋଗରେ ଶହୀଦ ମାଧୋ ସିଂହଙ୍କ ଜନ୍ମପୀଠ ଓ ଗ୍ରାମର ବିକାଶ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଘେଁସ କଲେଜକୁ ଶହୀଦ ମାଧୋ ସିଂହ ସ୍ମାରକୀ ମହାବିଦ୍ୟାଳୟ ନାମରେ ନାମିତ କରାଗଲା ବୋଲି ଘୋଷଣା କରିଛନ୍ତି । ଏଥି ସହିତ ୪ କୋଟି ୪୦ ଲକ୍ଷ ୫୯ ହଜାର ଟଙ୍କା ବ୍ୟୟରେ ୧୦୦ ଆସନ ବିଶିଷ୍ଟ ଏକ ଆଧୁନିକ ଅର୍ବାନ ମଡର୍ଣ୍ଣ ଗାର୍ଲ୍ସ ହଷ୍ଟେଲ ମଧ୍ୟ ନିର୍ମାଣ କରାଯିବ ଏବଂ ଘେଁସ କଲେଜକୁ ସମ୍ପୂର୍ଣ୍ଣ ନୂଆରୂପରେ ବିକାଶ କରାଯିବ ବୋଲି ସେ ଘୋଷଣା କରିଥିଲେ । ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମାଧୋ ସିଂହଙ୍କ ପରି ଦେଶଭକ୍ତ ସମ୍ପୂର୍ଣ୍ଣ ମାନବ ସମାଜକୁ ଗୌରବାନ୍ୱିତ କରିଛନ୍ତି । ତାଙ୍କର ତ୍ୟାଗ କେବଳ ଓଡ଼ିଶା ନୁହେଁ, ସାରା ଭାରତ ଏପରିକି ବିଶ୍ୱ ଇତିହାସରେ ବିରଳ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଦେଶପାଇଁ ସେ ନିଜ ଜୀବନ ସହିତ ନିଜର ଚାରିପୁଅ ଓ ଜାମାତାଙ୍କର ମଧ୍ୟ ବଳିଦାନ ଦେଇଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଦିବାସୀ କେବଳ ଯୁଦ୍ଧ ନୁହେଁ, ସମାଜ ଗଠନ ଦିଗରେ, ସାମାଜିକ ଶୃଙ୍ଖଳା ରକ୍ଷା ଦିଗରେ ମଧ୍ୟ ନିଜର ଯୋଗଦାନ ଦେଇଆସିଛନ୍ତି । ଶହୀଦ ମାଧୋ ସିଂଙ୍କୁ ନିଜର ଆଦର୍ଶ ମନେକରି ବିଂଝାଳ ଜାତି ତାଙ୍କ ବୀରତା ଦିବସରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଆଗାମୀ ପିଢ଼ି ସହିତ ପରିଚିତ କାରାଇବାର ପ୍ରଶଂସନୀୟ କାର୍ଯ୍ୟ କରୁଛନ୍ତି ବୋଲି କହିବା ସହିତ ଆଦିବାସୀ କଲ୍ୟାଣ ସଂଘକୁ ମୁଖ୍ୟମନ୍ତ୍ରୀ ସାଧୁବାଦ ଜଣାଇଥିଲେ ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଶହୀଦ ମାଧୋ ସିଂଙ୍କ ଭଳି ମହାପୁରୁଷ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଏବଂ ସମ୍ମାନ ଜଣାଇବା ପାଇଁ ସେମାନଙ୍କ ଜନ୍ମସ୍ଥାନର ସ୍ୱତନ୍ତ୍ର ବିକାଶ ନିମନ୍ତେ ରାଜ୍ୟ ସରକାର ସଙ୍କଳ୍ପବଦ୍ଧ ।

# ବଢ଼ିଲା ପିୟୁସିସି ଅବଧି

ଭୁବନେଶ୍ୱର,୩୧।୧୨(ନି.ପ୍ର.): ଗାଡ଼ିର ପିୟୁସିସି ସାର୍ଟିଫିକେଟ୍ ପାଇଁ ଦିଆଯାଇଥିବା ଅବଧିକୁ ରାଜ୍ୟ ସରକାର ବୃଦ୍ଧି କରିଛନ୍ତି । ଆସନ୍ତା ମାର୍ଚ୍ଚ ମାସ ଶେଷ ପର୍ଯ୍ୟନ୍ତ ପିୟୁସିସି ଅବଧି ବୃଦ୍ଧି ପାଇଛି । ଏ ନେଇ ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି । ପରିବହନ ମନ୍ତ୍ରୀ କହିଛନ୍ତି ଯେ ଲୋକଙ୍କ ଅସୁବିଧାକୁ ଦେଖି ନିଷ୍ପତ୍ତି ପିୟୁସିସି ଅବଧି କରିବାକୁ ନିଷ୍ପତ୍ତି ନିଆଯାଇଛି । ଯେଉଁଠି ଅନିୟମିତତା ହେଉଛି, ସେପରି ୪୨ଟି ଟେଷ୍ଟିଂ ସେଣ୍ଟରର ଲାଇସେନ୍ସ ରଦ୍ଦ ହୋଇଛି ।

# ବନ୍ଧା ହେଲେ କୋଟିପତି ଅତିରିକ୍ତ ତହସିଲଦାର

କଟକ,୩୧।୧୨(ନି.ପ୍ର.): ଗିରଫ ହେଲେ କୋଟିପତି ଗବାବୁ । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବାରଙ୍ଗର ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ପଣ୍ଡାଙ୍କୁ ଗିରଫ କଲା ଭିଜିଲାନ୍ସ । ମଙ୍ଗଳବାର ସକାଳୁ ଏକକାଳୀନ ୪ଟି ସ୍ଥାନରେ ରେଡ୍ ମାରିଥିଲା ଭିଜିଲାନ୍ସ ଟିମ୍ । ଚଢ଼ାଉ ବେଳେ ଜିତେନ୍ଦ୍ର ପଣ୍ଡାଙ୍କ ଘରୁ ୭୫ ଲକ୍ଷ ଜବତ କରାଯାଇଛି । ଭୁବନେଶ୍ୱର ବଡ଼ଗଡ଼ ବ୍ରିଟ କଲୋନୀ ସ୍ଥିତ ଶାଶୁଙ୍କ ଘରୁ ଏହି ୭୫ ଲକ୍ଷ ଜବତ ହୋଇଛି । ଏଥିସହ ୩ଟି ସୁଉଚ୍ଚ କୋଠା, ଗୋଟିଏ ଫ୍ଲାଟ ଓ ୪ଟି ଦାମୀ ପ୍ଲଟ ପାଇଛି ଭିଜିଲାନ୍ସ । ଜିତେନ୍ଦ୍ରଙ୍କ ଭୁବନେଶ୍ୱର ବଡ଼ଗଡ଼ର ଗୋପାଳୁଣୀ ନଗରରେ ୩ ମହଲା କୋଠା ରହିଛି । ବଡ଼ଗଡ଼ ବ୍ରିଟ କଲୋନୀରେ ୩ ମହଲା କୋଠା ଓ ଉତ୍ତରାରେ ୨ ଇଏୀକ ଫ୍ଲାଟ ସହ ଖୋର୍ଦ୍ଧାର ସାନପଲ୍ଲୀଠାରେ ୨ ମହଲା କୋଠା ମଧ୍ୟ ରହିଛି । ଭୁବନେଶ୍ୱରରେ ୩ଟି ଓ ଖୋର୍ଦ୍ଧାରେ ଗୋଟିଏ ଦାମୀ ପ୍ଲଟ ଠାବ କରାଯାଇଛି ।




## ଶୁଭେଚ୍ଛା



ଇଂରାଜୀ ନବବର୍ଷ ଅବସରରେ ଦୈନିକ 'ମନ୍ଥନ'ର ସମସ୍ତ ପାଠକପାଠିକା/ବିଜ୍ଞାପନଦାତା ଓ ଶୁଭେଚ୍ଛୁ ମାନଙ୍କୁ ଅଭିନନ୍ଦନ ଜଣାଉଛି ।

**ଶରତ ରାଉତ, ସମ୍ପାଦକ**







ନବବର୍ଷ -୨୦୨୬ ଅବସରରେ ମୁଁ ସମସ୍ତ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଓ ଶୁଭେଚ୍ଛା ଜଣାଉଛି । ନୂତନ ବର୍ଷ ରାଜ୍ୟବାସୀଙ୍କ ଜୀବନରେ ହସ, ଖୁସି, ଶାନ୍ତି ଓ ସମୃଦ୍ଧି ଭରିଦେଉ, ଏତିକି କାମନା । ରାଜ୍ୟକୁ ଦେଶର ଏକ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ନିଜ ନିଜ ସ୍ତରରେ ନିଷ୍ଠାପର ପ୍ରୟାସ ଜାରି ରଖିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)

ଇଂରାଜୀ ନୂଆବର୍ଷ ଉପଲକ୍ଷେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ନୂଆବର୍ଷ -୨୦୨୬ ଉପଲକ୍ଷେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦରୁ ସମସ୍ତଙ୍କ ଜୀବନ ସୁଖମୟ ହେଉ । ୨୦୨୬ ବର୍ଷ ଓଡ଼ିଶା ପାଇଁ ଶାନ୍ତି, ପ୍ରଗତି ଓ ସମୃଦ୍ଧିର ବର୍ଷ ହେଉ । ଆସନ୍ତୁ, ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମେ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS-73



# ଅବସରକାଳୀନ ସମ୍ବର୍ଦ୍ଧନା ସଭା

କବିସୂର୍ଯ୍ୟନଗର,**୩୧।୧୨:(ମନ୍ଥନ)**ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ରେ କାର୍ଯ୍ୟରତ ବରିଷ୍ଠ ସହାୟକ ହରିହର ପ୍ରଧାନ ଙ୍କୁ ଆଜି ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ବିଇଓ ଅଭିମନ୍ୟୁ ସାହୁ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମସ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ, ସିଆରସିସି, ଉପସ୍ଥିତ ରହି ପୁଷ୍ପ ଗୁଚ୍ଛ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯଇଥିଲା। ଯାହା କୁହାଯାଉଛି ଅବସର



ନେଇଥିବା ଶ୍ରୀ ପ୍ରଧାନ ଜଣେ ମେଳାପୀ, କର୍ତ୍ତବ୍ୟପରାୟଣ, ସମୟନୁବର୍ତ୍ତିତା, କର୍ମଠ ଏବଂ ନିସ୍ୱାର୍ଥପର ସେବା ଯୋଗାଇ ଆସୁଥିବା ଯୋଗୁଁ ଅନୁଷ୍ଠିତ ସଭାରେ ବହୁ ଶିକ୍ଷକ, କର୍ମଚାରୀ ଶ୍ରୀ ପ୍ରଧାନଙ୍କ କାର୍ଯ୍ୟଧାରା ଉପରେ ବର୍ଣନା କରି ସାଧୁବାଦ ଜଣାଇଥିଲେ ।ଶେଷରେ ଅବସର ନେଇଥିବା ଶ୍ରୀ ପ୍ରଧାନ ଓ ତାଙ୍କ ଧର୍ମ ପତ୍ନୀ ଉଭୟଙ୍କୁ ବିଭିନ୍ନ ମହଲରୁ ସମ୍ବର୍ଦ୍ଧନା ଦିଆଯାଇଥିବା ଦେଖିବାକୁ ମିଳିଛି । ସଭା ରେ ଇଇରଙ୍ଗ ମାଧବ ମାଝୀ, ରବିନାରାୟଣ ବେହେରା, ପ୍ରଧାନ ଶିକ୍ଷକ ସିମାଞ୍ଚଳ ପାଣି, ଦିବାକର ଶତପଥୀ, ଆଠଗଡ ପାଟଣା ସରପଞ୍ଚ ପ୍ରତିନିଧି ଆଦିତ୍ୟନାଥ ତ୍ରିପାଠୀ, ଗୁଡ଼ିଆଳି ପ୍ରତିନିଧି ପ୍ରଶାନ୍ତ ଭୂୟାଁ, ପ୍ରମୁଖ ମଞ୍ଚାସିନ ଥିବା ବେଳେ ବହୁ ଶିକ୍ଷକ ଉପସ୍ଥିତ ରହି ବିଦାୟ କାଳୀନ ସମ୍ବର୍ଦ୍ଧନା ଦେଇଥିବା ଜଣାଯାଇଛି ।

# ଜିଲ୍ଲା ର ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା ବୈଠକ

ଜଗତସିଂହପୁର,**୩୧।୧୨:(ମନ୍ଥନ)** ଆଜି ସାର୍ବଜନୀନ ଉଦ୍ୟୋଗ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ବି ଏସ ରାଜପୁତ, ଭା ପ୍ର ସେ ଜଗତସିଂହପୁର ଜିଲ୍ଲା ଗସ୍ତ ରେ ଆସି ଅପରାହ୍ନରେ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଜିଲ୍ଲା ର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ର ସମୀକ୍ଷା କରିଥିଲେ । 'କୌଣସି କାର୍ଯ୍ୟକ୍ରମ ର ସଫଳ ରୂପାୟନ ନିମନ୍ତେ ପ୍ରତ୍ୟେକ ସ୍ତର ର କାର୍ଯ୍ୟକର୍ତ୍ତା ଙ୍କ ମଧ୍ୟରେ ସଠିକ୍ ସମନ୍ୱୟ ନିତାନ୍ତ ଆବଶ୍ୟକ ବୋଲି ସେ କହିଥିଲେ । ପ୍ରଥମେ ଜିଲ୍ଲା ରେ ସ୍ୱାସ୍ଥ୍ୟ ବିଭାଗ ର କାର୍ଯ୍ୟକାରିତା ସହ ଆୟୁଷ୍ମାନ ଜନ ଆରୋଗ୍ୟ ଯୋଜନା ଓ ବାୟୋବନ୍ଦନା କାର୍ଡ ର ବଣ୍ଟନ ବିଷୟ ରେ ଆଲୋଚନା କରିବା ସହ ସ୍ୱାସ୍ଥ୍ୟ ସେବା ର ବିଭିନ୍ନ ଦିଗରେ ଆଲୋଚନା କରିଥିଲେ । ଏହାପରେ ଅଙ୍ଗନୱାଡ଼ି କେନ୍ଦ୍ର,ଅନ୍ତ୍ୟୋଦୟ ଗୃହ ଯୋଜନା, ଓଡ଼ିଶା ଜୀବିକା ମିଶନ ସହ ଓର୍ମାସ ର ବିଭିନ୍ନ ଯୋଜନା ସମ୍ପର୍କରେ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ । ବୟନ ଗ୍ରାମ ର କାରିଗର ମାନଙ୍କୁ ପ୍ରୋତ୍ସାହନ ଦେବା ଦିଗରେ ଉପଦେଶ ଦେଇଥିଲେ।ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇବା, ଅମୃତ ମିଶନ, ପାନୀୟ ଜଳ ଯୋଗାଣ ସମସ୍ୟା ଓ ନିରାକରଣ, ଉପରେ ବିଷଦ ଆଲୋଚନା ହୋଇଥିଲା । ଶିକ୍ଷା କ୍ଷେତ୍ର ରେ ଜଗତସିଂହପୁର ଜିଲ୍ଲା ର ଉତ୍ତମ ପ୍ରଦର୍ଶନ କୁ ପ୍ରଶଂସା କରିବା ସହ ଜିଲ୍ଲା ର ପି ଏମ ଶ୍ରୀ ବିଦ୍ୟାଳୟ ବିଷୟ ରେ ପଚାରି ବୁଝିଥିଲେ । ଆଗାମୀ ଦିନରେ ଆହୁରି ଉନ୍ନତି



କରିବା ପାଇଁ ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲାରେ ପ୍ରସ୍ତାବିତ ସମସ୍ତ ବସଷ୍ଟାଣ୍ଡ ଗୁଡ଼ିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ପରାମର୍ଶ ଦେଇଥିଲେ । ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଜିଲ୍ଲା ର ବିଭିନ୍ନ ସମସ୍ୟା ସମ୍ପର୍କରେ ପ୍ରମୁଖ ଶାସନ ସଚିବ ଙ୍କୁ ଅବଗତ କରାଇବା ସହ ଉନ୍ନତିମୂଳକ କାର୍ଯ୍ୟ ର ରୂପରେଖ କହିଥିଲେ । ସମସ୍ତ ବିଭାଗୀୟ ଅଧିକାରୀ ଙ୍କ ସହ ଆଲୋଚନା କରି ନୂତନ ପଦକ୍ଷେପ ଗ୍ରହଣ ସହ ସରକାର ଙ୍କ ଯୋଜନା କୁ ଲୋକ ମାନଙ୍କ ପାଖରେ ପହଞ୍ଚାଇବାକୁ ପ୍ରମୁଖ ସଚିବ ଜିଲ୍ଲାପାଳ ଙ୍କୁ ପରାମର୍ଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ,ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ଶ୍ରୀ ନିରଞ୍ଜନ ବେହେରା,ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଶ୍ରୀ ରବି ନାରାୟଣ ଜେଠି , ଓ ଏସ ଆର ଟି ସି ର ଜି ଏମ ଶ୍ରୀ ଅରୁଣ କୁମାର ବିଶ୍ୱାଳ ଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରିୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନା ରେ ଅଂଶଗ୍ରହଣ କରିଥିଲେ। ପ୍ରମୁଖ ଶାସନ ସଚିବ ଶ୍ରୀ ରାଜପୁତ ବାଲିକୁଦା ବ୍ଲକ ର ଅଟଳ ବସ୍ ଷ୍ଟାଣ୍ଡ ପରିଦର୍ଶନ କରି ଏହାର କାର୍ଯ୍ୟକାରିତା ସମ୍ପର୍କ ରେ ପଚାରି ବୁଝିଥିଲେ । ପରେ କୁଜଙ୍ଗ ବ୍ଲକ୍ ଓ ପାରାଦ୍ୱୀପ ପୌର ପରିଷଦ ଅଞ୍ଚଳ ରେ ବସଷ୍ଟାଣ୍ଡ ନିମନ୍ତେ ପ୍ରସ୍ତାବିତ ଜାଗା ପରିଦର୍ଶନ କରିଥିଲେ।ପାରାଦ୍ୱୀପ ବେଳାଭୂମି ପରିଦର୍ଶନ କରି ପର୍ଯ୍ୟଟନ ବିକାଶ ଦିଗରେ ଆଲୋଚନା କରିଥିଲେ। ତିର୍ତ୍ତୋଲ ବ୍ଲକ୍ ର ମନିଜଙ୍ଗା ମେଗା ପାଇପ୍ ୱାଟର ପ୍ରୋଜେକ୍ଟ, ତରତଙ୍ଗ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ ସହ ଏହାର ସାମଗ୍ରିକ ବିକାଶ ନିମନ୍ତେ ଆଲୋଚନା କରିଥିଲେ । ରଘୁନାଥପୁର ର ଗ୍ରାମୀଣ ଶିଳ୍ପ ଉଦ୍ୟାନ ପରିଦର୍ଶନ କରିବା ସହ ଏହାର କାର୍ଯ୍ୟକାରିତା ଓ ଶିଳ୍ପୀ ମାନଙ୍କ ନିମନ୍ତେ ରୋଜଗାର ସୃଷ୍ଟି ପାଇଁ ହସ୍ତଶିଳ୍ପ, କାଫେ ଓ ହସ୍ତତନ୍ତ ବଜାର ନିର୍ମାଣ ପାଇଁ ଉପଦେଶ ଦେଇଥିଲେ । ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସମ୍ବିତ କୁମାର ରାଉତ, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଶ୍ରୀ ରବି ନାରାୟଣ ଜେଠି, ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ଶ୍ରୀ ନିରଞ୍ଜନ ବେହେରା, ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ, ନିର୍ବାହୀ ଅଧିକାରୀ ପାରାଦୀପ ପୌର ପରିଷଦ, ଶ୍ରୀ ଅଭିଷେକ ପଣ୍ଡା,ବିଡିଓ ପ୍ରମୁଖ କ୍ଷେତ୍ର ପରିଦର୍ଶନ ସମୟରେ ଉପସ୍ଥିତ ରହି ସଚିବ ଙ୍କୁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ବିବରଣୀ ଦେଇଥିଲେ ।

# ପତ୍ରାପାଲରେ ହରିନାମ ମହାମନ୍ତ୍ର ଧ୍ୱନିରେ ସ୍ୱାଗତ କଲେ ଇଂରାଜୀ ନବବର୍ଷ

କୁଚିଣ୍ଡା,**୩୧।୧୨:(ମନ୍ଥନ)**ସମ୍ବଲପୁର ଜିଲ୍ଲା କୁଚିଣ୍ଡା ପତ୍ରାପାଲି ରେ ଇଂରାଜୀ ନୂତନ ବର୍ଷ ଆଗମନ ୩୧ ଡିସେମ୍ବର ଏବଂ ୧ ଜାନୁୟାରୀ ୦ ରାତ୍ରି ଆଗମନ ଅବସରରେ ବହୁ ଧୁମଧାମରେ ଠାକୁର ପୂଜା ସାଙ୍ଗକୁ ହରିନାମ ମହାମନ୍ତ୍ର,ଭଜନ,କୀର୍ତ୍ତନ ର ସହିତ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏଠାରେ ବିଶ୍ୱ ଭାତୃତ୍ୱ ଦିବ୍ୟାତ୍ମା ପରିଷଦ ଅଚ୍ୟୁତ ଗୁପ୍ତବ୍ରହ୍ମ ସଂଘ କ୍ଷିତିଜ୍ୟୋତି ଆଶ୍ରମ ପତ୍ରାପାଲି ଶାଖା ପରିବାର ତଥା ସ୍ଥାନୀୟ ଗ୍ରାମବାସୀମାନେ ସମସ୍ତେ ମିଶି ପ୍ରତ୍ୟେକ ବର୍ଷ ନୂତନ ବର୍ଷ ଆଗମନ କୁ ସ୍ୱାଗତ କରାଯାଇଥାଏ । ଯଦିଓ ଏହା ଇଂରାଜୀ ନବବର୍ଷ ଅଟେ, କିନ୍ତୁ ଏଠାରେ ସ୍ଥାନୀୟ ଜନସାଧାରଣଙ୍କ ନିଆରା ପରମ୍ପରା ଦେଖିବାକୁ ମିଳିଥାଏ । ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକାକାର ଭାବେ ସନାତନ ଧର୍ମ ର ଭାତୃତ୍ୱ ରକ୍ଷାକରି ହିନ୍ଦୁ ପରମ୍ପରା ରୀତିନୀତି ରେ ଠାକୁର ଶ୍ରୀ କେଶବ ଚନ୍ଦ୍ର ଙ୍କ ପୂଜା ଓ ସତସଙ୍ଗ ସାଙ୍ଗକୁ ହରିନାମ ମହାମନ୍ତ୍ର ଧ୍ୱନିର ତାଳେତାଳେ ନୂତନ ବର୍ଷ ଆଗମନ କୁ ସ୍ଥାନୀୟ ବାସିନ୍ଦା ସ୍ୱାଗତ କରିଥିଲେ । ଏଥିରେ ପରିଚାଳକ ଅଭିମନ୍ୟୁ ବୁଡ଼ା,ଯଦୁମଣି କୁସୁମ,ଉମେଶ କିଚିଣ୍ଡିଆ,ସୁରେନ୍ଦ୍ର ସଂହସିଆ, ସତ୍ୟନାରାୟଣ ବୁଡା,ଯଶପାଲ ସିଂ,ସୁମିତ୍ରା କୁସୁମ,ପ୍ରଶାନ୍ତ କୁସୁମ,ଭୋଲେଶ୍ୱର କୁସୁମ,ଅତୁଲ୍ୟ ଚନ୍ଦ, ସିଲୁ ସୁନାନୀ,ରିଙ୍କୁ କୁସୁମ,ରାଜୁ ଭାଇ ଙ୍କ ସମେତ ପଡ଼ାର ସମସ୍ତେ ସାମିଲ ହୋଇଥିଲେ ।

# ମହାଦେବ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଗୁର୍ଜିଭଟା ଠାରେ ଅନୁଷ୍ଠିତ

ବଲାଙ୍ଗୀର,**୩୧।୧୨:(ମନ୍ଥନ)**ମହାଦେବ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ତିନି ଦିନ ଧରି ଲୋଇସିଂହା ଗୁର୍ଜିଭଟା ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ମୋଟ ଆଠ ଗୋଟି ଟିମ ଭାଗ ନେଇଥିଲେ ସେମାନେ ହେଲେ ସରଗାଡ଼, ସୂଜିଆ, ସକମା , ଆଗଲପୁର ଗୋଟିଏ ଭାଗ ରେ ଅନ୍ୟ ଭାଗ ରେ ଏସ. ନଗର ବଲାଙ୍ଗୀର, ଲୋଇସିଂହା, ଗେର୍ଡି ଓ ବଲାଙ୍ଗୀର ଭାଗ ନେଇଥିଲେ ,ଭାଗ ୧ ରୁ ସକମା ଓ ଭାଗ ୨ ରୁ ଗେର୍ଡି ଫାଇନାଲ କୁ ଆସି ଆଜି ୧/୦ ଗୋଲ ରେ ଗେର୍ଡି , ସକମା କୁ ହରାଇ ବିଜୟୀ ହୋଇଥିଲା । ଆଜିର ମେନ୍ ଅପ୍ ଦି ମେଚ ଗେର୍ଡି ଟିମ ରୁ ରାମ କିଶୋର ଅଦାବରିଆ। ପାଇଥିବା ବେଳେ ମେନ୍ ଅପ୍ ଦି ସିରିଜ୍ ସକମା ଟିମ ରୁ ଲିପୁନ ବରର୍ଡ଼ି ପାଇଥଲେ । ଆଜି ମୁଖ୍ୟ ଅତିଥି ଭାବେ ବୁର୍ଡା ସରପଞ୍ଚ ସୁଦିପ ସାହୁ ଓ ବାଦି ବାହାଲ ସରପଞ୍ଚ ପ୍ରଶାନ୍ତ କୁମାର ତ୍ରିପାଠୀ ଯୋଗଦାନ କରି ଉଭୟ ଟିମ୍ କୁ ପୁରସ୍କୃତ କରିଥିବା ବେଳେ, ଶିରିଶ ଚନ୍ଦ୍ର ହୋତା ଓ ବିକାଶ ହୋତା ଓ ଗୁର୍ଜିଭଟା ଗ୍ରାମ ଫୁଟବଲ ଏସୋସିଏସନ ଏହାକୁ ଆୟୋଜନ କରିଥିଲେ । ଶେଷରେ ବିଜୟ କୁମାର ହୋତା ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ସନ୍ଦୀପ୍ ତରିଆ, ବିଜୟ ରଣା ଆଦି ମ୍ୟାଚ ରେଫରି ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା ।

# ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ ମଣ୍ଡି ଉଦଘାଟନ

ନୟାଗଡ଼, **୩୧।୧୨:(ମନ୍ଥନ)**ନୟାଗଡ଼ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ ମଣ୍ଡି ଶୁଭାରମ୍ଭ ପୂର୍ବରୁ ଚାଷୀ ମାନେ କଟନୀ ଛଟନୀକୁ ବିରୋଧ କରି ଅନଶନରେ ବସିଥିଲେ । ଧାନ କିଣାର ଶୁଭାରମ୍ଭ ବାଚସ୍ପତି ସୁରମା ପାଢ଼ୀ କରିବାର ଥିଲା । ବାଚସ୍ପତିଙ୍କ ଅନୁପସ୍ଥିତରେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ନୟାଗଡ଼ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ କଟନୀ ଛଟନୀ ହେବ ନାହିଁ ବୋଲି ପ୍ରତିଶୃତି ଦେବାପରେ ଚାଷୀ ମାନେ ଅନଶନ ପ୍ରତ୍ୟାହାର କରିଥିଲେ । ଏହି ପରେ ଖଣ୍ଡପଡା ବିଧାୟକ ଧାନ କିଣାର ଶୁଭାରମ୍ଭ କରିଥିଲେ । ବିଳମ୍ବରେ ବାଚସ୍ପତି ପହଂଚି ପୁଣି ଥରେ ଧାନ କିଣାର ଶୁଭାରମ୍ଭ କରିଥିଲେ ଶୁଭାରମ୍ଭ ସମୟରେ ନୟାଗଡ଼ ଜିଲ୍ଲାପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ ଓ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ ଉପସ୍ଥିତ ଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବାଚସ୍ପତି ତଥା ରଣପୁର ବିଧାୟିକା ସୁରମା ପାଢ଼ୀ ଯୋଗ ଦେଇ ଚଳିତ ବର୍ଷ କଟନୀ ଛଟନୀ ହେବ ନାହିଁ ବୋଲି କହିଥିଲେ । ବାଚସ୍ପତି ଭାଷଣ ଦେଉଥିବା ବେଳେ ଚାଷୀ ପ୍ରଶ୍ନ କରିଥିଲେ କଟନୀ ଛଟନୀ ବନ୍ଦ ହେବ ବୋଲି ସବୁବେଳେ କୁହାଯାଉଛି କିନ୍ତୁ ରୋକାଯାଇପାରୁନାହିଁ, ଚାଷୀଙ୍କୁ ଅଖା ଟଙ୍କା ମିଳୁନି ସେ ଟଙ୍କା ଯାଉଛି କୁଆଡେ । ଧାନ କୁଇଣ୍ଟାଲ ପିଛା କେନ୍ଦ୍ର ସରକାର ୬୯ ଟଙ୍କା ବଢ଼ାଇଥିବା ବେଳେ ରାଜ୍ୟ ସରକାର କାହିଁକି କାଟିଦେଲେ । ଚାଷୀଙ୍କ ପ୍ରଶ୍ନ ବଢ଼ି ଚାଲିଥିବା ବେଳେ ବାଚସ୍ପତି କିଛି ନକହି ଚୁପ ରହିଥିଲେ ।ଏ ଭଳି ସ୍ଥଳେ ଡିଆରସିଏସ ସଭାକୁ ବନ୍ଦ କରିଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ସଭାପତି, ଡିଆରସିଏସ ଅନନ୍ତ ନାୟକ, ଜିଲ୍ଲା ଯୋଗାଣ ଅଧିକାରୀ, ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ଅନିଲ କୁମାର ରାଉତ ଉପସ୍ଥିତ ଥିଲେ ।

# ବିଶ୍ୱ ଓଡ଼ିଆ ପରିବାରର ସାତଦିନିଆ ଖାଦ୍ୟ ମହୋତ୍ସବର ଉଦଯାପନ

ଭୁବନେଶ୍ୱର,**୩୧।୧୨:(ମନ୍ଥନ)** ବିଶ୍ୱ ଓଡ଼ିଆ ପରିବାର ଦ୍ୱାରା ଆୟୋଜିତ ଗତ ୨୩ ତାରିଖରୁ ଆୟୋଜିତ ସାତଦିନିଆ 'ଓଡ଼ିଶା ଖାଦ୍ୟ ମହୋତ୍ସବ-୨୦୨୫'ର ଉଦ୍ୟାପନ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ଶ୍ରୀ ସଜ୍ଜନ ଶର୍ମା ସଭାପତିତ୍ୱରେ ଅନୁଷ୍ଠିତ ଏହି ଜାତୀୟ ଖାଦ୍ୟ ମହୋତ୍ସବ ଓଡ଼ିଶାରେ ପ୍ରଥମ ଓ ଅନନ୍ୟ ଥିଲା। ରାଜ୍ୟର ସମସ୍ତ ଜିଲ୍ଲାର ବିଶିଷ୍ଟ ବ୍ୟଞ୍ଜନ ଉପଲବ୍ଧ ଥିଲା। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ୟୁନିଟ୍ ୩ ସ୍ଥିତ ପ୍ରଦର୍ଶନୀ ପଡ଼ିଆଠାରେ ମହୋତ୍ସବ ନିମନ୍ତେ ୧୪୦ଟି ଷ୍ଟଲ ବ୍ୟବସ୍ଥା କରାଯାଇଥିଲା । ସୂଚନାଯୋଗ୍ୟ ଯେ, ଏହି ପ୍ରଦର୍ଶନୀରେ ଖେଚୁଡ଼ି, ପୁରୀର ବାଡ଼ିଆ। ଡାଲମା, ବିବିଧ ପିଠାମିଠା, କଟକ ଦହିବରା, କୋରାପୁଟ୍ କଫି, ଦେଶୀ କୁକୁଡ଼ା ପତ୍ରପୋଡ଼ା, ବାରିପଦା ମାଂସ ମୁଁ, ଘିଅନ୍ନ ମାଂସ ତରକାରୀ, ରସଗୋଲା, ଛେନାପୋଡ, କ୍ଷୀର ପୋଡ଼ପିଠା, ଜିଆଇ ଟ୍ୟାଗ୍ ପାଇଥିବା ଓଡ଼ିଆ। ଖାଦ୍ୟ, ଜୈବିକ ଚାଉଳ, ହଳଦୀ, ଅଦା ଆଦି ଅନେକ ଓଡ଼ିଆ। ଖାଦ୍ୟ ଦ୍ରବ୍ୟର ସ୍ୱାଦ ଚାଖିବା ପାଇଁ ଶତାଧିକ ଷ୍ଟଲରେ ବିପୁଳ ସଂଖ୍ୟକ ଭିଡ଼ ଦେଖିବାକୁ ମିଳିଥିଲା । ମହୋତ୍ସବର ଅଭ୍ୟର୍ଥନା କମିଟିର ସଂଯୋଜକ ତଥା ବିଶିଷ୍ଟ ସମାଜସେବୀ ଶ୍ରୀ ଜଗନ୍ନାଥ ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମହୋତ୍ସବ ସଫଳତା ସହିତ ସମ୍ପାଦିତ ହୋଇଥିଲା । ପ୍ରଥମ ଦିବସରେ ଓଡ଼ିଶାର ମତ୍ସ୍ୟ, ପଶୁପାଳନ, ଲଘୁ ଉଦ୍ୟୋଗ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଭୁବନେଶ୍ୱର ମହାନଗର ନିଗମର ମେୟର ଶ୍ରୀମତୀ ସୁଲୋଚନା ଦାସ, ପୂର୍ବତନ ସାଂସଦ ଡ଼ଃ ଅମର ପଟ୍ଟନାୟକ,ଏକାମ୍ର ଭୁବନେଶ୍ୱର ବିଧାୟକ ଶ୍ରୀଯୁକ୍ତ ବାବୁ ସିଂ, ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟର କୁଳପତି ପଫେସର ପ୍ରସନ୍ନ କୁମାର ସ୍ୱାଇଁ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଉଦଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ । ଦ୍ୱିତୀୟ ଦିବସରେ ଓଡ଼ିଶାର ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଉପ-ସଭାପତି ଶ୍ରୀ ବୈଜୟନ୍ତ ପଣ୍ଡା, ପିପିଲି ବିଧାୟକ ଶ୍ରୀ ଆଶ୍ରିତ ପଟ୍ଟନାୟକ, ପୂର୍ବତନ ବିଧାୟିକା ଶ୍ରୀମତୀ କୁସୁମ ଟେଟେ, ଓଡ଼ିଶା ଶିଶୁଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ଶ୍ରୀମତୀ ବବିତା ପାତ୍ର ଏବଂ ଓଡ଼ିଶା ଶିଶୁଅଧିକାର ସୁରକ୍ଷା ଆୟୋଗର ସଭ୍ୟା ଶ୍ରୀମତୀ କସ୍ତୁରୀ ମିଶ୍ର ଯୋଗ ଦେଇଥିଲେ । ତୃତୀୟ ଦିବସରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶାର ରାଜ୍ୟସ୍ୱ ବିପର୍ଯ୍ୟ ପ୍ରସମନ ମନ୍ତ୍ରୀ ଶ୍ରୀ ସୁରେଶ ପୁଜାରୀ, ଲୋକ ସେବକ ମଣ୍ଡଳର ସଂପାଦକ ତଥା ସମାଜ ଖବର କାଗଜର ପ୍ରକାଶକ ତଥା ମୁଦ୍ରକ ଶ୍ରୀ ଦୀପକ ମାଳବ୍ୟ ଏବଂ ଅତିଥି ଭାବରେ ବିଶିଷ୍ଟ ସମାଜ ସେବୀ ଶ୍ରୀ ଶଶୀ ଶେଖର ସାହୁ ଉପସ୍ଥିତ ଥିଲେ ।

# ଶିଶୁ ସାହିତ୍ୟିକ ଗୋପୀନାଥ ଦଣ୍ଡସେନାଙ୍କୁ ଶୁଆଶାରୀ ସମ୍ମାନ

ବଲାଙ୍ଗୀର,**୩୧।୧୨:(ମନ୍ଥନ)**ସୁନ୍ଦରଗଡ଼ ଜିଲ୍ଲାର ଟେନସାରୁ ପ୍ରକାଶିତ ଶିଶୁ କିଶୋର ପତ୍ରିକା ଶୁଆ। ଶାରୀ ପତ୍ରିକାର ରୌପ୍ୟ ଜୟନ୍ତୀ ସମାରୋହ ଟେନସା ସୋସିଆଲ ସେଣ୍ଟର୍ ରେ ଅନୁଷ୍ଠିତ ହୋଇଯାଇଛି । ଏଇ ଅବସରରେ କୋଇଡା ବିଡ଼ିଓ, ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଓ ଅନ୍ୟାନ୍ୟ ଅତିଥିମାନେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ବିଧାୟକ ମୁଣ୍ଡା ଶିଶୁ ସାହିତ୍ୟର ଗୁରୁତ୍ୱ ଉପରେ ଆଲୋକପାତ କରି କହିଥିଲେ ଯେ ପ୍ରତ୍ୟେକ ଅଭିଭାବକ ଶିଶୁମାନଙ୍କୁ ନିୟମିତ ଭାବେ ପତ୍ରପତ୍ରିକା ପଢିବାକୁ ଦେବା ଉଚିତ । ପିଲାବେଳୁ ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି ହେଲେ ଆମ ଭାଷା ସାହିତ୍ୟ ଦୀର୍ଘ ଦିନ ଧରି ସମୃଦ୍ଧ ରହିପାରିବ ଓ ଶିଶୁ କିଶୋର ପତ୍ରିକାମାନ ବଞ୍ଚି ରହିବ । ଅନ୍ୟତମ ସମ୍ମାନୀତ ଅତିଥି ବଲାଙ୍ଗିରର ବିଶିଷ୍ଟ ଶିଶୁ ସାହିତ୍ୟିକ ଗୋପୀନାଥ ଦଣ୍ଡସେନା ସମସ୍ତ ଅଭିଭାବକ ମାନେ ପତ୍ରିକା ଖଣ୍ଡେ କିଣି ପିଲାମାନଙ୍କୁ ଦେଲେ ପତ୍ରିକାଟିଏ ଦୀର୍ଘ ବର୍ଷ ଧରି ଶିଶୁଙ୍କ ସେବାରେ ରହି ପାରିବ ବୋଲି ମତ ଦେଇଥିଲେ ।ଦୀର୍ଘ ବର୍ଷ ଧରି ଶିଶୁ ସାହିତ୍ୟ ରଚନା କରିବା ସହ ଶିଶୁ ପତ୍ରିକା ଟିକି କାଇଁଚ ପତ୍ରିକା ପ୍ରକାଶନ କରିବା ପାଇଁ ଶ୍ରୀ ଦଣ୍ଡସେନାଙ୍କୁ ଶୁଆ। ଶାରୀ ସମ୍ମାନ ୨୦୨୫ ରେ ସମ୍ବର୍ଦ୍ଧିତ କରାଯାଇଛି । ଉକ୍ତ ଉତ୍ସବରେ ସମୀର କୁମାର ପାଢ଼ୀଙ୍କ ସମ୍ପାଦିତ ଶିଶୁ ପତ୍ରିକା ଶୁଆ ଶାରୀ ଉନ୍ମୋଚିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ କବି ଦଣ୍ଡସେନାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି।

# ବାଙ୍ଗଲାଦେଶରେ ନିରୀହ ହିନ୍ଦୁମାନଙ୍କୁ ହତ୍ୟା ନିର୍ମମ ହତ୍ୟା ପ୍ରତିବାଦରେ ବଳଦେବ ସେନାର ବିକ୍ଷୋଭ ପ୍ରଦର୍ଶନ

କେନ୍ଦ୍ରାପଡ଼ା,**୩୧।୧୨:(ମନ୍ଥନ)**ବାଂଲାଦେଶରେ ନିରୀହ ହିନ୍ଦୁମାନଙ୍କୁ ନିର୍ମମ ହତ୍ୟା ଘଟଣାର ପ୍ରତିବାଦରେ ବଳଦେବସେନା ପକ୍ଷରୁ ମଙ୍ଗଳବାର ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିର ସିଂହଦ୍ୱାର ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ବିକ୍ଷୋଭରେ ସଂଗଠନର ବହୁ କାର୍ଯ୍ୟକର୍ତ୍ତା ଓ ସମର୍ଥକ ଯୋଗ ଦେଇଥିଲେ। ବିକ୍ଷୋଭକାରୀମାନେ ବାଂଲାଦେଶରେ ଅଳ୍ପସଂଖ୍ୟକ ହିନ୍ଦୁ ସମୁଦାୟଙ୍କ ସୁରକ୍ଷା ତତ୍କାଳ ନିଶ୍ଚିତ କରାଯାଉ ବୋଲି ଦାବି କରିଥିଲେ। କୌଣସି ଦେଶରେ ଧର୍ମ ଆଧାରରେ ନିରୀହ ଲୋକଙ୍କ ଉପରେ



ହିଂସା କେବେ ମଧ ଗ୍ରହଣଯୋଗ୍ୟ ନୁହେଁ। ଯେପରି ଭାବେ ବାଂଲାଦେଶୀ ନାଗରିକ ଦିପୁ ଚନ୍ଦ୍ର ଦାସଙ୍କୁ ଗଛରେ ଝୁଲାଇ ଜୀବନ୍ତ ଦଗ୍ଧ କରାଯାଇଥିବା ଘଟଣା ଘଟିଥିଲା ତାହା ଅତ୍ୟନ୍ତ ହୃଦୟବିଦାରକ। ଏହି ଘଟଣା ସମଗ୍ର ହିନ୍ଦୁ ସମାଜକୁ ବିଚଳିତ କରିଛି। ଦୀର୍ଘ ସମୟ ବିତି ଯାଇଥିଲେ ମଧ ଏହି ଘଟଣାରେ ଦୋଷୀଙ୍କ ବିରୋଧରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ। ଭାରତ ସରକାର ତୁରନ୍ତ ବାଂଲାଦେଶରେ ନିର୍ଯାତିତ ହିନ୍ଦୁମାନଙ୍କ ସୁରକ୍ଷା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ସହିତ ଆବଶ୍ୟକ ହେଲେ ସେମାନଙ୍କୁ ଭାରତରେ ଶରଣାର୍ଥୀ ଭାବେ ରହିବାର ଅନୁମତି ଦିଅନ୍ତୁ ବୋଲି ସେନା ପକ୍ଷରୁ ଦାବି କରାଯାଇଛି। ଏହା ସହ କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ଓ ରାଜନଗର ବ୍ଲକରେ ଅବୈଧ ଭାବେ ବସବାସ କରୁଥିବା ବାଂଲାଦେଶୀ ଅନୁପ୍ରବେଶକାରୀ ମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଦାବି ହୋଇଛି। ଏଥିସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମନ୍ଦିର ସେବକ ଟ୍ରଷ୍ଟି ନୃସିଂହ ଚରଣ ପତ୍ରୀ, ସଭାପତି ପପୁନ କୁମାର ସ୍ୱାଇଁ, ସମ୍ପାଦକ ଅମର କୁମାର ବାରିକ, ଉପଦେଷ୍ଟା ନିରଞ୍ଜନ ମେକାପ, ଉମାକାନ୍ତ ବଳ, ମୁଖପାତ୍ର ଜ୍ୟୋତିରଞ୍ଜନ ପତ୍ରୀ, ସେବକ ରାଜେନ୍ଦ୍ର ପ୍ରସାଦ ପତ୍ରୀ ଓ ଅନ୍ୟ ସଦସ୍ୟ ଆଶିଷ ପ୍ରଧାନ, ଆଶୁତୋଷ ପଣ୍ଡା, ହିମାଂଶୁ ରାଉତ, ପ୍ରକାଶ ଗୋଛୟତ, ଗଣେଶ ଗୋଛୟତ, ସୁବାସ ନାୟକ ଓ ଦିବ୍ୟାଂଶୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା ସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଉଦ୍‌ଘାଟିତ

ନୟାଗଡ଼,**୩୧।୧୨:(ମନ୍ଥନ)**ଆଜି ପୂର୍ବାହ୍ନରେ ଦୁଇ ଦିନିଆ। ଜିଲ୍ଲା ସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ନିର୍ଦ୍ଧାରିତ ଦୁଇ ଘଣ୍ଟା ବିଳମ୍ବରେ ଉଦ୍ଘାଟିତ ହୋଇଯାଇଛି। ସ୍ଥାନୀୟ ଷ୍ଟାଡ଼ିୟମ ଗ୍ରାଉଣ୍ଡରେ ବାଚସ୍ପତି, କଟକ ସାଂସଦ ଓ ପୂରୀ ସାଂସଦଙ୍କ ଅନୁପସ୍ଥିତରେ ଆୟୋଜିତ ଏହି ମେଳାକୁ ଗୋ-ପୂଜନ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ ଖଣ୍ଡପଡ଼ା ବିଧାୟକ ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ। ମତ୍ସ୍ୟଚାଷୀ, ମତ୍ସ୍ୟଜୀବୀ ଓ ପ୍ରାଣିପାଳକଙ୍କ ରୋଜଗାରକୁ ବହୁଗୁଣିତ ତଥା ସେମାନଙ୍କ ଜୀବିକାର ଉନ୍ନତିକରଣ ନିମନ୍ତେ ଓଡ଼ିଶାର ମତ୍ସ୍ୟ ଓ ପ୍ରାଣିସମ୍ପଦ କ୍ଷେତ୍ର ବିଶେଷ କରି ଗ୍ରାମାଞ୍ଚଳର ଆର୍ଥିକ ଅଭିବୃଦ୍ଧି ରେ ଏହି ଦୁଇ କ୍ଷେତ୍ରର ଅଧିକ ଗୁରୁତ୍ୱ ଥିବାରୁ ଶିକ୍ଷିତ ଯୁବ ଗୋଷ୍ଠୀ ଏହି କ୍ଷେତ୍ରରେ ସେମାନଙ୍କର କ୍ୟାରିୟର ଗଢିବାକୁ ବିଧାୟକ ଶ୍ରୀ ସ୍ୱାଇଁ ଆହ୍ୱାନ ଦେଇଥିଲେ । ଏହି ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳାରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୟାଗଡ ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟନାୟକ କହିଥିଲେ ଯେ, ସରକାରଙ୍କ ବିଭିନ୍ନ ଯୋଜନା ଓ ଚାଷୀଙ୍କ ପ୍ରଚେଷ୍ଟା ବଳରେ ଆମେ ଆଜି ସ୍ୱାବଲମ୍ବୀ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଲଗ୍ନଜିତ ରାଉତ କହିଥିଲେ ଶିକ୍ଷିତ ଯୁବ ଗୋଷ୍ଠୀ ମତ୍ସ୍ୟ ଓ ପ୍ରାଣୀ ପାଳନ କୁ ଉଦ୍ୟୋଗ ରୂପରେ ଆଜି ପରିଣତ କରିପାରିବେ । ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଜିଲ୍ଲା ମୁଖ୍ୟ ପ୍ରାଣି ଚିକିତ୍ସା ଅଧିକାରୀ ଡ ବସନ୍ତ କୁମାର ବେହେରା ଓ ଧନ୍ୟବାଦ ପ୍ରଦାନ କରିଥିଲେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଶ୍ରୀ ପ୍ରକାଶ କୁମାର ତ୍ରିପାଠୀ। ଜିଲ୍ଲା ସ୍ତରୀୟ ମେଳା ଆୟୋଜିତ ହୋଇଛି । ଏହି ଦୁଇଦିନିଆ। ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳାରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆଠଶହ ମତ୍ସ୍ୟଚାଷୀ ଓ ସେମାନଙ୍କ ମଧ୍ୟରୁ ଉତ୍କର୍ଷ ସଫଳତା ପାଇଁ ଚାରି ଜଣ ଚାଷୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ସହ କିଛି ଚାଷୀଙ୍କୁ ସେମାନଙ୍କ ନୂତନ ପ୍ରକଳ୍ପ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ଏହି ମେଳାରେ ମତ୍ସ୍ୟ ତଥା ପ୍ରାଣିପାଳନ ବିଭାଗ ପକ୍ଷରୁ ବିଭିନ୍ନ ପ୍ରଜାତିର ମାଛ, ଗାଈ, ଘୁଷୁରି, କୁକୁଡ଼ା ଓ ଛେଳିର ପ୍ରଦର୍ଶନ ସହ ଆଧୁନିକ ମତ୍ସ୍ୟ ପାଳନର ଲାଇଭ ମଡେଲ ଓ ଅନ୍ୟାନ୍ୟ ବିଭାଗର ପ୍ରାୟ ତିରିଶଟି ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

# ରଘୁ ଖୁଣ୍ଟିଆ ଙ୍କ ୨୦୪ ତମ ଜୟନ୍ତୀ ପାଳିତ

ପୁରୀ, **୩୧।୧୨:(ମନ୍ଥନ)**ଦେଶର ସୁରକ୍ଷା ଓ ଗୌରବ ପାଇଁ ବିପ୍ଳବୀ ରଘୁ ଖୁଣ୍ଟିଆ। ବା ଚନ୍ଦନ ହଜୁରୀଙ୍କର ଅବଦାନ ଅତୁଳନୀୟ।ସେ ଏପରି ଜଣେ ବୀର ଯିଏ ଦେଶ ମାତୃକାର ସେବା ସହ ମହାପ୍ରଭୁଙ୍କ ସେବା ରେ ମଧ ସମର୍ପିତ ଥିଲେ ବୋଲି କହିଛନ୍ତି ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା। ଆଜି ପୂର୍ବାହ୍ନରେ ସଦଭାବନା ସଭାଗୃହ ଠାରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ରଘୁ ଖୁଣ୍ଟିଆ। ସ୍ମୃତି ସମିତି ର ମିଳିତ ସହଯୋଗରେ ରଘୁ ଖୁଣ୍ଟିଆଙ୍କର ୨୦୪ ତମ ଜୟନ୍ତୀ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୌର ନିର୍ବାହୀ ଅଧିକାରୀ ଶ୍ରୀ ବେହେରା ମହାପୁରୁଷ ମାନଙ୍କର ସେବା ତ୍ୟାଗ ଓ ବଳିଦାନ ସମ୍ପର୍କରେ ଆଗାମୀ ପିଢ଼ି କୁ ଅବଗତ କରାଯିବା ଉଚିତ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପିକେଡିଏ ସଚିବ ଦିଲ୍ଲୀପ କୁମାର ମହାରଣା ରଘୁ ଖୁଣ୍ଟିଆ। ଙ୍କ ତ୍ୟାଗ ଓ ବୀରତ୍ୱର କଥା କାଳ କାଳକୁ ପ୍ରତିଟି ଓଡ଼ିଆ। ଙ୍କୁ ଉଦବୁଦ୍ଧ କରିବ ବୋଲି କହିବା ସହ ଆମ ମହାନ ପରମ୍ପରା ଓ ଗୌରବ କୁ ଆଗକୁ ନେବାକୁ ଶପଥ ନେବାକୁ ମତ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ପ୍ରଫେସର ଅସିତ କୁମାର ମହାନ୍ତି ରଘୁ ଖୁଣ୍ଟିଆ। ଙ୍କ ଜନ୍ମ, ନାମର ସାର୍ଥକତା, କର୍ମ,ସଂଗ୍ରାମ, ଦେଶପ୍ରେମ, ଆଧ୍ୟାତ୍ମିକତା, ରଘୁ ଙ୍କ ଦ୍ୱାରା ରଚିତ ଜଗନ୍ନାଥ ଜଣାଣ ଭଜନ ସମ୍ପର୍କରେ ବିଷଦ ଆଲୋକପାତ କରିଥିଲେ। ରଘୁ ଖୁଣ୍ଟିଆ। ଓ ଜୟୀ ରାଜଗୁରୁ ଙ୍କ ପରି ପ୍ରଥମ ଓ ପ୍ରଧାନ ସଂଗ୍ରାମୀ ମାନଙ୍କ ସମ୍ପର୍କରେ ଅଧିକ ପ୍ରାମାଣିକ ତଥ୍ୟ ଆଧାରିତ ଗବେଷଣା ଜରୁରୀ ବୋଲି ସେ କହିବା ସହ ଯୁବ ପିଢି ଏହା ଉପରେ ଅଧିକ ମନୋନିବେଶ ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରଘୁ ଙ୍କ ଦାୟାଦ ହଜୁରୀ ନୀଳକଣ୍ଠ ଖୁଣ୍ଟିଆ, ସ୍ମୃତି ସମିତିର କାର୍ଯ୍ୟକାରୀ ସଭାପତି ତଥା ଉତ୍ସବ ର ସଭାପତି ମାୟାଧର ମହାରଣା ରଘୁ ଙ୍କ ଜୀବନୀ ଓ କାର୍ଯ୍ୟ ଧାରା ସମ୍ପର୍କରେ ଆଲୋଚନା କରି ତାଙ୍କ ପରି ଦୁର୍ଦ୍ଧଶ ସଂଗ୍ରାମୀ ପୁରୀ ମାଟିରେ ଜନ୍ମ ନେବା ଅତ୍ୟନ୍ତ ଗୌରବର କଥା । ତାଙ୍କରି ଭଳି ସାହସୀ ଓ ଦେଶ ପ୍ରେମୀ ହେବାକୁ ସେମାନେ ଅନୁରୋଧ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ମଞ୍ଚ ପରିଚାଳନା କରିବା ସହ ସମସ୍ତଙ୍କୁ ସ୍ୱାଗତ, ଅତିଥି ପରିଚୟ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ରଘୁ ଖୁଣ୍ଟିଆ। ସ୍ମୃତି ସମିତି ସମ୍ପାଦକ ଧ୍ରୁବ ଚରଣ କର ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଉଲ୍ଲେଖନୀୟ ଅବଦାନ ପାଇଁ ଭଗବାନ ସୁଆର ଓ ଫକୀର ପଣ୍ଡାଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ । ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତି ପ୍ରତଯୋଗୀ ଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ସେହିପରି ଗଙ୍ଗାଧର ହାଇସ୍କୁଲ ର ଏନସିସି ଓ ଘୋଡ଼ା ବଜାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଗାଇଡ ଟିମକୁ ଶୃଙ୍ଖଳା ରକ୍ଷା ପାଇଁ ପୁରସ୍କୃତ କରାଯାଇଥିଲା । ଶ୍ରୀପର୍ଣ୍ଣା କଳା ପରିଷଦ ସ୍ୱାଗତ ସଂଗୀତ ଓ ରଘୁ ଙ୍କ ରଚିତ ଭଜନ ପରିବେଷଣ କରିଥିଲେ।ଶେଷରେ ଅନାମ ଚନ୍ଦ୍ର ସାହୁ ,ଶିବ ସୁନ୍ଦର ମିଶ୍ର ଓ କ୍ରିଷ୍ଣା ମହାପାତ୍ର ଙ୍କ ସଂଯୋଜନା ରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟୁଷରୁ ପୁରୀ କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ ଙ୍କ କାର୍ଯ୍ୟାଳୟ ଠାରେ ରଘୁ ଖୁଣ୍ଟିଆ। ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯାଇଥିଲା । ଉପରୋକ୍ତ ଅତିଥି ମାନଙ୍କ ସହ କୃଷ୍ଣଚନ୍ଦ୍ର ମିଶ୍ର, ଗଣେଶ୍ୱର ପ୍ରହରାଜ, ସୁକାନ୍ତ ପଣ୍ଡା, ଅଖିଳ କୁମାର ଦଳାଇ, ବିଜୟ ଦାସ,ଅନାମ ଚରଣ ସାହୁ, ଶିବ ସୁନ୍ଦର ମିଶ୍ର, ସୂର୍ଯ୍ୟ ନାରାୟଣ ମିଶ୍ର,ବିଭୁଦାନନ୍ଦ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ମାଲ୍ୟାର୍ପଣ କରିବା ସହ ସ୍ମୃତି ଚାରଣ କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନ ର ଛାତ୍ରଛାତ୍ରୀ ଯୋଗ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

# ଜିଲ୍ଲାର ବିଭିନ୍ନ ସମସ୍ୟା ଉପରେ ସାମ୍ବାଦିକଙ୍କ ସହ ଜିଲ୍ଲାପାଳଙ୍କ ଆଲୋଚନା

କେନ୍ଦ୍ରାପଡ଼ା,**୩୧।୧୨:(ମନ୍ଥନ)**ମଙ୍ଗଳବାର ଅପରାହ୍ନରେ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର. ଆୟର ସମସ୍ତ ଛାପା ଏବଂ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିଛନ୍ତି। କେନ୍ଦ୍ରାପଡା ଜିଲ୍ଲାରେ ଜିଲ୍ଲାଠାରୁ ଆରମ୍ଭ କରି ବ୍ଲକ ପର୍ଯ୍ୟନ୍ତ ଓସ୍ୱାସ ଫାଇଲ କାର୍ଯ୍ୟ, ନଭେମ୍ବର ମାସରୁ ଆରମ୍ଭ ହୋଇଥିବା ରାଜସ୍ୱ ଜନଅଭିଯୋଗ ଶୁଣାଣି ଶିବିର ଛଡା ପ୍ରତ୍ୟେକ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଏବଂ ପୂର୍ବରୁ ଅଭିଯୋଗ ଶୁଣାଣି ଶିବିରରେ ଆସିଥିବା ଅଭିଯୋଗ ଗୁଡିକର ସମୀକ୍ଷା ସହ ୧ ତାରିଖରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୭୦ଟି ନୂତନ ଶଯ୍ୟା ଆରମ୍ଭ କରାଯାଉଥିବା ଜିଲ୍ଲାପାଳ କହିଛନ୍ତି। ଏହାଛଡା ଏମଏସଏମଇ ପାର୍କ ନିର୍ମାଣ ହେବ ବୋଲି ଜିଲ୍ଲାପାଳ କହିଛନ୍ତି। ଏତଦ୍‌ବ୍ୟତୀତ ସାମ୍ବାଦିକ ମାନେ ଜିଲ୍ଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ରାସ୍ତା,



ଜଳସେଚନ, ପାନୀୟ ଜଳ, ଟ୍ରାଫିକ ସମସ୍ୟା, ଭୁତଳ ଜଳ, ରାସ୍ତା ପ୍ରଶସ୍ତିକରଣ, ବେଆଇନ ପାର୍କିଂ, ଦାଦନ ସମସ୍ୟା ସମେତ ସାମ୍ବାଦିକଙ୍କ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଗୃହ ଯୋଗାଇଦେବା ଇତ୍ୟାଦି ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଏହି ସାକ୍ଷାତକାର କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକିର ମୋହନ ମାଝୀ ଉପସ୍ଥିତ ଥିଲେ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ୨୦୨୬ରେ ଭାରତର ଭବିଷ୍ୟତ

୨୦୨୬ ମସିହାରେ ଭାରତର ଭବିଷ୍ୟତ, ଅଭିବୃଦ୍ଧି, ଚ୍ୟାଲେଞ୍ଜ ଏବଂ ବିଶ୍ୱ ଆକାଂକ୍ଷା ଭାରତ ଏହାର ଇତିହାସର ଏକ ନିର୍ଣ୍ଣାୟକ ମୁହୂର୍ତ୍ତରେ ଠିଆ ହୋଇଛି । ବିଶ୍ୱର ସବୁଠାରୁ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ର ଏବଂ ଦ୍ରୁତତମ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତି ମଧ୍ୟରୁ ଗୋଟିଏ ଭାବରେ, ୨୦୨୬ ଆଡକୁ ଭାରତର ଯାତ୍ରା ବିଶାଳ ପ୍ରତିଶ୍ରୁତି ଏବଂ ଜଟିଳ ଚ୍ୟାଲେଞ୍ଜ ଉଭୟକୁ ପ୍ରତିଫଳିତ କରେ । ୨୦୨୬ ପର୍ଯ୍ୟନ୍ତ ବର୍ଷଗୁଡିକ ଦେଶର ପରିବର୍ତ୍ତନର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟକୁ ପ୍ରତିନିଧିତ୍ୱ କରେ - ଅର୍ଥନୈତିକ, ରାଜନୈତିକ, ସାମାଜିକ ଏବଂ ପ୍ରଯୁକ୍ତିଗତ ଦୃଷ୍ଟିରୁ । ଏକ ଯୁବ ଜନସଂଖ୍ୟା, ବିସ୍ତାରିତ ଡିଜିଟାଲ ଭିତିଭୂମି, ବର୍ଦ୍ଧିତ ବିଶ୍ୱ ପ୍ରଭାବ ଏବଂ ମହତ୍ୱାକାଂକ୍ଷୀ ଜାତୀୟ କାର୍ଯ୍ୟକ୍ରମ ସହିତ, ଭାରତ ଏକ ଭବିଷ୍ୟତ ଗଠନ କରୁଛି ଯାହା ଅନ୍ତର୍ଭୁକ୍ତ ଏବଂ ସ୍ଥିରତା ସହିତ ଅଭିବୃଦ୍ଧିକୁ ସନ୍ତୁଳିତ କରିବା ଲକ୍ଷ୍ୟ ରଖିଛି । ୨୦୨୬ ସୁଦ୍ଧା, ଭାରତକୁ କେବଳ ଏହାର ଅର୍ଥନୈତିକ ଆକାର ଦ୍ୱାରା ନୁହେଁ ବରଂ ଏହା ଏହାର ନାଗରିକମାନଙ୍କୁ ପ୍ରଦାନ କରୁଥିବା ଜୀବନର ଗୁଣବତା, ଏହାର ପ୍ରତିଷ୍ଠାନର ଶକ୍ତି ଏବଂ ବିଶ୍ୱ ସମସ୍ୟା ସମାଧାନରେ ଏହାର ଭୂମିକା ଦ୍ୱାରା ମଧ୍ୟ ବିଚାର କରାଯିବ । ଏହି ପ୍ରବନ୍ଧରେ ଅର୍ଥନୀତି, ଶାସନ, ପ୍ରଯୁକ୍ତିବିଦ୍ୟା, ଶିକ୍ଷା, ପରିବେଶ, ସାମାଜିକ ପରିବର୍ତ୍ତନ ଏବଂ ବିଶ୍ୱ ସ୍ତରରେ ଭାରତର ସ୍ଥିତି ଭଳି ପ୍ରମୁଖ ଦିଗଗୁଡିକ ପରୀକ୍ଷା କରି ୨୦୨୬ ମସିହାରେ ଭାରତର ଭବିଷ୍ୟତ ଅନୁସନ୍ଧାନ କରାଯାଇଛି । ଆର୍ଥିକ ଭବିଷ୍ୟତ : ପରିବର୍ତ୍ତନ ସହିତ ଅଭିବୃଦ୍ଧି ଆର୍ଥିକ ବିସ୍ତାର ଏବଂ ଜିଡିପି ଅଭିବୃଦ୍ଧି ଭାରତର ଅର୍ଥନୀତି ନିରନ୍ତର ଭାବରେ ସ୍ଥିରତା ପ୍ରଦର୍ଶନ କରିଛି । ୨୦୨୬ ସୁଦ୍ଧା, କ୍ରୟ ଶକ୍ତି ଏବଂ ସାମଗ୍ରିକ ଅଭିବୃଦ୍ଧି ହାର ଦୃଷ୍ଟିରୁ ଭାରତ ବିଶ୍ୱର ଶ୍ରେଷ୍ଠ ଅର୍ଥନୀତି ମଧ୍ୟରେ ରହିବ ବୋଲି ଆଶା କରାଯାଉଛି । ମେକ୍ ଇଣ୍ଡିଆ, ଆତ୍ମନିର୍ଭର ଭାରତ ଏବଂ ଭିତିଭୂମି-ନେତୃତ୍ୱଗତ ବିକାଶ ଭଳି ସରକାରୀ ପଦକ୍ଷେପ ନିରନ୍ତର ଅର୍ଥନୀତି ପ୍ରସାର ପାଇଁ ମୂଳଦୁଆ ପକାଇଛି । ଉତ୍ପାଦନ, ସେବା ଏବଂ କୃଷି - ଭାରତର ତିନୋଟି ଅର୍ଥନୈତିକ ସ୍ତମ୍ଭ-ସାଂରଚନିକ ପରିବର୍ତ୍ତନର ସମ୍ମୁଖୀନ ହେଉଛି । ଶିଳ୍ପ କରିଡର, ଇଲେକ୍ଟ୍ରୋନିକ୍ସ ଉତ୍ପାଦନ, ପ୍ରତିରକ୍ଷା ଉତ୍ପାଦନ ଏବଂ ସେମିକଣ୍ଡକ୍ଟର ପଦକ୍ଷେପ ମାଧ୍ୟମରେ ଉତ୍ପାଦନ ନୂତନ ଧ୍ୟାନ ପାଉଛି । ସେବା କ୍ଷେତ୍ର, ବିଶେଷ କରି ଓଞ୍ଚ, ଫିନଟେକ୍, ସ୍ୱାସ୍ଥ୍ୟସେବା ଏବଂ ପର୍ଯ୍ୟଟନ, ନିଯୁକ୍ତି ଏବଂ ରପ୍ତାନୀକୁ ଆଗକୁ ବଢାଇ ଚାଲିଛି । ଷ୍ଟାର୍ଟଅପ୍ ଏବଂ ଉଦ୍ୟୋଗିତା ଭାରତ ବିଶ୍ୱର ସର୍ବବୃହତ ଷ୍ଟାର୍ଟଅପ୍ ଇକୋସିଷ୍ଟମ ମଧ୍ୟରୁ ଗୋଟିଏ ଭାବରେ ଉଭା ହୋଇଛି । ୨୦୨୬ ସୁଦ୍ଧା, ନବସୃଜନ, ନିଯୁକ୍ତି ସୃଷ୍ଟି ଏବଂ ଆଂଚଳିକ ବିକାଶରେ ଷ୍ଟାର୍ଟଅପ୍ ଆହୁରି ବଡ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି । ଡିଜିଟାଲ୍ ପେମେଂଟ, ସରକାରୀ ସମର୍ଥିକ ପାଣ୍ଠି ଏବଂ ଇନକ୍ୟୁବେଟରଗୁଡିକର ସହଜ ପ୍ରବେଶ ସହିତ, ଉଦ୍ୟୋଗ ପ୍ରମୁଖ ସହରଗୁଡିକ ବାହାରେ ଟାଇର୍-୨ ଏବଂ ଟାଇର୍-୩ ଅଂଚଳରେ ବିସ୍ତାର ହେଉଛି । ନିଯୁକ୍ତି ଏବଂ ଦକ୍ଷତା ବିକାଶ ନିଯୁକ୍ତି ସୃଷ୍ଟି ଭାରତର ସବୁଠାରୁ ବଡ ଚ୍ୟାଲେଞ୍ଜ ମଧ୍ୟରୁ ଗୋଟିଏ । ଭବିଷ୍ୟତର ଅର୍ଥନୀତି କୃତ୍ରିମ ବୁଦ୍ଧିମତା, ତଥ୍ୟ ବିଜ୍ଞାନ, ନବୀକରଣୀୟ ଶକ୍ତି, ଜୈବ ପ୍ରଯୁକ୍ତିବିଦ୍ୟା ଏବଂ ଉନ୍ନତ ଉତ୍ପାଦନ କ୍ଷେତ୍ରରେ ଦକ୍ଷତା ଦାବି କରେ । ସରକାରଙ୍କ ନେତୃତ୍ୱାଧୀନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଏବଂ ଘରୋଇ କ୍ଷେତ୍ରର ସହଯୋଗ ଭାରତର ଜନସଂଖ୍ୟାଗତ ଲାଭାଂଶକୁ ବୋଝ ବଦଳରେ ଆର୍ଥିକ ଲାଭରେ ପରିଣତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ । ରାଜନୀତି ଏବଂ ଶାସନ : ସ୍ଥିରତା ଏବଂ ସଂସ୍କାର ଗଣତାନ୍ତ୍ରିକ ଶକ୍ତି ଭାରତର ଗଣତନ୍ତ୍ର ଏହାର ସର୍ବବୃହତ ଶକ୍ତି ମଧ୍ୟରୁ ଗୋଟିଏ ଅଟେ । ୨୦୨୬ ସୁଦ୍ଧା, ଶାସନ କ୍ରମଶଃ ସ୍ୱଚ୍ଛତା, ଡିଜିଟାଲ ସିଷ୍ଟମ ଏବଂ ନାଗରିକ ଅଂଶଗ୍ରହଣ ଉପରେ ନିର୍ଭର କରିବ । ଇ-ଗଭର୍ଣ୍ଣାନ୍ସ ପ୍ଲାଟଫର୍ମ, ଡିଜିଟାଲ ଚିହ୍ନଟକରଣ ଏବଂ ପ୍ରତ୍ୟକ୍ଷ ଲାଭ ସ୍ଥାନାନ୍ତର ପୂର୍ବରୁ ଦୁର୍ନୀତି ହ୍ରାସ କରିଛି ଏବଂ ଦକ୍ଷତାରେ ଉନ୍ନତି ଆଣିଛି । ନୀତି ନିରନ୍ତରତା ଏବଂ ସାଂଗଠନିକ ସଂସ୍କାର ଦୀର୍ଘକାଳୀନ ପ୍ରଗତି ପାଇଁ, ନୀତି ନିରନ୍ତରତା ଅତ୍ୟାବଶ୍ୟକ । କର, ଶ୍ରମ ଆଇନ ଏବଂ ସରକାରୀ କ୍ଷେତ୍ର ଦକ୍ଷତାରେ ସାଂଗଠନିକ ସଂସ୍କାର ଏକ ଅଧିକ ପ୍ରତିଯୋଗିତାମୂଳକ ଅର୍ଥନୀତି ଗଠନ କରୁଛି । ନ୍ୟାୟିକ ସଂସ୍କାର, ପୋଲିସ ଆଧୁନିକୀକରଣ ଏବଂ ପ୍ରଶାସନିକ ଦକ୍ଷତା ନିରନ୍ତର ଧ୍ୟାନ ଦେବା ଆବଶ୍ୟକ କରୁଥିବା କ୍ଷେତ୍ର ରହିଛି । ସଂଘୀୟତା ଏବଂ ରାଜ୍ୟ ବିକାଶ ଭାରତର ସଂଘୀୟ ଗଠନ ରାଜ୍ୟଗୁଡିକୁ ଅଭିବୃଦ୍ଧିର ଇଞ୍ଜିନ ଭାବରେ କାର୍ଯ୍ୟ କରିବାକୁ ଅନୁମତି ଦିଏ । ପ୍ରତିଯୋଗିତାମୂଳକ ସଂଘୀୟତା ଯେଉଁଠାରେ ରାଜ୍ୟଗୁଡିକ ନିବେଶ ଆକର୍ଷିତ କରିବା ଏବଂ ଶାସନ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ପ୍ରତିଯୋଗିତା କରନ୍ତି - ଭାରତର ଭବିଷ୍ୟତ ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ୨୦୨୬ ସୁଦ୍ଧା, ସଫଳ ରାଜ୍ୟଗୁଡିକ ଅନ୍ୟମାନଙ୍କ ପାଇଁ ବିକାଶ ମଡେଲ ଭାବରେ କାର୍ଯ୍ୟ କରିପାରନ୍ତି । ପ୍ରଯୁକ୍ତିବିଦ୍ୟା ଏବଂ ଡିଜିଟାଲ ଇଣ୍ଡିଆ ଡିଜିଟାଲ ପରିବର୍ତ୍ତନ ଭାରତର ଡିଜିଟାଲ ବିପ୍ଳବ ଏହାର ଭବିଷ୍ୟତ ଗଠନ କରୁଥିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାରଣ ମଧ୍ୟରୁ ଗୋଟିଏ । ବ୍ୟାପକ ଇଂଟରନେଟ୍ ପ୍ରବେଶ, ସୁଲଭ ସ୍ମାର୍ଟଫୋନ୍ ଏବଂ ଡିଜିଟାଲ ପେମେଂଟ ସିଷ୍ଟମ ସହିତ, ଭାରତ ଏକ ଦୃଢ ଡିଜିଟାଲ ସାର୍ବଜନୀନ ଭିତିଭୂମି ସୃଷ୍ଟି କରିଛି । ୨୦୨୬ ସୁଦ୍ଧା, ଡିଜିଟାଲ ପ୍ଲାଟଫର୍ମଗୁଡିକ ଶାସନ, ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ବାଣିଜ୍ୟରେ ଗଭୀର ଭାବରେ ସଂଲଗ୍ନ ହେବ । କୃତ୍ରିମ ବୁଦ୍ଧିମତା, ମେସିନ୍ ଲର୍ଣ୍ଣିଂ, ବ୍ଲକଚେନ୍ ଏବଂ ରେବୋଟିକ୍ସ ଗ୍ରହଣ କରୁଛି । ଏହି ପ୍ରଯୁକ୍ତବିଦ୍ୟାଗୁଡିକ କୃଷି, ଉତ୍ପାଦନ, ସ୍ୱାସ୍ଥ୍ୟସେବା ନିଦାନ ଏବଂ ସହରାଚଂଳ ଯୋଜନାରେ ଉତ୍ପାଦକତାକୁ ଉନ୍ନତ କରୁଛି । ମହାକାଶ ଏବଂ ବିଜ୍ଞାନ ଭାରତର ମହାକାଶ କାର୍ଯ୍ୟକ୍ରମ ବିଶ୍ୱସ୍ତରୀୟ ସ୍ୱୀକୃତି ହାସଲ କରିବା ଜାରି ରଖିଛି । ୨୦୨୬ ସୁଦ୍ଧା, ସାଟେଲାଇଟ୍ ପ୍ରଯୁକ୍ତିବିଦ୍ୟା, ମହାକାଶ ଅନୁସନ୍ଧାନ ଏବଂ ଘରୋଇ କ୍ଷେତ୍ରର ଅଂଶଗ୍ରହଣରେ ଉନ୍ନତି ଏକ ଅଗ୍ରଣି ମହାକାଶ-ପଥ ରାଷ୍ଟ୍ର ଭାବରେ ଭାରତର ସ୍ଥିତିକୁ ସୁଦୃଢ କରିବ । ଶିକ୍ଷା ଏବଂ ଯୁବପିଢି: ପରବର୍ତୀ ପିଢିକୁ ଗଠନ କରିବା ଶିକ୍ଷା ସଂସ୍କାର ଶିକ୍ଷା ଭାରତର ଦୀର୍ଘକାଳୀନ ସଫଳତା ନିର୍ଣ୍ଣୟ କରିବ । ଧାରଣାଗତ ଶିକ୍ଷା, ଡିଜିଟାଲ ଉପକରଣ ଏବଂ ବୃତିଗତ ତାଲିମ ଉପରେ ଗୁରୁତ୍ୱାରୋପ କରାଯାଉଥିବା ସଂସ୍କାରଗୁଡିକ ଭବିଷ୍ୟତ କ୍ୟାରିଅର ପାଇଁ ଛାତ୍ରଛାତ୍ରୀମାନଙ୍କୁ ପ୍ରସ୍ତୁତ କରିବା ଲକ୍ଷ୍ୟ ରଖିଛି । ଅନଲାଇନ ଶିକ୍ଷା ପ୍ଲାଟଫର୍ମ ଏବଂ ମିଶ୍ରିତ ଶିକ୍ଷା ମଡେଲଗୁଡିକ ଗୁଣାତ୍ମକ ଶିକ୍ଷାକୁ ଅଧିକ ସୁଲଭ ଉଚ୍ଚଶିକ୍ଷା ଏବଂ ଗବେଷଣା ୨୦୨୬ ସୁଦ୍ଧା ଭାରତର ବିଶ୍ୱବିଦ୍ୟାଳୟ ଏବଂ ଗବେଷଣା ପ୍ରତିଷ୍ଠାନଗୁଡିକ ବିଶ୍ୱ ରାଙ୍କିଂରେ ଉନ୍ନତି ଆଣିବାର ଆଶା କରାଯାଇଛି । ଗବେଷଣା, ନବସୃଜନ କେନ୍ଦ୍ର ଏବଂ ଆନ୍ତର୍ଜାତୀୟ ସହଯୋଗରେ ବୃଦ୍ଧି ପାଉଥିବା ନିବେଶ ଶୈକ୍ଷିକ ଗୁଣବତା ଏବଂ ନବସୃଜନ ଉତ୍ପାଦନକୁ ବୃଦ୍ଧି କରିବ । ଯୁବ ଶକ୍ତି ଭାରତର ଯୁବ ଜନସଂଖ୍ୟା ଏହାର ସର୍ବଶ୍ରେଷ୍ଠ ସମ୍ପତି । ୨୦୨୬ ସୁଦ୍ଧା, ଯୁବ ଭାରତୀୟ ଉଦ୍ୟୋଗିତା, ରାଜନୀତି, ବିଜ୍ଞାନ ଏବଂ ସାମାଜିକ ପରିବର୍ତ୍ତନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ । ଏହି ପିଢିକୁ ସଶକ୍ତ କରିବା ପାଇଁ ମାନସିକ ସ୍ୱାସ୍ଥ୍ୟ ସହାୟତା, ନିଯୁକ୍ତି ସୁଯୋଗ ଏବଂ ଅନ୍ତର୍ଭୁକ୍ତିକରଣ ଅଭିବୃଦ୍ଧି ସୁନିଶ୍ଚିତ କରିବା ପାଇଁ ମାନସିକ ସ୍ୱାସ୍ଥ୍ୟ ସହାୟତା, ନିଯୁକ୍ତି ସୁଯୋଗ ଏବଂ ଅନ୍ତର୍ଭୁକ୍ତିକରଣ ଅଭିବୃଦ୍ଧି ସୁନିଶ୍ଚିତ କରିବା ଗୁରୁତ୍ୱପୂର୍ଣ୍ଣ ହେବ । ସ୍ୱାସ୍ଥ୍ୟସେବା ଏବଂ ସାମାଜିକ ବିକାଶ ସ୍ୱାସ୍ଥ୍ୟସେବା ଭିତିଭୂମି ମହାମାରୀ ଏକ ଦୃଢ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଗୁରୁତ୍ୱକୁ ଆଲୋକପାତ କରିଥିଲା । ୨୦୨୬ ସୁଦ୍ଧା, ହସ୍ପିଟାଲ, ଡିଜିଟାଲ୍ ସ୍ୱାସ୍ଥ୍ୟ ରେକର୍ଡ, ଟେଲିମେଡିସିନ୍ ଏବଂ ଚିକିତ୍ସା ଗବେଷଣାରେ ନିବେଶ ପ୍ରବେଶ ଏବଂ ସୁଲଭତାକୁ ଉନ୍ନତ କରିବ ବୋଲି ଆଶା କରାଯାଇଛି । ସମାଜ କଲ୍ୟାଣ ଏବଂ ଅନ୍ତର୍ଭୁକ୍ତିକରଣ ଭାରତର ଭବିଷ୍ୟତ ଅନ୍ତର୍ଭୁକ୍ତିକରଣ ବିକାଶ ଉପରେ ନିର୍ଭର କରେ । ଦାରିଦ୍ର୍ୟ ହ୍ରାସ, ମହିଳା ସଶକ୍ତିକରଣ ଏବଂ ସାମାଜିକ ନ୍ୟାୟ ପାଇଁ ଲକ୍ଷ୍ୟ ରଖାଯାଇଥିବା କାର୍ଯ୍ୟକ୍ରମଗୁଡିକ ଧୀରେ ଧୀରେ ଜୀବନଧାରଣ ମାନକୁ ଉନ୍ନତ କରୁଛି । ୨୦୨୬ ସୁଦ୍ଧା, ପୁଷ୍ଟିସାର ପରିମଳ, ଏବଂ ଗୃହ ଉପରେ ଅଧିକ ଧ୍ୟାନ ମାନବ ବିକାଶ ସୂଚକକୁ ମଜବୁତ କରିବ । ପରିବେଶ ଏବଂ ସ୍ଥିରତା ଜଳବାୟୁ ପରିବର୍ତ୍ତନ ଏବଂ ଶକ୍ତି ପରିବର୍ତ୍ତନ ଭାରତ ପ୍ରଦୂଷଣ, ଜଳ ଅଭାବ ଏବଂ ଜଳବାୟୁ, ପରିବର୍ତ୍ତନ ସମେତ ଗମ୍ଭୀର ପରିବେଶଗତ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି ।

# ପ୍ରାର୍ଥନା ଦିବସ ଓ ବିଶ୍ୱଶାନ୍ତି ପରିକଳ୍ପନା

## ହେମନ୍ତ କୁମାର ପରିଡ଼ା

ଯେତେବେଳେ ସୃଷ୍ଟିରେ ସଙ୍କଟ ଆସେ ସେତେବେଳେ ସଙ୍କଟ ମୋଚନ ପାଇଁ ସୃଷ୍ଟିକର୍ତ୍ତାଙ୍କୁ ପ୍ରାର୍ଥନା କରାଯାଏ । ମଣିଷ ତ ମଣିଷ ଏପରିକି ଦେବତାମାନେ ମଧ୍ୟ ସଙ୍କଟର ସମାଧାନ ପାଇଁ ପ୍ରାର୍ଥନାର ଆଶ୍ରୟ ନେଇଥାନ୍ତି । ଭାଗବତରେ କୁହାଯାଇଛି 'ସକଳ ହୋଇ ଏକମୁଖ ଡାକିଲେ ନାରାୟଣ ରଖ ।' ଭଗବାନଙ୍କୁ ସଙ୍କଟର ସମାଧାନ ପାଇଁ ପ୍ରାର୍ଥନା କରିବା ହେଉଛି ଦୁଃଖ ଦୂର ହେବାର ଏକମାତ୍ର ବାଟ । ପ୍ରାର୍ଥନା ହେଉଛି ଭଗବାନଙ୍କ ପାଖରେ ପହଞ୍ଚିବାର ସଂଯୋଗ ସେତୁ । ବର୍ତ୍ତମାନର ବିଶ୍ୱ ଏକ ଭୟଙ୍କର ସଙ୍କଟମୟ ଅବସ୍ଥା ଦେଇ ଗତି କରୁଛି । ମଣିଷ ମନକୁ ଦୁଃଖ ଦୈନ୍ୟ ଆତଙ୍କର ଭୟ ଗ୍ରାସ କରି ରଖିଛି । ସର୍ବତ୍ର ଶଙ୍କା, ସନ୍ଦେହ, ଅବିଶ୍ୱାସ ଲୋଭ, ହିଂସା ପରଶ୍ରୀକାତରତାର ବାତାବରଣ । ଶ୍ରଦ୍ଧା, ପ୍ରେମ, ଶାନ୍ତି, ଆନନ୍ଦ ଭଳି ଦିବ୍ୟଗୁଣ ଯେପରି ହଜି ହଜି ଯାଉଛି । ଆମର ଶାସ୍ତ୍ର ପୁରାଣ ଓ ଅନୁଭବି ପୂର୍ବଜ ମହାପୁରୁଷମାନେ ଉପଦେଶ ଦେଇଛନ୍ତି ବିପଦ ପଡ଼ିଲେ ବିପଦ ଭଞ୍ଜନ ହରିଙ୍କୁ ପ୍ରାର୍ଥନା ହିଁ ଆମକମୁ ବିପଦରୁ ରକ୍ଷା କରିବ ।

ସଂସାରର ଏହିସବୁ ସମସ୍ୟାକୁ ଅନୁଭବ କରି ଶିବାନନ୍ଦ ଆଶ୍ରମ କେନ୍ଦ୍ରାପଡ଼ାର ଅଧକ୍ଷା ପୂଜ୍ୟା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ବହୁତ ବ୍ୟଥିତ ଓ ଚିନ୍ତିତ । ଭାଗବତ ମହାପୁରାଣର ଉପରୋକ୍ତ ବାଣୀ ତାଙ୍କ ହୃଦୟରେ ଗଭୀର ରେଖାପାତ କଲା । ଯେତେବେଳେ ସଂସାରରେ ଦୁଃଖ ଆସିଛି ସେତେବେଳେ ଦେବତାମାନେ ମିଳିତ ହୋଇ ଭଗବାନଙ୍କୁ ଦୁଃଖ ଦୂର ପାଇଁ ପ୍ରାର୍ଥନା କରିଛନ୍ତି । ସଂସାର ବର୍ତ୍ତମାନ ଦୁଃଖ ଜର୍ଜରିତ । ଆମେ ସମସ୍ତ ଲୋକ ଯଦି ଏକମୁଖ ହୋଇ ଭଗବାନଙ୍କୁ ଦୁଃଖ ଦୂର ପାଇଁ ପ୍ରାର୍ଥନା କରନ୍ତେ ତେବେ ପ୍ରଭୁ ସମସ୍ତ ଦୁଃଖ ଦୂର କରି ସଂସାରକୁ ରକ୍ଷା କରନ୍ତେ । ଏହି ମହତ ବାଣୀକୁ ଆଧାର କରି ସେ ବିଶ୍ୱଶାନ୍ତି ପାଇଁ ପ୍ରାର୍ଥନା ଦିବସର ପରିକଳ୍ପନା କଲେ । ବିଶ୍ୱ ବହୁ ବିରାଟ । ତେଣୁ ସବୁଲୋକ ଏକ ସ୍ଥାନରେ ଏକାଠି ହୋଇ ପ୍ରାର୍ଥନା କରିବା ସମ୍ଭବ ନୁହେଁ । କିନ୍ତୁ ପ୍ରତ୍ୟେକ ବ୍ୟକ୍ତି ଆପଣା ସ୍ଥାନରେ ରହି ଆପଣା ଭାଷା, ଭାବ, ଇଷ୍ଟପ୍ରୀତି ଅନୁସାରେ ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ ନିର୍ବିଶେଷରେ ବିଶ୍ୱଶାନ୍ତି ପାଇଁ ନିଷ୍ଠାର ସହିତ ପ୍ରାର୍ଥନା କରିପାରିବେ । ଯେପରି ବେତାର କେନ୍ଦ୍ରରୁ ବେତାର କାର୍ଯ୍ୟକ୍ରମ ନିର୍ଦ୍ଦିଷ୍ଟ ସମୟରେ ନିର୍ଦ୍ଦିଷ୍ଟ ଚାନେଲରେ ଭାଷି ଆସେ ସେହିଭଳି ଆମ୍ଭେମାନେ ଯିଏ ଯେଉଁଠି ଥିବା ଏକା ସମୟ ପ୍ରାର୍ଥନା କରିବା । ଏହା ନିଶ୍ଚୟ ପ୍ରଭୁଙ୍କ ପାଖରେ ପହଞ୍ଚିବ ।

ବିଗତ ପାଞ୍ଚ ବର୍ଷ ହେବ ଜାନୁଆରୀ ପହିଲା ଦିନ ସକାଳ ୬ଟାରୁ ୭ଟା ଯାଏ ଏହି ପ୍ରାର୍ଥନା କାର୍ଯ୍ୟକ୍ରମ ପରିଚାଳିତ ହୋଇଆସୁଛି । ଜାନୁଆରୀ ପହିଲା ସାରା ବିଶ୍ୱ ପାଇଁ ଏକ ସ୍ମରଣୀୟ ଦିନ । ନୂଆ ବର୍ଷ ଭାବେ ଏହା ସର୍ବତ୍ର ପାଳିତ ହେଉଛି । ମାଙ୍କର ବିଚାର ହେଲା ସେହିଦିନ ମନେରଖିବା ପାଇଁ ସହଜ ଅଟେ । ଆମେ ସମସ୍ତେ ପ୍ରଭୁଙ୍କୁ ପ୍ରାର୍ଥନା କରି ବିଶ୍ୱ ଶାନ୍ତିର ପବିତ୍ର ଭାବନା ସହିତ ଆମର ସେ ଦିନ ଦିନଚର୍ଯ୍ୟା ଆରମ୍ଭ କରିଲେ କେତେ ସୁନ୍ଦର ହେବ । ପ୍ରାର୍ଥନା ହେଉଛି ପରମାତ୍ମାଙ୍କ ସହିତ ସଂଯୋଗ ସ୍ଥାପନର ମାଧ୍ୟମ । ସଂସାରରେ ଏପରି କୌଣସି କାର୍ଯ୍ୟ ନାହିଁ ଯାହା ପ୍ରାର୍ଥନା ପୂରଣ କରିପାରିବ ନାହିଁ । ପ୍ରାର୍ଥନାର ଅସୀମ ଶକ୍ତି, ଆମେ ସମସ୍ତେ ବିଶ୍ୱବାସୀ ପ୍ରତ୍ୟେକ୍ଷ ବା ପରୋକ୍ଷରେ ପ୍ରଭୁଙ୍କୁ ପ୍ରାର୍ଥନା କରୁଛେ । ମାଙ୍କ ନିବେଦନ ଆମେ ସମସ୍ତେ ଏକ ବ୍ୟବସ୍ଥିତ ଭାବରେ ନିର୍ଦ୍ଦିଷ୍ଟ ସମୟରେ ଅନ୍ତର ଭରି ବିଶ୍ୱ ଶାନ୍ତି ପାଇଁ ପ୍ରାର୍ଥନା କରିବା ।

ଓଠରୁ ବାହାରୁଥିବା ପ୍ରାର୍ଥନା ଯଥେଷ୍ଟ ନୁହେଁ । ପ୍ରାର୍ଥନା ହେଉଛି ଭଗବତ ସାନ୍ନିଧ । ମନକୁ ଭଗବତ ଭାବରେ ସଂଯୋଜିତ କରିଦେବା ହିଁ ପ୍ରାର୍ଥନା । ମନକୁ ଭଗବାନଙ୍କ ଠାରେ ନିବଦ୍ଧ କରିବାର ନାମ ପ୍ରାର୍ଥନା । ଭଗବତ ଧ୍ୟାନର ନାମ ପ୍ରାର୍ଥନା । ଭଗବାନଙ୍କ ଠାରେ ସମ୍ପୂର୍ଣ୍ଣ ଆତ୍ମ ସମର୍ପଣ କରିଦେବା ହିଁ ପ୍ରାର୍ଥନା । ମନ ଓ ଅହଂଭାବକୁ ନିରବରେ ଭଗବାନଙ୍କ ପାଦରେ ଲୀନ କରାଇଦେବାକୁ ପ୍ରାର୍ଥନା କୁହାଯାଏ । ପ୍ରାର୍ଥନା ହେଉଛି ଭଗବାନଙ୍କ ସହିତ ଅହଂଚେତନାର ପ୍ରତ୍ୟକ୍ଷ ଯୋଗ ସୂଚାଉଥିବା ଅତୀନ୍ଦ୍ରିୟସ୍ଥିତିର ଏକ ନିଦର୍ଶନ । ତାହା ହୃଦୟରୁ ବାହାରିବା ଉଚିତ । ହୃଦୟ କ୍ଷୀରସାଗରର ପ୍ରତୀକ । ଲକ୍ଷ୍ମୀଙ୍କ ବାସସ୍ଥଳୀ କ୍ଷୀର ସାଗର । ଲକ୍ଷ୍ମୀଜାତ ହେଲେ ବାକ୍ ଶୁଦ୍ଧି ଆସେ । ତୁମେ ଯାହା କୁହ ତାହା ହୁଏ ସତ୍ୟ ।

ପ୍ରାର୍ଥନା ଏକ ବଳିଷ୍ଠ ଆଧାତ୍ମିକ ଶକ୍ତି । ପ୍ରାର୍ଥନା ଆତ୍ମାର ଆଧାତ୍ମିକ ଖାଦ୍ୟ । ପ୍ରାର୍ଥନା ଏକ ଆଧାତ୍ମିକ ବଳକାରକ ରସାୟନ । ପ୍ରାର୍ଥନାର ଅନ୍ତରାର୍ଥ ହେଉଛି ଭଗବାନଙ୍କ ଉପାସନା କରିବା । ଏହା ଭକ୍ତକୁ ଭଗବାନଙ୍କର ନିକଟତର କରିଥାଏ । ଏଯାବତ ସମାଜରେ ଯେତେ ଧର୍ମ, ଯେତେ ଧାର୍ମିକ ବା ଆଧାତ୍ମିକ ମତବାଦ ପ୍ରଚାରିତ ହୋଇଛି ସମସ୍ତେ ଗୋଟିଏ ସ୍ୱରରେ ଏହି ପ୍ରାର୍ଥନାର ମହିମା ପ୍ରଚାର କରିଛନ୍ତି । ପ୍ରାର୍ଥନା ଠାରୁ ବଳି ଭଗବାନଙ୍କୁ ପାଇବାର ସହଜତମ, ସରଳତମ, ସୁଗମପନ୍ଥା ଆଉ କିଛି ନାହିଁ । ମୋକ୍ଷ ଲାଭ ନିମିତ୍ତ କ୍ଲାନ୍ତିକର ପଥରେ ପ୍ରାର୍ଥନା ହେଉଛି ଏକ ବିଶ୍ୱସ୍ତ ବନ୍ଧୁ ।

ଏହି ପ୍ରାର୍ଥନା ଏପରି ଏକ ନିର୍ଭୟ ଆଶ୍ରୟ ଶିଳା, ଯାହାକୁ ଧରିଲେ ସଂସାର ସାଗରରେ ବୁଡ଼ି ଯାଉଥିବା ଯେ କେହି ବି ନିଜକୁ ଉଦ୍ଧାର କରିପାରିବେ । ପ୍ରାର୍ଥନା ଭୟକୁ ମୃତ୍ୟୁ ଭୟରୁ ମୁକ୍ତ କରିଦେଇଥାଏ । ସର୍ବୋପରି ଭଗବତ୍ ସାନ୍ନିଧର ନିକଟତର କରିବା ଦେବା ସହ ଏହି ପ୍ରାର୍ଥନାର ଆଶୀର୍ବାଦ ଫଳରେ ଆମେ ଦିବ୍ୟ ଚେତନା ଉପଲବ୍ଧି କରିଥାଉ ଏବଂ ଏହି ଉପଲବ୍ଧି କରିବା ହିଁ ଅମର ଓ ଆନନ୍ଦମୟ ସ୍ୱଭାବ ।

ଏହା ଅତି ସୁନ୍ଦର ଏକ ଦିବ୍ୟ ବିଚାର । ଏଥିପାଇଁ ଅର୍ଥର ଆବଶ୍ୟକତା ନାହିଁ । ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ ଆଦି ଭେଦରୁ ଉର୍ଦ୍ଧ୍ୱ ରହି ମାନବ ମାତ୍ରକେ ଆମେ ସମସ୍ତେ ଆମର ଏହି ସୁନ୍ଦର ପ୍ରିୟ ବିଶ୍ୱ ସମୁଦାୟର ସୁରକ୍ଷା ପାଇଁ ପ୍ରାର୍ଥନା କରିବା । ଶ୍ରଦ୍ଧା ବିଶ୍ୱାସର ସହିତ ଏକ ପ୍ରେମପୂର୍ଣ୍ଣ ହୃଦୟ ନେଇ ପ୍ରାର୍ଥନା କରିବା । ଏକ ବିଶ୍ୱ, ଏକ ପରିବାର, ଆମେ ସମସ୍ତେ ଆପଣାର । ସମସ୍ତ ଭେଦ ଭାବରୁ ଉର୍ଦ୍ଧ୍ୱରେ ରହି ଶ୍ରଦ୍ଧା, ପ୍ରେମ ଓ ମୈତ୍ରୀ ଭାବନାରେ ବିଶ୍ୱରେ ଶାନ୍ତି ସ୍ଥାପନ କରିପାରିବା । ଏକ ମନ ଏକ ପ୍ରାଣ ହୋଇ ପ୍ରାର୍ଥନା କରିବା । ସର୍ବେ ଭବନ୍ତୁ ସୁଖିନଃ । ସର୍ବେ ସନ୍ତୁ ନିରାମୟାଃ ।। ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମା କଶ୍ଚିଦ ଦୁଃଖଭାଗ ଭବେତ ।। ଓଁ ଶାନ୍ତିଃ ! ଓଁ ଶାନ୍ତିଃ !! ଓଁ ଶାନ୍ତିଃ !!!

ମାଳତୀକୁଞ୍ଜ, ପ୍ଲଟନଂ-୫୨୬/ଡ଼ି, ସେକ୍ଟର-୧୦, କଟକ,
ଦୂରଭାଷ : ୮୭୬୩୧୦୭୧୨୬

# ବିଦାୟ ପରିବର୍ତ୍ତନ, ବିରୋଧର ବର୍ଷ ୨୦୨୫

## ଗୋପାଳ ମହାପାତ୍ର

ସମୟ ଗଡିଚାଲିଛି, ସମୟ ସହ ତାଳ ମିଳାଇ ୨୦୨୫ ମଧ୍ୟ ବିଦାୟ ନେଉଛି । ୨୦୨୫ ମଧ୍ୟ ପୁର୍ବ ବର୍ଷ ମାନଙ୍କ ଭଳି ତାର ପାଦ ଚିହ୍ନ ଛାଡିଯାଉଛି । ଆଉ ଫେରିବନି । ନିଜର ସବୁ ଭଲ ମନ୍ଦ, ଖୁସି କାନ୍ଦ ସବୁକୁ ୨୦୨୬ ପାଇଁ ଛାଡିଦେଇ କାଳଗର୍ଭରେ ହଜି ଯାଉଛି କିନ୍ତୁ ଯାହା କିଛି କରିଛି, ଯାହା କିଛି ସହିଛି ସେ ସବୁ ଇତିହାସରେ ଲିପିବଦ୍ଧ ହୋଇଯାଉଛି । ୨୦୨୫ କେବଳ ଏକ ସାଧାରଣ କ୍ୟାଲେଣ୍ଡରର ବର୍ଷ ନଥିଲା ବରଂ ଏମିତି ସବୁ ଘଟଣା କ୍ରମର ସାକ୍ଷୀ ହୋଇଥିଲା ଯାହାର ପ୍ରଭାବ ରାଜନୀତି, ଅର୍ଥବ୍ୟବସ୍ଥା, ସମାଜ ଏବଂ ଜନମାନସକୁ ଅନେକ ସମୟ ଆଚ୍ଛାଦିତ କରି ରଖିବ । ଆନ୍ତର୍ଯାତୀୟ ମଞ୍ଚଠାରୁ ଦେଶର ଗ୍ରାମାଞ୍ଚଳ ପର୍ଯ୍ୟନ୍ତ, ବାଦ-ବିବାଦ, ସମ୍ବାଦ, ନିର୍ଣ୍ଣୟ, ଟଣାଓଟରା, ସୌହାର୍ଦ୍ଦ୍ୟ, ଉପଲବ୍ଧି ଏବଂ ପ୍ରୟୋଗ ସବୁରେ ଅନେକ ଖୁସି ସହ କେବେ ବି ଭୁଲି ନହେବା ଭଳି ଦାଗ ଛାଡି ଯାଇଛି ୨୦୨୫ ।

ଆନ୍ତର୍ଯାତୀୟ ଘଟଣାକ୍ରମ ଉପରେ ନଜର ପକାଇଲେ ତ ଋଷ-ୟୁକ୍ରେନ ଯୁଦ୍ଧ, ଇସ୍ରାଏଲ- ହମାସ ଲଢେଇ ଜାରି ରହିଛି, ଥମିବାର ନାଁ ଧରୁନାହିଁ । ନେପାଳରେ ଜେନ ଜି ଆନ୍ଦୋଳନ ଓଲି ସରକାରଙ୍କ ପତନ ଘଟାଇଥିଲା ଓ ଶୁଶୀଳା ଯୋଶୀଙ୍କୁ ଗାଦିରେ ବସାଇଥିଲା । ସେହିପରି ବଙ୍ଗଳାଦେଶରେ ମଧ୍ୟ ଶେଖ ହସିନାଙ୍କୁ ସେଠାକାର ଅଦାଲତ ଫାଂସି ଦଣ୍ଡ ଶୁଣାଇଥିଲେ । ଅପରେସନ ସିନ୍ଦୁର ପାକିସ୍ଥାନ ପାଇଁ ଝଟକାଥିଲା କିନ୍ତୁ ତାହା ସତ୍ୱେ ଅସୀମ ମୁନୀରଙ୍କ ଫୁଟାଣି ଭାଙ୍ଗୁନାହିଁ । ଅନ୍ୟପକ୍ଷରେ ଏବେ ବି ପାକିସ୍ଥାନର ଜନତା ଇମ୍ରାନଖାନଙ୍କୁ ପସନ୍ଦ କରୁଛନ୍ତି ଓ ଶାହାବାଦ ଶରିଫ ଏକ କାଠକଣ୍ଢେଇ ପ୍ରଧାନମନ୍ତ୍ରୀ ଭଳି ସରକାର ଚଳାଉଛନ୍ତି । ଏସବୁ ଘଟଣାକ୍ରମରୁ ଟିକିଏ ଅଲଗା ୨୦୨୫ରେ ଟ୍ରମ୍ପଙ୍କ "ଟାରିଫ ଟେରର" ସାରା ବିଶ୍ୱକୁ ଦୋହଲାଇ ଦେଇଥିଲା । ବ୍ରାଜିଲ, ଚୀନ, ଏବଂ ଭାରତ ଉପରେ ସର୍ବାଧିକ ୫୦ ପ୍ରତିଶତ ଟାରିଫ ଲଗାଇଥିଲେ ଟ୍ରମ୍ପ । ଏହା ସତ୍ୱେ ଭାରତୀୟ ଜିଡ଼ିପି ଆଶାତୀତ ଭାବେ ବଢ଼ିଥିଲା । ଆତଙ୍କ ବାଦ ବୃଦ୍ଧି ଏବଂ ଏହା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ଜାରି ରହିଥିଲା ଯାହା ପହଲଗାମ ଆକ୍ରମଣ ପରେ ଭାରତ ଅପରେସନ ସିନ୍ଦୁର କାର୍ଯ୍ୟକାରୀ କରିଥିଲା । ଆଫଗାନିସ୍ଥାନ ଏବଂ ପାକିସ୍ଥାନ ମଧ୍ୟରେ ବିବାଦ ମଧ୍ୟ ଅଧିକ ହୋଇଥିଲା । ଟ୍ରମ୍ପଙ୍କ ଟାରିଫ ବୃଦ୍ଧି କାରଣରୁ ବୈଶ୍ୱିକ ବ୍ୟାପାର ପ୍ରଭାବିତ ହୋଇଥିଲା । ଏହାଫଳରେ ଭାରତ ସମେତ ଅନେକ ବିକାଶଶୀଳ ଦେଶର ଅର୍ଥବ୍ୟବସ୍ଥା ଉପରେ ଚାପ ପଡିଥିଲା । ରପ୍ତାନୀ ଏବଂ ମୁଦ୍ରା ବଜାର ମଧ୍ୟ ପ୍ରଭାବଗ୍ରସ୍ତ ହୋଇଥିଲା । ଏହି ୨୦୨୫ରେ ଲୋହିତ ସାଗର ଏବଂ ଅନ୍ୟ କେତେକ ସାମୁଦ୍ରିକ ଅଞ୍ଚଳରେ ସମୁଦ୍ର ମାର୍ଗରେ ଅସ୍ଥିରତା କାରଣରୁ ଅନେକ ଦେଶ ସେମାନଙ୍କର ସାମୁଦ୍ରିକ ବ୍ୟବସାୟ ପାଇଁ ରାସ୍ତା ବଦଳାଇଦେଇଥିଲେ । ଅଶୋଧିତ ତୈଳର ମୂଲ୍ୟରେ ଅସ୍ଥିରତା ଦେଖାଯାଇଥିଲା ।

ଆର୍ଥୀକ ଦୃଷ୍ଟିରେ ବିଶ୍ୱର ତୃତୀୟ ଅର୍ଥବ୍ୟବସ୍ଥା ଆଡ଼କୁ ଅଗ୍ରସର ହେଉଥିବା ଭାରତର ରାଷ୍ଟ୍ରୀୟ ପରିଦୃଷ୍ୟରେ ମଧ୍ୟ ୨୦୨୫ ଘଟଣା ବହୁଳ ବର୍ଷ ଥିଲା । ଅନେକ ଯୋଜନାର ପୁନର୍ଗଠନ ଏବଂ ରାଜନୈତିକ ସଙ୍କେତ ଦେଶ ଭିତରେ ୨୦୨୫ରେ ସର୍ବାଧିକ ଚର୍ଚ୍ଚାର ବିଶୟଥିଲା । ମନରେଗା ର ପୁନର୍ଗଠନ କରାଯାଇ ତାକୁ ବିକଶିତ ଭାରତ ଜି-ରାମ-ଜି ରପରେ ପ୍ରସ୍ତୁତ କରାଯାଇଥିଲା । ବିରୋଧିଙ୍କ ପ୍ରବଳ ବିରୋଧ ସତ୍ୱେ ସରକାର ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ କାଟିଦେଇଥିଲେ । ବିରୋଧିଦଳ ଏହି ଯୋଜନାକୁ "ନୂଆ ବୋତଲରେ ପୁରୁଣା ମଦ"ର ଆଖ୍ୟା ଦେଇଥିଲେ । ସଂସଦର ଶୀତକାଳୀନ ଅଧିବେଶନରେ ଏହି ନାମ ପରିବର୍ତ୍ତନକୁ ନେଇ ପ୍ରବଳ ହୋହାଲ୍ଲା ହୋଇଥିଲା । ଗ୍ରାମାଞ୍ଚଳରେ ରୋଜଗାର, ବଜେଟ ଆବଣ୍ଟନ ଏବଂ ରାଜ୍ୟ ମାନଙ୍କର ଭୂମିକା ପ୍ରସଙ୍ଗ ୨୦୨୫ର ବିମର୍ଷର ବିଶୟ ଥିଲା । ଏହି ବର୍ଷ ନିର୍ବାଚନ ସୁଧାର, ଏକ ଦେଶ-ଏକ ନିର୍ବାଚନ ଏବଂ ପ୍ରଶାସନିକ ପାରଦର୍ଶିତା ଭଳି ପ୍ରସଙ୍ଗକୁ ନେଇ ଶାସକ ବିରୋଧି ଆମନା ସାମନା ହୋଇଥିଲେ । ବିଶେଷ ଗହନ ପୁନଃ ନୀରିକ୍ଷଣ (ଏସ୍ ଆଇ ଆର) ମଧ୍ୟ ଚର୍ଚ୍ଚାରେ ଥିଲା । ବିହାରରେ ୬୫ଲକ୍ଷ ଲୋକ ଭୋଟର ତାଲିକାରୁ ବାଦ ପଡିଥିଲେ । ମମତା ବାନାର୍ଜୀଙ୍କ ବିରୋଧକୁ ୨୦୨୫ର ଏକ ଗୁରୁତ୍ୱପୁର୍ଣ୍ଣ ଘଟଣାଭାବେ ବିବେଚନା କରାଯାଇଥିଲା । ୨୦୨୫ରେ ନିର୍ବାଚନ ଆୟୋଗ ବିରୋଧିଙ୍କ ଟାର୍ଗେଟରେ ଥିଲେ ।

ଆର୍ଥୀକ ଘଟଣାକ୍ରମରେ ଦରଦାମ ବୃଦ୍ଧି, ଡିଜିଟାଲ ଅର୍ଥବ୍ୟବସ୍ଥା ଏବଂ ଚାପ ଚର୍ଚ୍ଚାରେ ଥିଲା । ଦରଦାମ ନିୟନ୍ତ୍ରଣ ସରକାରଙ୍କ ପାଇଁ ଚାଲେଞ୍ଜ ସୃଷ୍ଟି କରିଥିଲା । ବୈଶ୍ୱିକ ଅସ୍ଥିରତାର ପ୍ରଭାବ ସିଧାସଳଖ ଭାବେ ଖାଦ୍ୟ ପଦାର୍ଥ ଓ ଇନ୍ଧନ ଉପରେ ପଡିଥିଲା । ସୁନା ଉପରେ ମୂଲ୍ୟ ରେକର୍ଡ ପରିମାଣରେ ବୃଦ୍ଧି ପାଇଥିଲା । ସେହିପରି ଡିଜିଟାଲ ନେଣ ଦେଣ ପ୍ରଣାଳୀ ମଧ୍ୟ ରେକର୍ଡ ସୃଷ୍ଟି କରିଥିଲା । ଷ୍ଟାର୍ଟଅପ ଏବଂ ଗ୍ରୀନ ଏନର୍ଜୀ କ୍ଷେତ୍ରରେ ପୁଞ୍ଜିନିବେଶ ବଢ଼ିଥିଲା । ଜିଏସ୍ଟି ବ୍ୟବସ୍ଥାକୁ ସୁଧାରାଜିବା ପରେ ବ୍ୟବସାୟ ଏବଂ ପୁଞ୍ଜିନିବେଶକୁ ଫାଇଦା ମିଳିଥିଲା । ୨୦୨୫ରେ ଭାରତ ବିଶ୍ୱର ସବୁଠାରୁ ବୃହତ୍ ଡିଜିଟାଲ ଅର୍ଥବ୍ୟବସ୍ଥାରେ ପରିଣତ ହୋଇଥିଲା । କିନ୍ତୁ ଦେଶର ମଧ୍ୟମ ବର୍ଗଙ୍କ ଅବସ୍ଥା, ଗ୍ରାମାଞ୍ଚଳର ଅର୍ଥବ୍ୟବସ୍ଥା ସୁଧୁରି ପାରିନଥିଲା । ୨୦୨୫ରେ ବେରୋଜଗାରୀକୁ ନେଇ ଚିନ୍ତା ବଢିଥିଲା । ଡିଜିଟାଲ ଯୁଗରେ ନିଜସ୍ୱ ତଥ୍ୟ (ଡ଼ାଟା)ର ସୁରକ୍ଷା ଓ ମହିଳାଙ୍କ ସୁରକ୍ଷା ଏପରିକି କାର୍ଯ୍ୟାଳୟରେ ସମାନତା, ଶିକ୍ଷା ତଥା ପ୍ରତିଯୋଗୀ ପରୀକ୍ଷାକୁ ନେଇ ବିବାଦ, ଆନଲାଇନ୍ ଠକେଇ ବୃଦ୍ଧି ଲୋକଙ୍କ ପାଇଁ ସମସ୍ୟା ପାଲଟିଥିଲା । ଖେଳ ମୋର୍ଚ୍ଚାରେ ୨୦୨୫ ଭାରତ ପାଇଁ ଉତ୍ସାହଜନକ ଥିଲା । ଭାରତ ଏସୀଆ କପ୍ କ୍ରିକେଟ ଜିତିଥିଲା । ଯୁବ ଖେଳାଳୀ ମାନଙ୍କ ପ୍ରଦର୍ଶନ ଉତ୍ତମଥିଲା ।

ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

# ନୂଆ ବର୍ଷ : ସଂକଳ୍ପର ଭାଷା

## ବିକ୍ରମ ମହାପାତ୍ର

ଆଜି ନୂଆ ବର୍ଷର ଆରମ୍ଭ ଦିନ । କେତେକ ଏହାକୁ ଖ୍ରୀଷ୍ଟିୟ ବା ପାଶ୍ଚାତ୍ୟ ନୂଆ ବର୍ଷର ଆରମ୍ଭ ବୋଲି କହିବାକୁ ପସନ୍ଦ କରୁଥିଲେ ହେଁ ଏହା ଦେଶ, ଜାତି, ଧର୍ମ ଆଦି ନିର୍ବିଶେଷରେ ମାନବ ସଂସ୍କୃତିର ଅଂଶରେ ପରିଣତ ହୋଇଥିବା ଭଳି ଆଜି ଦିନରେ ଆସନ୍ତା ବର୍ଷକ ପାଇଁ କିଛି ନୂଆ ସଂକଳ୍ପ କରିବା ମଧ୍ୟ ଏକ ସାଧାରଣ ଆଚରଣରେ ପରିଣତ ହୋଇଛି । ଆଜି କରାଯାଉଥିବା ଅସୁମାରି ସଂକଳ୍ପମାନଙ୍କ ମଧ୍ୟରେ ଅନେକ ପାର୍ଥକ୍ୟ ରହିଥିଲେ ହେଁ ଏମାନଙ୍କ ଚରିତ୍ରରେ କେତେକ ସାମଞ୍ଜସ୍ୟ ଦେଖିବାକୁ ମିଳିଥାଏ । ପ୍ରଧାନ ସାମଞ୍ଜସ୍ୟ ହେଲା ସଂକଳ୍ପକାରୀମାନେ ନିଜର ଆଚରଣରେ କୌଣସି ନା କୌଣସି ପରିବର୍ତ୍ତନ କରିବା ପାଇଁ ଲକ୍ଷ୍ୟ ରଖିଥାନ୍ତି । ଦ୍ୱିତୀୟ ସାମଞ୍ଜସ୍ୟ ହେଲା ଏହି ସମସ୍ତ ପରିବର୍ତ୍ତନମାନ କୌଣସି ଭଲ ଉଦ୍ଦେଶ୍ୟ ସାଦନ କରିବା ନିମନ୍ତେ ଚିନ୍ତା କରାଯାଇଥାଏ । ତୃତୀୟ ସାମଞ୍ଜସ୍ୟଟି ହେଲା ଏସବୁ ସଂକଳ୍ପ ଗୁଡ଼ିକ ଦୁଇ ଶ୍ରେଣୀରେ ବିଭକ୍ତ ସକାରାତ୍ମକ ଓ ନକାରାତ୍ମକ ଓ ଯେଉଁ ସବୁ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନିଆଯାଇଥାଏ ସେଗୁଡ଼ିକ ନକାରାତ୍ମକ ସଂକଳ୍ପ ମାନଙ୍କର ଉଦ୍ଦେଶ୍ୟ କିନ୍ତୁ ମହତ୍ । ଯେମିତି ପ୍ରତିଦିନ ପ୍ରାତଃ ଭ୍ରମଣ କରିବା ପାଇଁ ସଂକଳ୍ପ ଏକ ସାକାରାତ୍ମକ ନିଷ୍ପତ୍ତି ହୋଇଥିବା ବେଳେ ତମାଖୁ ସେବନ ନକରିବା ପାଇଁ ସଂକଳ୍ପ ଏକ ନକାରାତ୍ମକ ନିଷ୍ପତ୍ତି ହୋଇଥାଏ । ଚତୁର୍ଥ ସାମଞ୍ଜସ୍ୟଟି ହେଲା ତୁରନ୍ତ ହେଉ ବା ବିଳମ୍ବରେ ହେଉ ଏଥିରୁ ଅଧିକାଂଶ ସଂକଳ୍ପ ଭୁଶୁଡ଼ି ପଡ଼ିଥାଏ । ସତେ ଯେମିତି ଏକ ଆପ୍ତ ବାକ୍ୟକୁ ପ୍ରମାଣିତ କରିବା ପାଇଁ ଏ ସଂକଳ୍ପର ବନ୍ୟା ସୃଷ୍ଟି ହୋଇଥାଏ, ଭଙ୍ଗା ହେବା ପାଇଁ ହିଁ ପ୍ରତିଶ୍ରୁତି ପ୍ରଦାନ କରାଯାଇଥାଏ । ଏଠାରେ ସଂକଳ୍ପମାନ ହେଉଛି କେବଳ ଯାହା ନିଜକୁ ନିଜେ ଦେଇଥିବା ପ୍ରତିଶ୍ରୁତି । ପ୍ରସିଦ୍ଧ ଆମେରିକୀୟ ଲେଖକ ଓ ପ୍ରତ୍ୟୁତ୍ପନ୍ନମତି ବ୍ୟଙ୍ଗକାର ମାର୍କ ଟ୍ୱେନ୍ ଜାନୁଆରୀ ୧୮୬୩ରେ ଏ ସମ୍ପର୍କରେ ପ୍ରଦାନ କରିଥିବା ଏକ ମନ୍ତବ୍ୟ ଏ କ୍ଷେତ୍ରରେ ଏକ କିମ୍ବଦନ୍ତୀର ମର୍ଯ୍ୟାଦା ହାସଲ କରିଛି । ସେ କହିଥିଲେ 'ତୁମର ନିୟମିତ ବାର୍ଷିକ ସଂକଳ୍ପମାନ କରିବା ପାଇଁ ବର୍ତ୍ତମାନ ହିଁ ହେଉଛି ଗ୍ରହଣୀୟ ସମୟ । ଆସନ୍ତା ସପ୍ତାହରେ ତୁମେ ଚିରାଚରିତ ଭାବରେ ସେଗୁଡ଼ିକ ଦ୍ୱାରା ନର୍କର ଚଟାଣ ତିଆରି କରିପାର । ଗତକାଲି ପ୍ରତ୍ୟେକ ଲୋକ ତାର ଶେଷ ସିଗାର ଟାଣିଛି, ଶେଷ ମଦ ପିଇଛି ଏବଂ ଶେଷ ଅସଭ୍ୟ ଗାଳି ଦେଇଛି । ଆଜି ଆମେ ହେଉଛୁ ଏକ ନୀତିବାନ ଏବଂ ଉଦାହରଣ ସୃଷ୍ଟିକାରୀ ଗୋଷ୍ଠୀ । ଆଜିଠାରୁ ତିରିଶ ଦିନ ମଧ୍ୟରେ ଆମେ ଆମର ଏସବୁ ପରିବର୍ତ୍ତନ ପରିତ୍ୟାଗ କରି ସାରିଥିବା ଏବଂ ଆମର ଯେତେ ସବୁ ପ୍ରାଚୀନ ଦୁର୍ବଳତା ରହିଛି ସେଗୁଡ଼ିକୁ ଆହୁରି ଦୁର୍ବଳ କରି ସାରିଥିବା । ଆମେ ମଧ୍ୟ ଖୁସିରେ ମନେ ପକାଇବା ଗତ ବର୍ଷ ଏଇ ସମୟରେ କିପରି ଆମେ ଠିକ୍ ଏଇ ପୁରୁଣା କଥା ଦୋହରାଇଥିଲୁ । ସେ ଯାହା ହେଉ, ଆଗେଇ ଯାଅ ବନ୍ଧୁଗଣ । ନବବର୍ଷ ହେଉଛି ଏକ ନିରୀହ ଅନୁଷ୍ଠାନ, ଯାହା କେବଳ ଉଚ୍ଛୃଙ୍ଖଳ ମଦ୍ୟପମାନଙ୍କ ପାଇଁ ଏବଂ ବନ୍ଧୁତାମୂଳକ କଲ୍ ସବୁ ପାଇଁ ସଠତାପୂର୍ଣ୍ଣ ସଂକଳ୍ପମାନ ପାଇଁ ଏକ ଉପଲକ୍ଷ ହେବା ବ୍ୟତୀତ ଅନ୍ୟ କାହାର କୌଣସି କାର୍ଯ୍ୟରେ ଲାଗିନଥାଏ । ଆମେ ଆଶା କରୁଛୁ ତୁମେ ଏହି ଅବସରରେ ମହାନତା ସହିତ ଖାପ ଖାଇବା ଭଳି ଉପଯୁକ୍ତ ଉଚ୍ଛୃଙ୍ଖଳତା ସହ ଏହାକୁ ଭୋଗ କରିବ । ତେବେ ଆନ୍ତରିକ ନବବର୍ଷ ସଂକଳ୍ପକାରୀମାନେ ମାର୍କ ଟ୍ୱେନ୍‌ଙ୍କର ଏହି ବ୍ୟଙ୍ଗ ଦ୍ୱାରା ନିରୁତ୍ସାହିତ ହେବା ମଧ୍ୟ ବାଧ୍ୟତାମୂଳକ ନୁହେଁ । ମନସ୍ତତ୍ତ୍ୱବିଦ୍‌ମାନେ ନବବର୍ଷ ସଂକଳ୍ପ ମାନଙ୍କର କ୍ଷଣଭଙ୍ଗୁର ପ୍ରକୃତିରେ ପରିବର୍ତ୍ତନ ଆଣି ସେଗୁଡ଼ିକର ସ୍ଥାୟିତ୍ୱ ବୃଦ୍ଧି କରିବାର ଉପାୟମାନ ମଧ୍ୟ ଖୋଜି ଚାଲିଛନ୍ତି । ସେମାନେ ପାଇଥିବା ସମାଧାନ ସମ୍ବନ୍ଧରେ ଉଲ୍ଲେଖ କରିବା ପୂର୍ବରୁ କେତେକ ଲୋକପ୍ରିୟ ନବବର୍ଷ ସଂକଳ୍ପ ଉପରେ ଦୃଷ୍ଟି ପକାଯାଇପାରେ । କେତୋଟି ଉଦାହରଣ ଅଧିକ ବ୍ୟାୟାମ କରିବି, ସନ୍ତୁଳିତ ଆହାର ଖାଇବି, ମଦ ପିଇବା ଛାଡ଼ିବି, ସିଗାରେଟ୍ ଛାଡ଼ିବି, ଫେସବୁକ୍/ଟ୍ୱିଟର ପାଇଁ କମ୍ ସମୟ ଦେବି, ନୂଆ ଭାଷାଟି ଶିଖିବି, ଏକ ବାଦ୍ୟ ଯନ୍ତ୍ର ବଜାଇବା ଶିଖିବି, ସକାଳେ ଶୀଘ୍ର ବିଛଣା ଛାଡ଼ିବି, ପାଦରେ ଚାଲି କାମକୁ ଯିବି, ମିଠା ଖାଇବା କମାଇବି... ଇତ୍ୟାଦି । ମନସ୍ତତ୍ତ୍ୱବିତ୍‌ମାନେ ଆବିଷ୍କାର କରିଛନ୍ତି ଯେ ସଂକଳ୍ପର ଭାଷା ଉପରେ ସଂକଳ୍ପର ସ୍ଥାୟିତ୍ୱ ଅନେକାଂଶରେ ନିର୍ଭର କରିଥାଏ । ଉଦାହରଣ ସ୍ୱରୂପ ମିଠା ଖାଇବା ହ୍ରାସ କରିବା ଜଣେ ସଂକଳ୍ପକାରୀଙ୍କର ଉଦ୍ଦେଶ୍ୟ ହୋଇଥାଇପାରେ । ତାଙ୍କର ଅବଚେତନ ମନରେ କିନ୍ତୁ ମିଠା ପ୍ରତି ଘୋର ଦୁର୍ବଳତା ରହିଥାଏ । ମିଠା ଶବ୍ଦ ତାଙ୍କ କାନରେ ପଡ଼ିଲା ମାତ୍ରେ ସେଥିପ୍ରତି ତାଙ୍କର ଲାଳସା ଜାତ ହୋଇଥାଏ । ସେ ଯଦି ସଂକଳ୍ପ କରିଥିବେ ମିଠା ଖାଇବି ନାହିଁ ତେବେ ସେ ଏଇଥରକ ଖାଇ ଦେଉଛି କହି ମିଠା ଖାଇ ଦେବାକୁ ଆଗେଇ ଯିବାର ସମ୍ଭାବନା ଥାଏ । ସେ କିନ୍ତୁ ଯଦି ସଂକଳ୍ପ କରିଥିବେ ଆଜି ମିଠା ଖାଇବି ନାହିଁ ତେବେ ଏଠାରେ ମିଠା ଉପରେ ଗୁରୁତ୍ୱ ନରହି ଆଜି ଉପରେ ଗୁରୁତ୍ୱ ଦିଆଯାଇଥାଏ । ତେଣୁ ସେ ଆଜି ମିଠା ଠାରୁ ଦୂରେଇ ରହନ୍ତି । ଏହା କାଲି ମିଠା କାଇବାର ସମ୍ଭାବନାକୁ ଉନ୍ମୁକ୍ତ ରଖିଥାଏ, ଯାହା ଆଜି ଲାଳସା ତ୍ୟାଗ କରିବାରେ ସାହାଯ୍ୟ କରିଥାଏ । ଯେତେବେଳେ କାଲି ଆସେ ତାହା ଅବଶ୍ୟ ପୁଣି ଆଜିରେ ପରିଣତ ହୋଇଯାଇଥାଏ । ତେଣୁ ଆଜି ଦିନରେ ଯେଉଁମାନେ ବିଭିନ୍ନ ସଂକଳ୍ପ କରୁଛନ୍ତି ସେମାନେ ଆଜି କୁ ହିଁ ସେମାନଙ୍କର ସଂକଳ୍ପର ମୁଖ୍ୟ ଶବ୍ଦରେ ପରିଣତ କରନ୍ତୁ । ଏହା ସେମାନଙ୍କର ଉଭୟ ସକାରାତ୍ମକ ଓ ନକାରାତ୍ମକ ସଂକଳ୍ପ ମାନଙ୍କର ସ୍ଥାୟିତ୍ୱ ବୃଦ୍ଧିରେ ସାହାଯ୍ୟ କରିବ ।

'ଆନନ୍ଦ ଜ୍ୟୋସ୍ନା', ଚଣ୍ଡୀମନ୍ଦିର ମାର୍ଗ, ଚଣ୍ଡୀଛକ, କଟକ



# ଦିଲ୍ଲୀରେ କୁହୁଡ଼ି ଯୋଗୁଁ ଟ୍ରେନ୍ ଓ ବିମାନ ଚଳାଚଳ ପ୍ରଭାବିତ

**ନୂଆଦିଲ୍ଲୀ,୩୧।୧୨(ଏଜେନ୍ସି):**ଦିଲ୍ଲୀରେ ଘନ କୁହୁଡି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି । ଆଜି ପ୍ରବଳ କୁହୁଡି ଯୋଗୁ ବିମାନ ସେବା ବାଧାପ୍ରାପ୍ତ ହୋଇଛି । ଦୃଶ୍ୟମାନ ନହେବାରୁ ଦିଲ୍ଲୀ ବିମାନବନ୍ଦରରେ ୧୪୮ଟି ବିମାନ ବାତିଲ୍ କରାଯାଇଛି , ୨ଟି ବିମାନର ଗତିପଥ ବଦଳାଯାଇଛି । ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ଯାତ୍ରୀମାନେ ଅପେକ୍ଷା କରିଥିବାର ଭିଡିଓ ଦେଖିବାକୁ ମିଳିଛି । ବାତିଲ ବିମାନଗୁଡ଼ିକ ମଧ୍ୟରେ ୭୦ଟି ଯାତ୍ରା ଆରମ୍ଭ କରୁଥିବା ବିମାନ ଏବଂ ୭୮ଟି ଆଗମନ କରୁଥିବା ବିମାନ ରହିଛି । ଏହା ଛଡ଼ା, ଦୁଇଟି ବିମାନର ଗତିପଥ ବଦଳାଯାଇଛି । ବିମାନବନ୍ଦର ଅଧିକାରୀ କହିଛନ୍ତି ଯେ ଦୃଶ୍ୟମାନତା ୫୦ ମିଟରରୁ କମ୍ ରହିଛି ଏବଂ ଏହା ଯୋଗୁଁ ଅନେକ ବିମାନ ଡାଇଭର୍ଟ ହୋଇଛି ବା ବିଳମ୍ବିତ ହୋଇଛି । ରେଳ ସେବା ମଧ୍ୟ ଗଭୀର ପ୍ରଭାବିତ ହୋଇଛି ଏବଂ ଉତ୍ତର ଭାରତରେ ଅନେକ ଟ୍ରେନ୍ ଘଣ୍ଟା ଘଣ୍ଟା ବିଳମ୍ବିତ ହେଉଛି । ରାଜଧାନୀର ରାସ୍ତାଘାଟରେ ଯାନବାହନ ଧୀର ଗତିରେ ଚାଲୁଛି ଏବଂ ଦୁର୍ଘଟଣାର ଆଶଙ୍କା ବଢ଼ିଛି । ଦିଲ୍ଲୀରେ ଗ୍ରେଡେଡ୍ ରେସପନ୍ସ ଆକ୍ସନ ପ୍ଲାନ୍ (ଗ୍ରାପ୍)ର ଷ୍ଟେଜ୍ ତିନି ଜାରି ରହିଛି । ଏହାଅନୁଯାୟୀ ନିର୍ମାଣ କାର୍ଯ୍ୟ, ଶିଳ୍ପ ନିର୍ଗମନ ଓ ଯାନବାହନ ଉପରେ କଟକଣା ଲାଗିଛି । 'ପିୟୁସି ନଥିଲେ ଇନ୍ଧନ ନାହିଁ' ନିୟମ କଡ଼ାକଡ଼ି କରାଯାଇଛି । ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଶିଶୁ, ବୃଦ୍ଧ ଓ ଶ୍ୱାସକ୍ରିୟା ରୋଗୀଙ୍କୁ ବାହାରକୁ ନଯିବାକୁ ଏବଂ ଏନ୍୯୫ ମାସ୍କ ପିନ୍ଧିବାକୁ ପରାମର୍ଶ ଦେଇଛନ୍ତି । ଉତ୍ତର ଭାରତର ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ ଓ ରାଜସ୍ଥାନରେ ମଧ୍ୟ ଏହି ପାଗର ପ୍ରଭାବ ଦେଖାଯାଉଛି । ଯାତାୟାତ ଓ ସ୍ୱାସ୍ଥ୍ୟ ଉପରେ ଏହି ଧୂଆଁ ଓ କୁହୁଡ଼ିର ଗଭୀର ପ୍ରଭାବ ପଡୁଛି ଏବଂ ନାଗରିକମାନେ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି ।

# ପତ୍ନୀ ରୋଜଗାର କଲେ ବି ସ୍ୱାମୀ ପିଲାମାନଙ୍କ ଦାୟିତ୍ୱରୁ ମୁକ୍ତ ହୋଇପାରିବେ ନାହିଁ

**ନୂଆଦିଲ୍ଲୀ,୩୧।୧୨(ଏଜେନ୍ସି):**ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ, ଦିଲ୍ଲୀ ହାଇକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଯଦିଓ ମା' ଅଧିକ ରୋଜଗାର କରନ୍ତି, ତଥାପି ପିତାଙ୍କୁ ତାଙ୍କ ନାବାଳକ ପିଲାମାନଙ୍କ ପ୍ରତିପାଳନ ଦାୟିତ୍ୱରୁ ମୁକ୍ତ କରାଯାଇପାରିବ ନାହିଁ । କୋର୍ଟ କହିଛନ୍ତି ଯେ ପିଲାମାନଙ୍କୁ ଭରଣପୋଷଣ କରିବା ଉଭୟ ପିତାମାତାଙ୍କ ଆଇନଗତ, ନୈତିକ ଏବଂ ସାମାଜିକ ଦାୟିତ୍ୱ । କୋର୍ଟ କହିଛନ୍ତି ଯେ ଅଧିକ ଆୟ ଅନ୍ୟ ଜଣଙ୍କ ଦାୟିତ୍ୱରୁ ମୁକ୍ତ କରେ ନାହିଁ ।ମାମଲାର ଶୁଣାଣି କରି ଜଷ୍ଟିସ ସ୍ୱର୍ଣ୍ଣକାନ୍ତା ଶର୍ମାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ଯଦି ମା' ଅଧିକ ରୋଜଗାର କରନ୍ତି ଏବଂ ପିଲାମାନଙ୍କର ଯତ୍ନ ନିଅନ୍ତି, ତେବେ ସେ ପୂର୍ବରୁ ରୋଜଗାର ଏବଂ ପିଲାମାନଙ୍କର ପ୍ରାଥମିକ ଯତ୍ନ ନେବାର ଦ୍ୱିଗୁଣିତ ଦାୟିତ୍ୱ ବହନ କରିଛନ୍ତି । ଏପରି କ୍ଷେତ୍ରରେ, ପିତା ତାଙ୍କ ଆୟ ଲୁଚାଇ କିମ୍ବା ବୈଷୟିକ ବାହାନା ବ୍ୟବହାର କରି ଦାୟିତ୍ୱ ଏଡାଇ ପାରିବେ ନାହିଁ । କୋର୍ଟ ଆହୁରି କହିଛନ୍ତି ଯେ ଆଇନ ଜଣେ କର୍ମଜୀବୀ ମାଆଙ୍କୁ ଏତେ ଶାରୀରିକ, ଆର୍ଥିକ ଏବଂ ମାନସିକ ଭାବରେ କ୍ଲାନ୍ତ ହେବାକୁ ଅନୁମତି ଦିଏ ନାହିଁ ଯେ ପିତା ତାଙ୍କ ଦାୟିତ୍ୱ ପରିତ୍ୟାଗ କରିଦେବେ । ଏହି ରାୟ ଏପରି ଏକ ମାମଲାରେ ଆସିଛି ଯେଉଁଥିରେ ଜଣେ ବ୍ୟକ୍ତି ନିମ୍ନ ଅଦାଲତର ଆଦେଶକୁ ଚ୍ୟାଲେଞ୍ଜ କରିଥିଲେ। ଡିସେମ୍ବର ୨୦୨୩ରେ, ନିମ୍ନ ଅଦାଲତ ସ୍ୱାମୀଙ୍କୁ ସେମାନଙ୍କ ତିନି ସନ୍ତାନଙ୍କ ପାଇଁ ପ୍ରତି ମାସରେ ୩୦୦୦୦ ଟଙ୍କା ମଧ୍ୟବର୍ତ୍ତୀକାଳୀନ ଭରଣପୋଷଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସେସନ୍ସ କୋର୍ଟ ମଧ୍ୟ ଏହି ନିର୍ଦ୍ଦେଶକୁ ସମର୍ଥନ କରିଥିଲେ। ହାଇକୋର୍ଟ ଏହି ନିଷ୍ପତ୍ତିକୁ ସମର୍ଥନ କରିଥିଲେ ଏବଂ ପିତାଙ୍କ ଆବେଦନକୁ ଖାରଜ କରିଥିଲେ। ସ୍ୱାମୀ ହାଇକୋର୍ଟରେ ଦାବି କରିଥିଲେ ଯେ ତାଙ୍କର ମାସିକ ଆୟ ମାତ୍ର ୯୦୦୦ ଟଙ୍କା ଥିଲା, ଯେତେବେଳେ ତାଙ୍କ ସ୍ତ୍ରୀଙ୍କର ୩୪୫୦୦ ଟଙ୍କା ଥିଲା । ସେ ଯୁକ୍ତି ଦେଇଥିଲେ ଯେ ତାଙ୍କ ସ୍ତ୍ରୀ ଅଧିକ ରୋଜଗାର କରୁଥିବାରୁ ପିଲାମାନଙ୍କର ସମ୍ପୂର୍ଣ୍ଣ ଭାର ତାଙ୍କ ଉପରେ ଲଦି ଦେବା ଆଇନର ନୀତି ବିରୁଦ୍ଧରେ। ସ୍ୱାମୀ ସ୍ତ୍ରୀଙ୍କୁ ଆଇନର ଅପବ୍ୟବହାର କରୁଥିବାର ମଧ୍ୟ ଅଭିଯୋଗ କରିଥିଲେ। ଦସ୍ତୀ କୋର୍ଟ ସମ୍ମୁଖରେ ତାଙ୍କର ମାମଲା ଉପସ୍ଥାପନ କରିବା ସମୟରେ କହିଥିଲେ ଯେ ପିଲାମାନଙ୍କ ଶିକ୍ଷା, ଚିକିତ୍ସା ଏବଂ ଦୈନନ୍ଦିନ ଆବଶ୍ୟକତା ପାଇଁ ସେ କେବଳ ଦାୟୀ । ସେ ଯୁକ୍ତି କରିଥିଲେ ଯେ ମା ଯେତେ ରୋଜଗାର କଲେ ମଧ୍ୟ ପିଲାମାନଙ୍କ ଭରଣପୋଷଣ ପାଇଁ ପିତାଙ୍କ ଦାୟିତ୍ୱ କେବେବି ବାପାଙ୍କଠାରୁ ହଟାଯାଇପାରିବ ନାହିଁ। ସ୍ତ୍ରୀଙ୍କ ଯୁକ୍ତି ଉପରେ ମତାମତ ଦେଇ କୋର୍ଟ କହିଥିଲେ ଯେ ତାଙ୍କ ଆଚରଣ ନିର୍ଭରଶୀଳତାକୁ ପ୍ରତିଫଳିତ କରୁନାହିଁ, ବରଂ ଦାୟିତ୍ୱର ଭାବନାକୁ ପ୍ରତିଫଳିତ କରେ । ଜଣେ ପିତାଙ୍କୁ ତାଙ୍କ ସନ୍ତାନମାନଙ୍କ ପ୍ରତି କର୍ତ୍ତବ୍ୟ ଅନୁଭବ କରାଇବା ପତ୍ନୀଙ୍କ ଅଧିକାର ।କୋର୍ଟଙ୍କ ନିଷ୍ପତ୍ତି ସ୍ପଷ୍ଟ ଭାବରେ ଏକ ବାର୍ତ୍ତା ଦେଇଛି ଯେ ଉଭୟ ପିତାମାତା ପିଲାମାନଙ୍କୁ ଲାଳନପାଳନରେ ସମାନ ଭାବରେ ଭାଗ ନେବା ଉଚିତ ଏବଂ କେହି ଏକପାଖିଆ ଭାବରେ ଦାୟିତ୍ୱ ଏଡାଇ ପାରିବେ ନାହିଁ ।

# ବେଙ୍ଗଲରେ ବିଜୟର ବାନା ଉଡ଼ାଇବାକୁ ଶାହଙ୍କ ରଣନୀତି

**ନୂଆଦିଲ୍ଲୀ,୩୧।୧୨(ଏଜେନ୍ସି):**କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପାଇଁ ବିଜେପିର ରଣନୀତି ପ୍ରସ୍ତୁତ କରିବାକୁ ତିନି ଦିନିଆ କୋଲକାତା ଗସ୍ତରେ ଅଛନ୍ତି । ଏହି ଗସ୍ତ ସମୟରେ ସେ ଦଳର ସାଙ୍ଗଠନିକ ଶକ୍ତି ଓ ଦୁର୍ବଳତାର ସମୀକ୍ଷା କରିବା ସହ ବିଭିନ୍ନ ସ୍ତରର ନେତା ଓ କର୍ମୀଙ୍କ ସହ ଆଲୋଚନା କରି ସିଧାସଳଖ ଫିଡ୍ବ୍ୟାକ ନେଉଛନ୍ତି। ଏଥର ଯେମିତି ବି ହେଲେ ପଶ୍ଚିମବଙ୍ଗରେ ଫୁଲ ଫୁଟାଇବାକୁ ପଡ଼ିବ, ଏଥିପାଇଁ ଫୁଲ୍ ଦମରେ ଲାଗିପଡ଼ିଛନ୍ତି ବିଜେପିର ବଡ଼ ବଡ଼ ନେତା ଓ କର୍ମୀ । ହେଲେ ଏ ନିର୍ବାଚନର ବାଜିରେ ବିଜେପି ବାଜିମାରିବ ତ ? ଦିଦିଙ୍କ ଗଡ଼ରେ ଉଡ଼ିବ ତ ଗେରୁଆ ବାନା ? ଏକଥା ଏଥିପାଇଁ କୁହାଯାଉଛି, କାହିଁକି ନା ଆଗାମୀ କିଛି ମାସ ଭିତରେ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ, ଏହା ପୂର୍ବରୁ ବିଜେପିର ଚାଣକ୍ୟ କୁହାଯାଉଥିବା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ପଶ୍ଚିମବଙ୍ଗରେ ବିଜେପିର ସରକାର ଗଠନ ନେଇ ବଡ଼ ଭବିଷ୍ୟବାଣୀ କରିଛନ୍ତି । ସେ କହିଛନ୍ତି ୨୦୨୬ରେ ପଶ୍ଚିମବଙ୍ଗରେ ବିଜେପି ସରକାର ଗଠନ କରିବ, ଆଉ ସରକାର ଗଠନ କରିବା ପରେ ପଶ୍ଚିମବଙ୍ଗରୁ ଅନୁପ୍ରବେଶକାରୀଙ୍କୁ ହଟାଯିବ । ଶାହ ନିଜର ବୟାନରେ ୨୦୧୪ରୁ ୨୦୨୫ ପର୍ଯ୍ୟନ୍ତ ବିଜେପିର ଭୋଟ୍ ଯାତ୍ରାକୁ ନେଇ ତଥ୍ୟ ରଖିବା ସହିତ, ତାଙ୍କ ଭବିଷ୍ୟତବାଣୀ କେବଳ ଗୋଟିଏ ହାୱା ନୁହେଁ ବୋଲି ଇସାରା ଦେଇଛନ୍ତି । ସିଧା ସିଧା ଦିଦିଙ୍କୁ ତୀର ମାରିବା ସହିତ ଆଗାମୀ ଦିନରେ ପଶ୍ଚିମବଙ୍ଗରେ ବିଜେପିର ସରକାର ଗଠନ ହେବ ବୋଲି କହିଛନ୍ତି ଶାହ ।



# ଜାପାନକୁ ପଛରେ ପକାଇଲା ଭାରତ

**ନୂଆଦିଲ୍ଲୀ,୩୧।୧୨(ଏଜେନ୍ସି):**ଭାରତ ପାଇଁ ନିର୍ଣ୍ଣାୟକ ମୁହୂର୍ତ୍ତ । ୨୦୨୫ରେ ନୋମିନାଲ ଜିଡିପି ଆଧାରରେ ଜାପାନକୁ ପଛରେ ପକାଇ ଏହା ହୋଇଛି ଚତୁର୍ଥ ବୃହତ୍ ଅର୍ଥବ୍ୟବସ୍ଥା। ସରକାରଙ୍କ ବର୍ଷ ଶେଷ ଅର୍ଥନୈତିକ ସମୀକ୍ଷା ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି । ୨୦୨୬ ପ୍ରଥମାର୍ଦ୍ଧରେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍ଏଫ୍) ଦ୍ୱାରା ଜାରି ହେବାକୁ ଥିବା ତଥ୍ୟରୁ ଏହା ନିଶ୍ଚିତ ହୋଇଯିବ ବୋଲି ରିପୋର୍ଟରେ କୁହାଯାଇଛି । ଆଗାମୀ କିଛି ବର୍ଷରେ ଜର୍ମାନୀକୁ ଟପିବ ଭାରତ। ଏଥିସହିତ ଏହା ଆମେରିକା ଓ ଚୀନ୍ ପରେ ହେବ ତୃତୀୟ ବୃହତ ଅର୍ଥନୀତି । ସରକାରୀ ବିବୃତି ଅନୁସାରେ, ଭାରତର ଜିଡିପି ବର୍ତ୍ତମାନ ରହିଛି ୪.୧୮ ଟ୍ରିଲିୟନ ଡଲାର । ଏଥିସହିତ ଏହା ଜାପାନକୁ ଟପି ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥବ୍ୟବସ୍ଥା ପାଲଟିଛି । ଆଗାମୀ ଅଢେଇରୁ ୩ ବର୍ଷରେ ଅର୍ଥାତ ୨୦୩୦ ସୁଦ୍ଧା ଦେଶର ଜିଡିପି ୭.୩ ଟ୍ରିଲିୟନ ଡଲାର ଛୁଇଁବ ଏବଂ ଜର୍ମାନିକୁ ପଛରେ ପକାଇ ଭାରତ ପାଲଟିବ ତୃତୀୟ ବୃହତ ଅର୍ଥବ୍ୟବସ୍ଥା । ଗତ କିଛି ବର୍ଷ ହେବ ଭାରତ ବିଶ୍ୱର ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତିର ମାନ୍ୟତା ବଜାୟ ରଖିଛି । ଗତ ୧୦ ବର୍ଷରେ ଅର୍ଥନୀତିର ଆକାର ଦୁଇଗୁଣା ହୋଇଛି। ଏବେ ବିଶ୍ୱର ତୃତୀୟ ବୃହତ ଅର୍ଥବ୍ୟବସ୍ଥା ହେବାକୁ ଅଗ୍ରସର ହେଉଛି ଭାରତ । ଆଇଏମ୍ଏଫ୍ ଆକଳନ କରିଛି ଯେ, ୨୦୨୬ରେ ଭାରତୀୟ ଅର୍ଥନୀତିର ଆକାର ହେବ ୪.୫୧ ଟ୍ରିଲିୟନ ଡଲାର, ଯାହାକି ଜାପାନର ୪.୪୬ ଟ୍ରିଲିୟନ ଡଲାର ଠାରୁ ସାମାନ୍ୟ ଅଧିକ । ଅଗଷ୍ଟରେ ଆମେରିକାର ଟାରିଫ୍ ଏବଂ ରୁଷ ତେଲ କ୍ରୟ ଉପରେ କଟକଣା ମଧ୍ୟରେ ଭାରତ ସରକାର ଦେଶର ଭବିଷ୍ୟତକୁ ନେଇ ଆଶାବାଦୀ ରହିଛନ୍ତି । ଦେଶରେ ମୁଦ୍ରାସ୍ଫୀତି ଆର୍ବିଆଇର ଧାର୍ଯ୍ୟ ସୀମା ମଧ୍ୟରେ ରହିଛି । ବେକାରି ହାର କମିଛି ଏବଂ ରପ୍ତାନିରେ ଦେଖାଦେଇଛି ସୁଧାର । ଏସବୁ ଅର୍ଥନୀତିରେ ଉତ୍ସାହ ଆଣିଥିବା ସରକାରଙ୍କ ରିପୋର୍ଟରେ ଉଲ୍ଲେଖ କରାଯାଇଛି । ବ୍ୟବସାୟଗୁଡ଼ିକୁ ଆବଶ୍ୟକତା ମୁତାବକ ଋଣ ଯୋଗାଣ ସହ ଚାହିଦା ବୃଦ୍ଧି ଅର୍ଥନୀତି ପାଇଁ ସହାୟକ ହୋଇଥିବା ଏଥିରେ କୁହାଯାଇଛି। ୨୦୨୫- ୨୬ର ଦ୍ୱିତୀୟ ତ୍ରୟମାସରେ ଦେଶର ବାସ୍ତବ ଜିଡିପି ୮.୨% ବଢିଛି, ଯାହାକି ପ୍ରଥମ ତ୍ରୟମାସରେ ଥିଲା ୭.୮%। ମଜଭୁତ ଘରୋଇ ଚାହିଦା ଯୋଗୁ ଏହା ସମ୍ଭବ ହୋଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଚଳିତ ଆର୍ଥିକବର୍ଷ ଦେଶର ଅଭିବୃଦ୍ଧି ୭.୩% ରହିବ ବୋଲି ଆର୍ବିଆଇ ଆକଳନ କରିଛି । ଆୟକର ଏବଂ ଜିଏସ୍ଟି ସଂସ୍କାର, ଅଶୋଧିତ ତୈଳ ଦରରେ ହ୍ରାସ ଓ ସରକାରଙ୍କ ପୁଞ୍ଜି ବ୍ୟୟରେ ବୃଦ୍ଧି ଅର୍ଥନୀତିର ଗତିକୁ ଦ୍ରୁତ କରିଥିବା ରିପୋର୍ଟରେ କୁହାଯାଇଛି । ବର୍ତ୍ତମାନର ସଂସ୍କାର ପଦକ୍ଷେପ ଅଭିବୃଦ୍ଧିକୁ ଦ୍ରୁତ କରିବ ବୋଲି ଏଥିରେ ଉଲ୍ଲେଖ କରାଯାଇଛି।

# ଦୂଷିତ ଜଳ ପିଇ ୮ ମୃତ, ୧୦୦ରୁ ଅଧିକ ଅସୁସ୍ଥ

**ନୂଆଦିଲ୍ଲୀ,୩୧।୧୨(ଏଜେନ୍ସି):** କ୍ଲିନ୍ ସିଟି ବୋଲାଉଥିବା ଇନ୍ଦୋର ପାଣିରେ ବିଷ ! ଦେଶର ସବୁଠାରୁ ସ୍ୱଚ୍ଛ ସହର ତାଲିକାରେ ମଧ୍ୟପ୍ରଦେଶର ଇନ୍ଦୋର ଏକ ନମ୍ବରରେ ଆସେ । ସହରରେ ଦୂଷିତ ପାଣି ପିଇ ଲୋକେ ଝାଡ଼ା ବାନ୍ତି ହୋଇଛନ୍ତି । ଭାଗୀରଥପୁରାରେ ଦୂଷିତ ପାଣି ପିଇ ୮ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦୦ ଜଣ ଗୁରୁତର ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯିବ । ସମସ୍ତଙ୍କ ଗୁରୁତରଙ୍କ ଚିକିତ୍ସାର ଖର୍ଚ୍ଚ ବହନ କରିବେ ସରକାର । ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଏହି ଘଟଣାର ତଦନ୍ତ କରି ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଗତକାଲି ବିଳମ୍ବିତ ରାତିରେ ଜୋନାଲ ଅଧିକାରୀ ଶାଲିଗ୍ରାମ ଶୀତୋଲେ ଏବଂ ସହକାରୀ ଯନ୍ତ୍ରୀ-ଭାରପ୍ରାପ୍ତ ଯୋଗେଶ ଯୋଶୀଙ୍କୁ ନିଲମ୍ବିତ କରିଛନ୍ତି। ଏକ ୩ ଜଣିଆ ସଦସ୍ୟ ବିଶିଷ୍ଟ ତଦନ୍ତ କମିଟି ମଧ୍ୟ ଗଠନ କରାଯାଇଛି । ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରିଛନ୍ତି । ଏହି ଅଞ୍ଚଳରେ ବାନ୍ତି, ଝାଡ଼ା, ପେଟ ଯନ୍ତ୍ରଣା ଭଳି ସମସ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇଛି । ପ୍ରାୟ ୨,୦୦୦ ଲୋକ ଏଥିରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି । ଅନେକ ରୋଗୀଙ୍କୁ ଇନ୍ଦୋରର ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ୨୫ ରୁ ୩୦ ତାରିଖରେ ସ୍ୱାସ୍ଥ୍ୟ ବିଭାଗ ଟିମ୍ ଘର ଘର ବୁଲି ସର୍ଭେ କରିଛନ୍ତି । ଏପର୍ଯ୍ୟନ୍ତ, ୧,୧୦୦ରୁ ଅଧିକ ଘର ଯାଞ୍ଚ କରାଯାଇଛି । ଲୋକମାନଙ୍କୁ ଫୁଟା ପାଣି ପିଇବାକୁ ପରାମର୍ଶ ଦିଆଯାଇଛି। ପାଣି ନମୂନା ପରୀକ୍ଷା ପାଇଁ ପଠାଯାଇଛି । ୪୮ ଘଣ୍ଟା ମଧ୍ୟରେ ରିପୋର୍ଟ ଆସିବାର ଆଶା କରାଯାଉଛି ।

# ଚୀନ୍‌ର ଦାବି,ଭାରତ-ପାକିସ୍ତାନ ମଧ୍ୟରେ ମୁଁ କରିଛି ଯୁଦ୍ଧବିରତି

**ନୂଆଦିଲ୍ଲୀ,୩୧।୧୨(ଏଜେନ୍ସି):**ଭାରତ-ପାକିସ୍ତାନ ଯୁଦ୍ଧବିରତି ପାଇଁ ଅନ୍ତର୍ଜାତୀୟ କ୍ରେଡିଟ୍-ବର୍ଣ୍ଟନ ତୀବ୍ର ହୋଇଛି । ପ୍ରଥମେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଉ ଏବେ ଚୀନ୍ ଯୁଦ୍ଧବିରତିରେ ମଧ୍ୟସ୍ଥତା କରିଥିବା ଦାବି କରିଛି, କିନ୍ତୁ ଭାରତ ଉଭୟ ଦାବିକୁ ସ୍ପଷ୍ଟ ଭାବରେ ପ୍ରତ୍ୟାଖ୍ୟାନ କରିଛି, ଏହା କେବଳ ଦୁଇ ଦେଶ ମଧ୍ୟରେ ଏକ ମାମଲା ବୋଲି କହିଛି । ଭାରତ ସରକାରୀ ସୂତ୍ର ସ୍ପଷ୍ଟ ଭାବରେ କହିଛି ଯେ କୌଣସି ତୃତୀୟ ଦେଶ କୌଣସି ସ୍ତରରେ ସମ୍ପୃକ୍ତ ନଥିଲା, ଏବଂ ଅପରେସନ୍ ସିନ୍ଦୁର ପରେ ପାକିସ୍ତାନ ନିଜେ ଭାରତଠାରୁ ଯୁଦ୍ଧବିରତି ଅନୁରୋଧ କରିଥିଲା । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାବିକୁ ସମର୍ଥନ କରି ଚୀନ୍ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଶାନ୍ତି ଆଲୋଚନାରେ ନିଜକୁ ମଧ୍ୟସ୍ଥି ଭାବରେ ଅବସ୍ଥାପିତ କରିବା ପରେ ଏହି ସ୍ପଷ୍ଟୀକରଣ ଆସିଛି। ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ସମ୍ପ୍ରତି କହିଛନ୍ତି ଯେ ବେଜିଂ ଭାରତ-ପାକିସ୍ତାନ ବିବାଦ ସମେତ ଅନେକ ବିଶ୍ୱ ବିବାଦର ସମାଧାନରେ ଭୂମିକା ଗ୍ରହଣ କରିଛି । ସରକାରୀ ସୂତ୍ରଗୁଡ଼ିକ କହିଛନ୍ତି ଯେ ମଧ୍ୟସ୍ଥତା ଉପରେ ଭାରତର ମତ ସର୍ବଦା ସ୍ପଷ୍ଟ ରହିଛି । ଅପରେସନ୍ ସିନ୍ଦୁର ପରେ କୌଣସି ମଧ୍ୟସ୍ଥତା ହୋଇନଥିଲା। ଭାରତ ସର୍ବଦା କହିଆସିଛି ଯେ ତୃତୀୟ ପକ୍ଷ ହସ୍ତକ୍ଷେପର କୌଣସି ସୁଯୋଗ ନାହିଁ । ଯୁଦ୍ଧବିରତି ପାଇଁ ପାକିସ୍ତାନ ହିଁ ଭାରତର ପୋଲିସ ମହାନିର୍ଦ୍ଦେଶକଙ୍କ ସହ ଯୋଗାଯୋଗ କରିଥିଲା । ବେଜିଂରେ ଏକ ଆଲୋଚନାଚକ୍ରକୁ ସମ୍ବୋଧିତ କରି ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି କହିଛନ୍ତି ଯେ ଏହି ବର୍ଷ ବିଶ୍ୱରେ ଅନେକ ସ୍ଥାନୀୟ ଯୁଦ୍ଧ ଏବଂ ସୀମାପାର ବିବାଦ ଘଟିଛି। ସେ ଦାବି କରିଛନ୍ତି ଯେ ଚୀନ୍ ମିଆମାର, ଇରାନର ପରମାଣୁ ପ୍ରସଙ୍ଗ, ଭାରତ-ପାକିସ୍ତାନ ଉତ୍ତେଜନା, ପାଲେଷ୍ଟାଇନ-ଇସ୍ରାଏଲ ବିବାଦ ଏବଂ କାମ୍ବୋଡିଆ-ଥାଇଲାଣ୍ଡ ବିବାଦ ଭଳି ପ୍ରସଙ୍ଗରେ ମଧ୍ୟସ୍ଥତା କରିଛି । ୧୩ ମଇ, ୨୦୨୫ରେ ଏକ ପ୍ରେସ ବ୍ରିଫିଂରେ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଥିଲା ଯେ ଦୁଇ ଦେଶର ମହାନିର୍ଦ୍ଦେଶକଙ୍କ ମଧ୍ୟରେ ଆଲୋଚନାରେ ଯୁଦ୍ଧବିରତିର ତାରିଖ, ସମୟ ଏବଂ ଶବ୍ଦାବଳୀ ଉପରେ ସହମତ ହୋଇଥିଲା । ମନ୍ତ୍ରଣାଳୟ ସ୍ପଷ୍ଟ କରିଥିଲା ଯେ ଏହି ପ୍ରକ୍ରିୟାରେ ଅନ୍ୟ କୌଣସି ଦେଶର କୌଣସି ଭୂମିକା ନାହିଁ।

# କାନାଡ଼ା ପରେ ଦୁବାଇରେ କାଫେ ଖୋଲିଲେ କପିଲ୍ ଶର୍ମା

**ନୂଆଦିଲ୍ଲୀ,୩୧।୧୨(ଏଜେନ୍ସି):**ଆଉ ମାତ୍ର କେଇ ଘଣ୍ଟା ପରେ ସରିବାକୁ ଯାଉଛି ବର୍ଷ ୨୦୨୫ । ନୂଆବର୍ଷ ନୂଆ ଆଶା ନେଇ ଆସୁଛି । ନୂଆବର୍ଷରେ କିଛି ନୂଆ କରିବାର ପ୍ରୟାସ ସମସ୍ତେ କରିଥାନ୍ତି । ତେବେ ଜଣାଶୁଣା କମେଡିଆନ କପିଲ୍ ଶର୍ମା ନୂଆବର୍ଷରେ ଆଉ ଏକ କାଫେ ଖୋଲିଛନ୍ତି । ବୁଧବାର ସେ ନୂଆ କାଫେର ଆରମ୍ଭ କରିଛନ୍ତି । କପିଲ୍ ନିଜର ସୋସିଆଲ ମିଡିଆ ପେଜରେ କାଫେର ଫଟୋ ଏବଂ ଭିଡିଓ ପୋଷ୍ଟ କରି ସମସ୍ତଙ୍କୁ ସ୍ୱାଗତ କରିଛନ୍ତି । ସେ ଏକ ଭିଡିଓରେ ନିଜେ କଫି ପରିବେଷଣ କରୁଥିବା ମଧ୍ୟ ଦେଖିବାକୁ ମିଳିଛି । କପିଲ ଶର୍ମା ନୂଆ କାଫେ ଆରମ୍ଭ କରିଥିବାବେଳେ ତାଙ୍କୁ ଚାରିଆଡୁ ଛୁଟିଛି ଶୁଭେଚ୍ଛାର ସୁଅ । ତାଙ୍କ ସାଥୀ କମେଡି ଅଭିନେତ୍ରୀ ଭାରତୀ ସିଂହ ନୂତନ କାଫେ ପାଇଁ ଶୁଭକାମନା ଜଣାଇଛନ୍ତି । ସେ ନିଜର ପୋଷ୍ଟରେ ଲେଖିଛନ୍ତି କି, ଭାଇ ଏବଂ ଭାଉଜଙ୍କୁ ଶୁଭକାମନା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କି, କାନାଡ଼ାରେ ଥିବା କପିଲ୍ ଶର୍ମାଙ୍କ କାଫେ ଉପରେ ଚଳିତ ବର୍ଷ ତିନିଥର ଗୁଳି ଚାଳନା ହୋଇଛି ।କେହି ଅଜ୍ଞାତ ବ୍ୟକ୍ତି ତାଙ୍କ କାଫେକୁ ଲକ୍ଷ୍ୟ କରି ଗୁଳି ଚଳାଇଥିଲା । ଯାହାକି ଗଣମାଧ୍ୟମରେ ଚର୍ଚ୍ଚାରେ ରହିଥିଲା । ପ୍ରଥମ ଆକ୍ରମଣ ଜୁଲାଇ ୧୦ରେ ହୋଇଥିବାବେଳେ ଦ୍ୱିତୀୟ ଆକ୍ରମଣ ଅଗଷ୍ଟ ୭ରେ ହୋଇଥିଲା । ଏହାସହ ତୃତୀୟ ଥର ଲାଗି ଅକ୍ଟୋବର ୧୫ ତାରିଖରେ ହୋଇଥିଲା । ଯେଉଁଥିରେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ହାତ ଥିବା କୁହାଯାଇଥିଲା । ପରେ ସୋସିଆଲ ମିଡିଆରେ ମଧ୍ୟ ଗୁଳିମାନ ସମୟର ଭିଡିଓ ଭାଇରାଲ ହୋଇଥିଲା । ତେବେ କାନାଡ଼ା କାଫେ ଉପରେ ତିନିଥର ଗୁଳି ଚାଳନା ହୋଇଥିବାବେଳେ ଏବେ ପୁଣିଥରେ ଦୁବାଇରେ କାଫେ ଖୋଲିଛନ୍ତି ।

# ବନ୍ଦ ହେଲା ଅନଲାଇନ୍ ଡେଲିଭରି

**ନୂଆଦିଲ୍ଲୀ,୩୧।୧୨(ଏଜେନ୍ସି):** ନୂଆ ବର୍ଷ ପୂର୍ବଦିନ ଠପ ହୋଇଯାଇଛି ଅନଲାଇନ୍ ଡେଲିଭରି ସେବା । ବିଭିନ୍ନ ଦାବି ନେଇ ଆଜି ସାରା ଦେଶର ଧର୍ମଘଟ କରିଛନ୍ତି ଡେଲିଭରି ବା ସ୍ୱିଗ୍ କର୍ମଚାରୀ । ଯାହାଫଳରେ ଖାଦ୍ୟଠୁ ନେଇ ସାମାନପତ୍ର ଅନଲାଇନ ଅର୍ଡର ଅପେକ୍ଷାରେ ଥିବା ଗ୍ରାହକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଛି । ଆଜିର ଦିନରେ ଲୋକମାନେ ଦୋକାନ ବଜାର କିଣାବିକାକୁ ଯେତିକି ପସନ୍ଦ କରୁଛନ୍ତି ସେତିକି ଅନଲାଇନ ସପିଂର ଚାହିଦା ରହିଛି । ବିଶେଷ କରି ସେଲିବ୍ରେସନ ସମୟରେ ଜମାଟୋ, ସ୍ୱିଗ ସହ ଅନଲାଇନ ଫୁଡର କ୍ରେଜ ବେଶ ଅଧିକ ଥାଏ । ଏଭଳିସ୍ଥିତି ଡେଲଭରି ବୟଙ୍କ ଆଜିର ଧର୍ମଘଟ ନୂଆବର୍ଷର ମଜାକୁ କିଛି ମାତ୍ରାରେ ପ୍ରଭାବିତ କରିଛି ।ସ୍ୱିଗ୍ ଏବଂ ଅନଲାଇନ ଡେଲିଭରି ପ୍ଲାଟଫର୍ମ ୱାର୍କର୍ସ ୟୁନିଅନ୍ ଏବଂ ଇଣ୍ଡିଆନ୍ ଫେଡେରେସନ୍ ଅଫ୍ ଆପ୍ ବେଷ୍ଟ ଟ୍ରାନ୍ସପୋର୍ଟ ୱାର୍କର୍ସଙ୍କ ନେତୃତ୍ୱରେ ଏହି ଧର୍ମଘଟ କରାଯାଉଛି ।ଏମାନଙ୍କ ଦାବି ରହିଛି

## ଭାରତ ଚତୁର୍ଥ ବୃହତ ଅର୍ଥନୀତି

# ଜିଡିପି ୪.୧୮ ଟ୍ରିଲିଅନ୍ ଡଲାରରେ ପହଞ୍ଚିଲା

**ନୂଆଦିଲ୍ଲୀ,୩୧।୧୨(ଏଜେନ୍ସି):**ଭାରତର ନାମମାତ୍ର ଜିଡିପି(ମୋଟ ଘରୋଇ ଉତ୍ପାଦ) ୪.୧୮ ଟ୍ରିଲିଅନ ଡଲାରରେ ପହଞ୍ଚିଛି। ଜାପାନକୁ ଟପି ଭାରତ ଚତୁର୍ଥ ବଡ଼ ଅର୍ଥନୀତିରେ ପରିଣତ ହୋଇଛି । ଆସନ୍ତା ଅଢେଇରୁ ୩ ବର୍ଷ ମଧ୍ୟରେ ଭାରତ ଜର୍ମାନୀକୁ ତୃତୀୟ ସ୍ଥାନରୁ ହଟାଇବ । ୨୦୩୦ ସୁଦ୍ଧା ଭାରତର ଜିଡିପି ୭.୩ ଟ୍ରିଲିଅନ ଡଲାରରେ ପହଞ୍ଚିବ । ଦିନକ ପରେ ୨୦୨୬ ମସିହା ଆସିବାକୁ ଥିବାବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୨୫ ମସିହା ପାଇଁ ପ୍ରକାଶିତ ବର୍ଷ-ଶେଷ ଅର୍ଥନୈତିକ ସମୀକ୍ଷା ରିପୋର୍ଟରେ ଏହି ଦାବି କରାଯାଇଛି। ଆଗାମୀ ଦିନରେ ଭାରତ ଜର୍ମାନୀକୁ ଅତିକ୍ରମ କରି ବିଶ୍ୱର ତୃତୀୟ ବୃହତ ଅର୍ଥନୀତି ପାଲଟିବ । ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଚୀନ ଭାରତ ଉପରେ ରହିବେ। ତେବେ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି(ଆଇଏମ୍ଏଫ୍) ଦ୍ୱାରା ୨୦୨୬ ପ୍ରଥମାର୍ଦ୍ଧରେ ଏକ ରିପୋର୍ଟ ପ୍ରକାଶ ପାଇବ । ସେହି ରିପୋର୍ଟରେ ଭାରତର ଦାବିକୁ ସ୍ୱୀକୃତି ମିଳିବ ବୋଲି ଆଶା କରାଯାଉଛି । ଗତ କିଛିବର୍ଷ ହେଲା ବିଶ୍ୱର ପ୍ରମୁଖ ଅର୍ଥନୀତିଗୁଡ଼ିକ ମଧ୍ୟରେ ଦ୍ରୁତ ଅଭିବୃଦ୍ଧି ହାସଲ କରୁଥିବା ଦେଶ ଭାବେ ଭାରତ ପରିଗଣିତ ହୋଇଆସୁଛି। ଗତ ୧୦ ବର୍ଷ ମଧ୍ୟରେ ଭାରତୀୟ ଅର୍ଥନୀତିର ଆକାର ବୃଦ୍ଧି ପାଇ ଦୁଇଗୁଣା ହୋଇଛି । ଚଳିତବର୍ଷ ଅକ୍ଟୋବରରେ ଆଇଏମ୍ଏଫ୍ କରିଥିବା ଆକଳନ ଅନୁଯାୟୀ, ଭାରତର ନାମମାତ୍ର ଜିଡିପି ୨୦୨୮-୨୯ ଆର୍ଥିକବର୍ଷରେ ୫ ଟ୍ରିଲିଅନ ଡଲାର ଟପିବ । ରୁଷାରୁ ଅଶୋଧିତ



ତେଲ କିଣୁଥିବା କାରଣରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ଗତ ଅଗଷ୍ଟ ମାସରେ ଜରିମାନା ଆକାରରେ ୨୫ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ଏଥିସହିତ ପାଲଟା ଶୁଳ୍କ ବାବଦରେ ୨୫ ପ୍ରତିଶତ ବି ଆଦାୟ କରୁଛନ୍ତି । ଭାରତର ରପ୍ତାନିକାରୀମାନେ ଏହାଦ୍ୱାରା ଆମେରିକା ବଜାରରେ ୫୦ ପ୍ରତିଶତ ଭଳି ଚା ଶୁଳ୍କର ସାମନା କରୁଛନ୍ତି । ଏହା ସତ୍ତ୍ୱେ ଅର୍ଥନୀତିକୁ ନେଇ ଭାରତ ସରକାର ଗୋଲାପି ଚିତ୍ର ଆଙ୍କିଛନ୍ତି। ଅର୍ଥନୀତି ସଂପର୍କରେ ସରକାର ଏହା ମଧ୍ୟ ଦାବି କରିଛନ୍ତି ଯେ ଭାରତ ଅର୍ଥନୀତି ଏକ ବିରଳ ସଫଳତା ପର୍ଯ୍ୟାୟ ଦେଇ ଗତି କରୁଛି। ତାହା ହେଲା ୨୦୨୫ରେ ଭାରତର ଅଭିବୃଦ୍ଧି ଉଚ୍ଚସ୍ତରରେ ଥିବାବେଳେ ମୁଦ୍ରାସ୍ଫୀତି କମ ରହିଛି। ଉତ୍ପାଦନ, ନିଯୁକ୍ତି, ଦରଦାମ ଏବଂ ବାଣିଜ୍ୟ ଆଦି କ୍ଷେତ୍ରରେ ଅର୍ଥନୀତିର ସୂଚକାଙ୍କଗୁଡ଼ିକ ଭଲ ରହିଛି। ଚଳିତ ଆର୍ଥିକବର୍ଷର ଦ୍ୱିତୀୟ ତ୍ରୟମାସରେ ଭାରତର ବାସ୍ତବ ଜିଡିପି ଅଭିବୃଦ୍ଧି ୮.୨ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହାକି ଗତ ୬ଟି ତ୍ରୟମାସ ମଧ୍ୟରେ ସର୍ବାଧିକ। ବିଶ୍ୱ ବାଣିଜ୍ୟ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତି ଏବଂ ନୀତିଗତ ଅନିଶ୍ଚିତତା ସତ୍ତ୍ୱେ ଭାରତ ଏହି ସଫଳତା ହାସଲ କରିଛି । ଭାରତର ଘରୋଇ ଖର୍ଚ୍ଚ ଅର୍ଥନୀତିକୁ ସଂପ୍ରସାରିତ କରିଛି । ୨୦୨୫ରେ ଦେଶର ନିଯୁକ୍ତି କ୍ଷେତ୍ରରେ ଉନ୍ନତି ଆସିଛି । ନଭେମ୍ବର ମାସରେ ୧୫ ବର୍ଷ ଓ ତଦୂର୍ଦ୍ଧ୍ୱ ବୟସର ବ୍ୟକ୍ତିଙ୍କ କ୍ଷେତ୍ରରେ ବେକାରି ହାର ୪.୮ ପ୍ରତିଶତକୁ ହ୍ରାସ ପାଇଛି। ଯାହାକି ୨୦୨୫ ଏପ୍ରିଲ ମାସଠାରୁ ସର୍ବନିମ୍ନ । ସରକାର ଏହା ମଧ୍ୟ କହିଛନ୍ତି ଯେ ମୁଦ୍ରାସ୍ଫୀତି ସ୍ଥିତି ଦେଶରେ ଭଲ ଅଛି । ନଭେମ୍ବର ମାସରେ ଖୁଚୁରା ମୁଦ୍ରାସ୍ଫୀତି ୦.୭୧ ପ୍ରତିଶତ ଏବଂ ପାଇକାରୀ ମୁଦ୍ରାସ୍ଫୀତି ବିଯୁକ୍ତ ୦.୩୨ ପ୍ରତିଶତ ରହିଛି ।

# ସୁନା ଅଳଙ୍କାର ଚୋରି ପରେ ଘର ମାଲିକାଣିଙ୍କୁ ହତ୍ୟା କରି ସୁଟକେଶ ସହ ଫେରାର ହେଲା ଭଡାଟିଆ

**ନୂଆଦିଲ୍ଲୀ,୩୧।୧୨(ଏଜେନ୍ସି):** ତେଲେଙ୍ଗାନାର ହାଇଦ୍ରାବାଦର ନାଚରମ ପୋଲିସ ଷ୍ଟେସନ ଅଞ୍ଚଳରେ ଏକ ଭୟଙ୍କର ହତ୍ୟାକାଣ୍ଡ ଘଟିଛି, ଯାହା ସମଗ୍ର ସହରକୁ ଚକିତ କରିଦେଇଛି । ମଲ୍ଲପୁର ଅଞ୍ଚଳରେ ରହୁଥିବା ୬୫ ବର୍ଷୀୟା ମହିଳା ସୁଜାତାଙ୍କୁ ତାଙ୍କ ଘରେ ଭଡାଟିଆ ଭାବେ ରହୁଥିବା ଜଣେ କ୍ୟାବ୍ ଡ୍ରାଇଭର ତାଙ୍କ ସୁନା ଅଳଙ୍କାର ଲୋଭରେ ନିର୍ମମ ଭାବରେ ହତ୍ୟା କରିଥିଲେ । ପୋଲିସ ଏହି ଜଘନ୍ୟ ଅପରାଧର ପର୍ଦ୍ଦାଫାସ କରିଛି ଏବଂ ମୁଖ୍ୟ ଅଭିଯୁକ୍ତ ସମେତ ତିନି ଜଣଙ୍କୁ ଗିରଫ କରିଛି। ପୋଲିସ ଅନୁଯାୟୀ, ଅଭିଯୁକ୍ତ ଜଣକ ଆନ୍ଧ୍ରପ୍ରଦେଶର ବାସିନ୍ଦା ଅଞ୍ଜିବାବୁ ବୋଲି ଚିହ୍ନଟ କରାଯାଇଛି । ସେ ସୁଜାତାଙ୍କ ଘରେ ଭଡାରେ ରହୁଥିବା ସମୟରେ କ୍ୟାବ୍ ଡ୍ରାଇଭର ଭାବରେ କାମ କରୁଥିଲେ । ସୁଜାତା ଏକା ରହୁଥିଲେ ଏବଂ ତାଙ୍କ ପାଖରେ ପ୍ରଚୁର ପରିମାଣର ସୁନା ଅଳଙ୍କାର ଥିଲା । ଅଞ୍ଜିବାବୁ ଏହା ପାଇବା ପାଇଁ ତାଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର କରିଥିଲେ । ବାସ୍ତବରେ ଗତ ସପ୍ତାହରେ, ଅଞ୍ଜିବାବୁ ସୁଯୋଗ ନେଇ ବୃଦ୍ଧା ମହିଳାଙ୍କୁ ନିର୍ମମ ଭାବରେ ଗଳାକାଟି ହତ୍ୟା କରିଥିଲେ। ହତ୍ୟା ପରେ, ସେ ସୁଜାତାଙ୍କ ଶରୀରରୁ ସୁନା ଅଳଙ୍କାର କାଢ଼ି ନେଇଥିଲେ । ଅପରାଧ କରିବା ପରେ, ପ୍ରମାଣ ନଷ୍ଟ କରିବା ପାଇଁ ଅଭିଯୁକ୍ତ ତାଙ୍କର ଦୁଇ ବନ୍ଧୁଙ୍କ ସାହାଯ୍ୟ ନେଇଥିଲେ । ହତ୍ୟା ପରେ, ଅଭିଯୁକ୍ତ ମୃତଦେହକୁ ଏକ ସୁଟକେସରେ ପ୍ୟାକ୍ କରିଥିଲେ । ତା'ପରେ ସେ ତାଙ୍କ ବନ୍ଧୁମାନଙ୍କ ସହିତ ଏକ କାରରେ ଶବ ବୋହି ଚାଲିଗଲେ । ଅଭିଯୁକ୍ତ ଜଣକ ସୁଟକେସ୍ ନେଇ ଯାଉଥିବା ସମୟରେ ସିସିଟିଭି କ୍ୟାମେରାରେ କଏଦ ହୋଇଥିଲା । ପରେ ମୃତଦେହକୁ ଗୋଦାବରୀ ନଦୀରେ ଫିଙ୍ଗି ଦିଆଯାଇଥିଲା । ଏହି ସମୟ ମଧ୍ୟରେ, ଅଭିଯୁକ୍ତ ଭାବିଥିଲା ଯେ ତାଙ୍କର ଅପରାଧ କେବେ ପ୍ରକାଶ ପାଇବ ନାହିଁ । ଯେତେବେଳେ ସୁଜାତାଙ୍କୁ କିଛି ଦିନ ଧରି ଦେଖାଗଲା ନାହିଁ, ତାଙ୍କ ପରିବାର ଚିନ୍ତିତ ହୋଇପଡିଲେ ସେମାନେ ନାଚରମ ପୋଲିସ ଷ୍ଟେସନରେ ନିଖୋଜ ଅଭିଯୋଗ ଦାଖଲ କଲେ । ପୋଲିସ ମାମଲାର ତଦନ୍ତ ଆରମ୍ଭ କଲା ଏବଂ ନିକଟସ୍ଥ ସିସିଟିଭି କ୍ୟାମେରାରୁ ଫୁଟେଜ୍ ଯାଞ୍ଚ କଲା । ତଦନ୍ତ ସମୟରେ, ଅଞ୍ଜିବାବୁଙ୍କ ଆଚରଣ ସନ୍ଦେହଜନକ ମନେ ହେଲା । ପୋଲିସ ଅଞ୍ଜିବାବୁଙ୍କୁ ଅଟକ ରଖି କଠୋର ପଚରାଉଚରା କଲା । ସେ ହତ୍ୟା କରିଥିବାର ସ୍ୱୀକାର କରିଥିଲେ ଏବଂ ମୃତଦେହକୁ ନଷ୍ଟ କରିବା ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ଅଭିଯୁକ୍ତଙ୍କ ସୂଚନା ପରେ, ପୋଲିସ ଗୋଦାବରୀ ନଦୀରୁ ବୃଦ୍ଧା ମହିଳାଙ୍କ ମୃତଦେହ ଉଦ୍ଧାର କରିଛି ।

# ୨୦୨୬ରେ ଭାରତ-ପାକିସ୍ତାନ ଯୁଦ୍ଧ !

**ନୂଆଦିଲ୍ଲୀ,୩୧।୧୨(ଏଜେନ୍ସି):**୨୦୨୬ରେ ଭାରତ-ପାକିସ୍ତାନ ମଧ୍ୟରେ ହୋଇପାରେ ଭୀଷଣ ଯୁଦ୍ଧ । ଆମେରିକାର ଏକ ରିପୋର୍ଟ ଏଭଳି କିଛି ସଂକେତ ଦେଇଛି । ଏହାସହ ସେ ଭାରତକୁ ସତର୍କ କରାଇଛି । ଆମେରିକାର ପ୍ରମୁଖ ଥିଙ୍କ୍ ଟ୍ୟାଙ୍କ୍ କାଉନ୍ସିଲ ଅନ୍ ଫରେନ୍ ରିଲେସନ୍ସ ବା ସିଏଫ୍ଆର୍‌ର ନୂଆ ରିପୋର୍ଟ ସତର୍କ କରାଇଛି ଯେ, ୨୦୨୬ରେ ଭାରତ ଓ ପାକିସ୍ତାନ ମଧ୍ୟରେ ଭୟଙ୍କର ଯୁଦ୍ଧ ହୋଇପାରେ । କାଶ୍ମୀରରେ ଆତଙ୍କୀ କାର୍ଯ୍ୟକଳାପ ହିଁ ଯୁଦ୍ଧର ପ୍ରମୁଖ କାରଣ ହେବ । କେବଳ ସେତିକି ନୁହେଁ, ଦୁଇ ଦେଶ ଅସ୍ତ୍ର କ୍ରୟ ବଢ଼ାଇଥିବାରୁ ଉତ୍ତେଜନା ଆହୁରି ବଢ଼ିପାରେ ବୋଲି ରିପୋର୍ଟ ଦର୍ଶାଇଛି । ମୁଖ୍ୟତଃ ଚୀନ୍ ପ୍ରଦତ୍ତ ଅସ୍ତ୍ରଶସ୍ତ୍ର ଉପରେ ନିର୍ଭରଶୀଳ ପାକିସ୍ତାନ ଏବେ ଯୁଦ୍ଧବିମାନ ସଂଖ୍ୟା ବାଢ଼ିବା ପାଇଁ ସବୁ ଶକ୍ତି ଲଗାଇ ଦେଇଛି। ଭାରତ ମଧ୍ୟ ପ୍ରତିରକ୍ଷା ବଜେଟ୍ ବଢ଼ାଇ ଅତ୍ୟାଧୁନିକ ଅସ୍ତ୍ର କ୍ରୟ କରୁଛି । ଆମେରିକା ରିପୋର୍ଟ ଅନୁସାରେ, ପହଲ୍ଗାମ ଆକ୍ରମଣ ପରେ ଭାରତର ଅପରେସନ୍ 'ସିନ୍ଦୂର'ଭଳି ଘଟଣା ଆଗାମୀ ବର୍ଷ ପୁନରାବୃତ୍ତି ହେଲେ, ପୁଣିଥରେ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ବଢିବ । ଆଉ ଏଥର ଯୁଦ୍ଧ ଭୟଙ୍କର ରୂପ ନେବାର ଆଶଙ୍କା ରହିଛି । ଦୁଇ ଦେଶ ପରମାଣୁ ଶକ୍ତିସଂପନ୍ନ ହୋଇଥିବାରୁ ଯୁଦ୍ଧ ଭୟଙ୍କର ହୋଇପାରେ ।

# ଭାରତକୁ ଆଉ ଏକ ପ୍ରତିରକ୍ଷା ପ୍ରଣାଳୀ ଉପହାର ଦେବ ଋଷ

**ନୂଆଦିଲ୍ଲୀ,୩୧।୧୨(ଏଜେନ୍ସି):**ଭାରତର ବାୟୁ ପ୍ରତିରକ୍ଷାକୁ ଆହୁରି ମଜବୁତ କରିବା ପାଇଁ, ରୁଷ ଭାରତକୁ S-350 Vityaz ବାୟୁ ପ୍ରତିରକ୍ଷା ପ୍ରଣାଳୀ ପ୍ରଦାନ କରିଛି । ଏହି ଉନ୍ନତ ମଧ୍ୟମ-ପରିସର ପ୍ରଣାଳୀ ଟ୍ରାନ୍ସଫର ଅଫ୍ ଟେକ୍ନୋଲୋଜି ସହିତ ଉପଲବ୍ଧ ହେବ, ଯାହା ଭାରତରେ ଏହାର କିଛି ଉପାଦାନର ନିର୍ମାଣକୁ ଅନୁମତି ଦେବ । ରୋଷ୍ଟେକ ଅନୁଯାୟୀ, ଏହି ପ୍ରଣାଳୀ, ଭାରତର ବର୍ତ୍ତମାନ ଥିବା ଏସ୍-୪୦୦ ଟ୍ରାୟମ୍ଫ ବ୍ୟାଟେରୀ ସହିତ ମିଶି, ଦେଶର ସମନ୍ୱିତ ବାୟୁ ପ୍ରତିରକ୍ଷା କ୍ଷମତାକୁ ଆହୁରି ମଜବୁତ କରିବ। ନିକଟରେ ଏକ ଉଚ୍ଚସ୍ତରୀୟ ବୈଠକରେ ଏସ୍-୩୫୦ ବ୍ୟତୀତ, ଅତିରିକ୍ତ ଏସ୍-୪୦୦ ରେଜିମେଣ୍ଟ ଏବଂ ଭବିଷ୍ୟତର ଏସ୍-୫୦୦ ସିଷ୍ଟମ ବିଷୟରେ ମଧ୍ୟ ଆଲୋଚନା ହୋଇଛି । ବର୍ତ୍ତମାନ, ରୁଷ ଏସ୍-୩୫୦ ଏକ କାର୍ଯ୍ୟକାରୀ ଏବଂ ସହଜରେ ଉପଲବ୍ଧ ବିକଳ୍ପ ଭାବରେ ଉପସ୍ଥାପନ କରୁଛି। ଭାରତ ପୂର୍ବରୁ ତିନୋଟି ଏସ୍-୪୦୦ ସ୍କ୍ୱାଡ୍ରନକୁ କାର୍ଯ୍ୟକ୍ଷମ କରିସାରିଛି ଏବଂ ଖୁବ୍ ଶୀଘ୍ର ଆଉ ଦୁଇଟି ସ୍କ୍ୱାଡ୍ରନ ନିୟୋଜିତ କରାଯିବ । ଏସ୍-୩୫୦ ଭିତ୍ୟାଜ ହେଉଛି ଏକ ଆଧୁନିକ ମଧ୍ୟମ ଦୂରଗାମୀ ରୁଷୀୟ କ୍ଷେପଣାସ୍ତ୍ର ପ୍ରଣାଳୀ, ଯାହା ଭୂପୃଷ୍ଠରୁ ବାୟୁର ଆକ୍ରମଣ କରିବାର କ୍ଷମତା ରଖିଥିବା ବେଳେ ଏହା ପୁରୁଣା ଏସ୍-୩୦୦ପିଏସ୍ କୁ ବଦଳାଇବା ପାଇଁ ଡିଜାଇନ୍ କରାଯାଇଛି । ଏହା ଯୁଦ୍ଧ ବିମାନ, ହେଲିକପ୍ଟର, ଡ୍ରୋନ୍, କ୍ରୁଜ୍ କ୍ଷେପଣାସ୍ତ୍ର ଏବଂ ଗୁପ୍ତ ଲକ୍ଷ୍ୟକୁ ପ୍ରତିରୋଧ କରିବାରେ ସକ୍ଷମ । ଏହି ସିଷ୍ଟମର ପରିସର ଏୟାରୋଡାଇନାମିକ୍ ଟାର୍ଗେଟ ପାଇଁ ୧୨୦ କିଲୋମିଟର ଏବଂ ବାଲିଷ୍ଟିକ୍ ମିସାଇଲ୍ ପାଇଁ ୨୫-୩୦ କିଲୋମିଟର ପର୍ଯ୍ୟନ୍ତ ରହିଛି । ଏହା ୨୦-୩୦ କିଲୋମିଟର ଉଚ୍ଚତାରେ ଲକ୍ଷ୍ୟଭେଦ କରିପାରିବ । ଏଥିରେ 9M96E, 9M96E2 ଏବଂ 9M100 ମିସାଇଲ୍ ସଜ୍ଜିତ । ଗୋଟିଏ ଲଞ୍ଚର୍ ୧୨ଟି ମିସାଇଲ୍ ଲୋଡ୍ କରିପାରିବ, ଯାହା ଏକକାଳୀନ ଅନେକ ଲକ୍ଷ୍ୟକୁ ଟ୍ରାକ୍ ଏବଂ ଧ୍ୱଂସ କରିପାରିବ । ବହୁମୁଖୀ ଏଇଏସ୍ଏ ରାଡାର କମ୍ ଉଚ୍ଚତାବିଶିଷ୍ଟ ବିପଦକୁ ମଧ୍ୟ ଚିହ୍ନଟ କରିପାରିବ । ଏସ୍-୩୫୦ ପାକିସ୍ତାନ ଏବଂ ଚୀନ୍ ଭଳି ପଡ଼ୋଶୀ ବିପଦ ବିରୁଦ୍ଧରେ ଭାରତର ସୁରକ୍ଷାକୁ ସୁଦୃଢ଼ କରିବ ।



## ସିଣ୍ଟରିଂ ପ୍ଲାଣ୍ଟ- ୩ ରେ ତତ୍କାଳ ସ୍ୱୀକୃତି ପୁରସ୍କାର ଯୋଜନା ଅଧୀନରେ ଅନୁକରଣୀୟ ପ୍ରୟାସ ପାଇଁ ଠିକା ଶ୍ରମିକ ପୁରସ୍କୃତ



ରାଉରକେଲା,୩୧।୧୨ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ସିଣ୍ଟରିଂ ପ୍ଲାଣ୍ଟ-୩ ବିଭାଗର ସମ୍ମିଳନୀ ହଲରେ ତତ୍କାଳ ସ୍ୱୀକୃତି ପୁରସ୍କାର ଯୋଜନା ଅଧୀନରେ ଠିକା ଶ୍ରମିକଙ୍କୁ ପୁରସ୍କୃତ କରିବା ପାଇଁ ଏକ ସମାରୋହ ଆୟୋଜନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ଏସପି-୩ ବିଭାଗର ଜିଏମ ଇନ ଚାର୍ଜ ଶ୍ରୀ କଲ୍ୟାଣ ସମଜଦାର ଅଧ୍ୟକ୍ଷତା କରି ବିଭାଗରେ ନିୟୋଜିତ ୨୦ ଜଣ ଠିକା ଶ୍ରମିକଙ୍କୁ ସେମାନଙ୍କର କଠିନ ପରିଶ୍ରମ, ନିଷ୍ଠା ଏବଂ ପ୍ଲାଣ୍ଟର କାର୍ଯ୍ୟଦକ୍ଷତାରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଏମ ମେକାନିକାଲ୍ ଅନୁଗ୍ରହ ଏକ୍କା, ଜିଏମ ଇଲେକ୍ଟ୍ରିକାଲ ଶ୍ରୀ କାମେଶ୍ୱର ସିଂହ, ଜିଏମ ଅପରେସନ ସୌଭାଗ୍ୟ କୁମାର ମହାନ୍ତି, ଏଚଆର ସିଏଲସି ବିଭାଗର ଡେପୁଟି ମ୍ୟାନେଜର ବିଜ୍ଞାନ ପାତ୍ର, ଏବଂ ସିଣ୍ଟରିଂ ପ୍ଲାଣ୍ଟ-୩ ର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ସମାବେଶକୁ ସମ୍ବୋଧିତ କରି, ଶ୍ରୀ ସମଜଦାର ପୁରସ୍କୃତ କର୍ମଚାରୀଙ୍କୁ ସୁରକ୍ଷିତ କାର୍ଯ୍ୟ ପଦ୍ଧତିକୁ ନିରନ୍ତର ପାଳନ ପୂର୍ବକ ମୁଖ୍ୟ ମରାମତି, ନିର୍ଦ୍ଧାରିତ ସଟଡାଉନ, ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ, ରକ୍ଷଣାବେକ୍ଷଣ ଏବଂ ହାଉସକିପିଙ୍ଗ କାର୍ଯ୍ୟଧାରା ଅବଧିରେ ସେମାନଙ୍କର ଉତ୍ସର୍ଗୀକୃତ ଏବଂ ଆନ୍ତରିକ ପ୍ରୟାସର ଉଚ୍ଚ ପ୍ରଶଂସା କରିଥିଲେ। ସେ ସିଣ୍ଟରିଂ ପ୍ଲାଣ୍ଟ-୩ ର ପ୍ରକୃତ ପ୍ରଗତିର ଅଂଶୀଦାର ଭାବରେ ଠିକା ଶ୍ରମିକଙ୍କୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସିଣ୍ଟରିଂ ପ୍ଲାଣ୍ଟ-୩ ବିଭାଗର ଏଜିଏମ୍ ଶ୍ରୀ ଆଶିଷ କୁମାର ଶରଣ ସଂଯୋଜନା କରିଥିଲେ।

## ୨୦୨୫ରେ ଭାରତର ଡାଟା ବ୍ୟବହାର ଶୈଳୀକୁ ରୂପାନ୍ତରିତ କରିଛି ଜିଓ-୫ ଜି ନେଟୱାର୍କ

ଭୁବନେଶ୍ୱର, ୩୧।୧୨ (ନି.ପ୍ର) : ୨୦୨୫ ବର୍ଷ ଭାରତର ଡିଜିଟାଲ ଯାତ୍ରାରେ ଏକ ନିର୍ଣ୍ଣାୟକ ମୋଡ଼ ଅନୁରୂପ ହୋଇଛି,ଯେଉଁଥିରେ ଯେଉଁଥିରେ ୫ଜି ନେଟୱାର୍କ ପ୍ରଯୁକ୍ତି ନେଟୱାର୍କ ଗତି ବୃଦ୍ଧି ସହିତ ଦେଶର ଡାଟା ବ୍ୟବହାର ଶୈଳୀକୁ ମଧ୍ୟ ରୂପାନ୍ତରିତ କରିଛି। ରିଲାଏନ୍ସ ଜିଓ ଏହି ପରିବର୍ତ୍ତନର କେନ୍ଦ୍ରରେ ରହିଥିଲା, ଯାହା ବ୍ୟାପକ ୫ଜି ଅପଗ୍ରେଡ଼ ମାଧ୍ୟମରେ ଭାରତକୁ ଏକ ନୂତନ ଡାଟା ଯୁଗରେ ପ୍ରବେଶ କରାଇଥିଲା। ୨୦୨୫ ବର୍ଷରେ, ୨୩.୪ କୋଟିରୁ ଅଧିକ ଉପଭୋକ୍ତା ଜିଓ ନେଟୱାର୍କରେ ଜିଓ ଟ୍ରୁ ୫ଜିକୁ ଅପଗ୍ରେଡ଼ ହୋଇଥିଲେ, ଯାହା ସିଧାସଳଖ ଡାଟା ବ୍ୟବହାର ଢାଞ୍ଚାକୁ ପ୍ରଭାବିତ କରିଥିଲା। ଜାନୁଆରୀ ୨୦୨୫ ରେ ପ୍ରତି ଉପଭୋକ୍ତା ପିଛା ହାରାହାରି ମାସିକ ଡାଟା ବ୍ୟବହାର ୩୨.୩ ଜିବି ଥିବାବେଳେ ବର୍ଷ ଶେଷ ସୁଦ୍ଧା ଏହା ୩୮.୭ ଜିବିକୁ ବୃଦ୍ଧି ପାଇଛି। ବର୍ତ୍ତମାନ ସମୟରେ ଜିଓର ମୋଟ ୱାୟାରଲେସ୍ ଡାଟା ଟ୍ରାଫିକର ପ୍ରାୟ ୫୦ ପ୍ରତିଶତ ୫ଜି ରୁ ଆସୁଛି, ଯାହା ସୂଚିତ କରୁଛି ଯେ ଭାରତରେ ହାଇ-ସ୍ପିଡ୍ ସଂଯୋଗ ମୁଖ୍ୟଧାରାରେ ପରିଣତ ହୋଇଛି।

୫ଜି ନେଟୱାର୍କର ଦ୍ରୁତ ଗତି ଏବଂ ଉନ୍ନତ ଦକ୍ଷତା ଭିଡିଓ ଷ୍ଟ୍ରିମିଂ, କ୍ଲାଉଡ୍-ଆଧାରିତ ସେବା, ଅନଲାଇନ୍ ଗେମିଂ ଏବଂ ଡିଜିଟାଲ୍ କାର୍ଯ୍ୟକ୍ଷେତ୍ର ଭଳି ବ୍ୟବହାରକୁ ନୂତନ ଗତି ପ୍ରଦାନ କରିଛି। ଜିଓ ପକ୍ଷରୁ ପ୍ରକାଶ କରାଯାଇଛି ଯେ ଜିଓ ୫ଜି ନେଟୱାର୍କ ଗତି ପ୍ରତିଯୋଗୀମାନଙ୍କ ତୁଳନାରେ ୧.୪ ଗୁଣ ଦ୍ରୁତ ରହିଥିବାବେଳେ ଉତ୍ପାଦକତା ତିନି ଗୁଣ ଯାଏଁ ବୃଦ୍ଧି ପାଇଛି। ଉଲ୍ଲେଖନୀୟ ଯେ, ଦେଶର ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ ୫ଜି ଦ୍ରୁତ ଗତିରେ ବିସ୍ତାରିତ ହୋଇଛି, ନେଟୱାର୍କ ସାଇଟ୍ ଅଭିବୃଦ୍ଧି ଦୁଇଗୁଣାରୁ ଅଧିକ ହୋଇଛି।

ନେଟୱାର୍କ ବ୍ୟବହାରରେ ଏହି ଦ୍ରୁତ ବୃଦ୍ଧି ସହିତ, ଜିଓ ଗ୍ରାହକ ଆଧାର ଦୃଷ୍ଟିରୁ ମଧ୍ୟ ଇତିହାସ ସୃଷ୍ଟି କରିଛି। ସେପ୍ଟେମ୍ବର ୨୦୨୫ ରେ, କମ୍ପାନୀ ୫୦ କୋଟି ଗ୍ରାହକ ସଂଖ୍ୟା ଅତିକ୍ରମ କରିଥିଲା, ଯେତେବେଳେ ଅକ୍ଟୋବର ଶେଷ ସୁଦ୍ଧା ଉପଭୋକ୍ତାଙ୍କ ସଂଖ୍ୟା ୫୦.୯୩ କୋଟିରେ ପହଞ୍ଚିଥିଲା। କେବଳ ବର୍ଷର ପ୍ରଥମ ଦଶ ମାସରେ ଜିଓ ପ୍ରାୟ ୨.୭୨ କୋଟି ନୂତନ ଗ୍ରାହକ ଯୋଡ଼ିଛି।

ଡାଟା ଟ୍ରାଫିକ ଦୃଷ୍ଟିରୁ ଜିଓ ବିଶ୍ୱର ସର୍ବବୃହତ ମୋବାଇଲ୍ ଡାଟା ନେଟୱାର୍କ ହୋଇଛି। ବୃଦ୍ଧି ପାଉଥିବା ଡାଟା ବ୍ୟବହାରର ଏହି ତଥ୍ୟରୁ ଅନୁମାନ କରାଯାଇପାରେ ଯେ ଜାନୁଆରୀ ଏବଂ ସେପ୍ଟେମ୍ବର ୨୦୨୫ ମଧ୍ୟରେ ଜିଓ ନେଟୱାର୍କରେ ମୋଟ ୧୬୨ ଏକ୍ସାବାଇଟ୍ ବା ୧୬୨ ବିଲିୟନ ଜିବି ଡାଟା ଟ୍ରାଫିକ୍ ରେକର୍ଡ କରାଯାଇଥିଲା। ମାତ୍ର ଗୋଟିଏ ତ୍ରୟମାସରେ ଡାଟା ଟ୍ରାଫିକରେ ୧୧.୯ ଏକ୍ସାବାଇଟ୍ ବୃଦ୍ଧି ନେଟୱାର୍କର କ୍ଷମତା ଏବଂ ବଦଳୁଥିବା ବ୍ୟବହାରକାରୀ ଟ୍ରେଣ୍ଡ ଉଭୟକୁ ପ୍ରତିଫଳିତ କରେ।

୨୦୨୫ ମସିହାରେ ପ୍ରୟାଗରାଜରେ ଅନୁଷ୍ଠିତ ମହାକୁମ୍ଭ ମେଳା ସମୟରେ ଜିଓ ୫ଜି ନେଟୱାର୍କର ସମ୍ଭାବନାକୁ ମଧ୍ୟ ଏକ ବଡ଼ ପରୀକ୍ଷାରେ ରଖାଯାଇଥିଲା। ମହାକୁମ୍ଭ ମେଳା ସମୟରେ ଜିଓ ନେଟୱାର୍କ ସହିତ ରେକର୍ଡ ସଂଖ୍ୟକ ଭକ୍ତ ଯୋଡି ହୋଇଥିଲେ। ମୌନି ଅମାବାସ୍ୟା ସ୍ନାନ ଦିନ, ଗୋଟିଏ ଦିନରେ ଜିଓ ଟ୍ରୁ ୫ଜି ନେଟୱାର୍କରେ ପ୍ରାୟ ଦୁଇ କୋଟି ଭଏସ୍ କଲ୍ କରାଯାଇଥିଲା ଏବଂ ୪୦ କୋଟି ଡାଟା ସେବା ଅନୁରୋଧ ସଫଳତାର ସହିତ ପରିଚାଳନା କରାଯାଇଥିଲା। ଏହା ଜିଓର ଷ୍ଟାଣ୍ଡଆଲୋନ ୫ଜି ନେଟୱାର୍କର ଦୃଢ଼ତାକୁ ଦର୍ଶାଏ, ଯାହା ଉଚ୍ଚ ଭିଡ଼ ଏବଂ ଅତ୍ୟଧିକ ଡାଟା ବ୍ୟବହାର ପରିସ୍ଥିତିରେ ମଧ୍ୟ ନିରବଚ୍ଛିନ୍ନ ସେବା ପ୍ରଦାନ କରିବାରେ ସକ୍ଷମ।

୨୦୨୫ ମସିହାରେ ଜିଓର ବିଶ୍ୱସ୍ତରୀୟ ଉପସ୍ଥିତି ଏହାର ଫିକ୍ସଡ଼ ୱାୟାରଲେସ୍ ଆକ୍ସେସ୍ (ଏଫଡବ୍ଲୁଏ) ବ୍ୟବସାୟ ଦ୍ୱାରା ଆହୁରି ସୁଦୃଢ଼ ହୋଇଥିଲା। ଜୁଲାଇ ୨୦୨୫ ରେ ଜିଓ ଏୟାରଫାଇବରର ଗ୍ରାହକ ସଂଖ୍ୟା ଅନୁସାରେ ବିଶ୍ୱର ଏକ ନମ୍ବର ଏଫଡବ୍ଲୁଏ ସେବା ପ୍ରଦାନକାରୀ ହୋଇଥିଲା। ପ୍ରତି ମାସରେ ପ୍ରାୟ ୧୦ ଲକ୍ଷ ନୂତନ ଗୃହ ବ୍ରଡ଼ବ୍ୟାଣ୍ଡ ସଂଯୋଗ ଯୋଡି ହେବା ସହିତ, ଜିଓ ଏୟାରଫାଇବରର ଉପଭୋକ୍ତା ସଂଖ୍ୟା ଏକ କୋଟି ଅତିକ୍ରମ କରି ଏହାକୁ ବିଶ୍ୱର ସର୍ବବୃହତ ଏଫଡବ୍ଲୁଏ ନେଟୱାର୍କ କରିଛି। ସ୍ମାର୍ଟ ସେଟ୍-ଟପ୍ ବକ୍ସ ମାଧ୍ୟମରେ ଗେମିଂ, ମନୋରନ ଏବଂ କ୍ଲାଉଡ୍ ସେବାର ସମନ୍ୱୟ ସେବାକୁ ଗୃହ ଡିଜିଟାଲ୍ ଇକୋସିଷ୍ଟମର ଏକ ପ୍ରମୁଖ ଅଂଶ କରିଛି।

୨୦୨୫ ମଧ୍ୟ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଜିଓ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବର୍ଷ ଥିଲା। ଏକ ସ୍ୱଦେଶୀ ୫ଜି ଏବଂ ୟୁବିଆର-ଆଧାରିତ ଏଫଡବ୍ଲୁଏ ଷ୍ଟାକ୍, ୫ଜି-୬ଜି ସହ ଜଡିତ ୩,୪୦୦ ରୁ ଅଧିକ ପେଟେଣ୍ଟ ଫାଇଲିଂ ଏବଂ ବଡ଼ ପରିମାଣର ୟୁବିଆର ନିୟୋଜନ ଜିଓକୁ ଡିପ୍-ଟେକ୍ ଇନୋଭେସନରେ ଏକ ଅଗ୍ରଣୀ କମ୍ପାନୀ ଭାବରେ ସ୍ଥାନିତ କରିଛି। କମ୍ପାନୀର ଇନ-ହାଉସ୍ ଓଏସଏସ / ବିଏସଏସ ପ୍ଲାଟଫର୍ମ ଏବେ କେବଳ ଭାରତ ପାଇଁ ନୁହେଁ ବରଂ ବିଶ୍ୱ ବଜାର ପାଇଁ ମଧ୍ୟ ପ୍ରସ୍ତୁତ ବୋଲି ବିବେଚନା କରାଯାଉଛି।

ବର୍ଷ ଶେଷରେ ମୁକେଶ ଅମ୍ବାନୀ ୪୮ତମ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ବାର୍ଷିକ ସାଧାରଣ ବୈଠକରେ ଜିଓ ପ୍ଲାଟଫର୍ମ ଆଇପିଓ ନେଇ ଆନୁଷ୍ଠାନିକ ଭାବରେ ଘୋଷଣା କରିବା ପରେ ଜିଓର ଅଭିବୃଦ୍ଧି କାହାଣୀ ଏକ ନୂତନ ଦିଗ ପାଇଛି। କମ୍ପାନୀ ଘୋଷଣା କରିଛି ଯେ ଏହି ଆଇପିଓ ୨୦୨୬ର ପ୍ରଥମାର୍ଦ୍ଧରେ ଆସିବ। ବଜାର ବିଶେଷଜ୍ଞଙ୍କ ଅନୁଯାୟୀ, ଏହା ଭାରତର ସର୍ବବୃହତ ପବ୍ଲିକ୍ ଲିଷ୍ଟିଂ ମଧ୍ୟରୁ ଅନ୍ୟତମ ହୋଇପାରେ, ଯାହା ଜିଓର ନେଟୱାର୍କ ସ୍କେଲ୍, ଡାଟା ଅଭିବୃଦ୍ଧି ଏବଂ ଡିଜିଟାଲ୍ ଇକୋସିଷ୍ଟମ୍ ଉପରେ ନିବେଶକଙ୍କ ବିଶ୍ୱାସକୁ ଆହୁରି ମଜବୁତ କରିବ। ସାମଗ୍ରିକ ଭାବରେ, ୨୦୨୫ ଜିଓ ପାଇଁ ଏକ ଅନନ୍ୟ ବର୍ଷ ଥିଲା କାରଣ ଏହାର ଟ୍ରୁ ୫ଜି ନେଟୱାର୍କ ଭାରତର ଡାଟା ବ୍ୟବହାରରେ ବିପ୍ଲବ ଆଣି ଅନେକ ରେକର୍ଡ ସ୍ଥାପନ କରିଥିଲା। ଏହି ବର୍ଷରେ ଜିଓ ବିଶ୍ୱ ନେତୃତ୍ୱ ପାଇଁ ନିଜର ଦାବିକୁ ଆହୁରି ସୁଦୃଢ଼ କରିବା ସହିତ ୨୦୨୬ରେ ଏକ ପ୍ରମୁଖ ଆଇପିଓ ପାଇଁ ମୂଳଦୁଆ ପକାଇଛି।

## ଆରଏସପି ଦ୍ୱାରା ଆୟୋଜିତ ସିଲେଇ ତାଲିମରେ ୧୫ ମହିଳାଙ୍କ ତାଲିମ ସଫଳତାର ସହ ସମାପ୍ତ

ରାଉରକେଲା, ୩୧।୧୨ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନରେ ଆୟୋଜିତ ୧୫ ଦିନିଆ ତାଲିମ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ବନ୍ଧମୁଣ୍ଡା ଗ୍ରାମ ପଞ୍ଚାୟତର ୧୫ ଜଣ ମହିଳାଙ୍କୁ ସିଲେଇ ମେସିନ୍ ଦ୍ୱାରା କାମ କରିବା ସହିତ ଶିଳ୍ପ ସ୍ତରୀୟ ସିଲେଇ ମେସିନ୍ ପରିଚାଳନା ସମ୍ବନ୍ଧରେ ତାଲିମ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମର ଶେଷ ଅଧିବେଶନ ଡିସେମ୍ବର ୨୩ ତାରିଖରେ ଅନୁଷ୍ଠିତ ହୋଇଥିଲା। ଅବହେଳିତ ବର୍ଗ ର ମହିଳାମାନଙ୍କର ଦକ୍ଷତା ବିକାଶ କରିବା ସହିତ ବନ୍ଧମୁଣ୍ଡାରେ ଏକ ତାଲିମ୍ ସହ ଉତ୍ପାଦନ କେନ୍ଦ୍ର (ଟିସିପିସି) ପ୍ରତିଷ୍ଠା କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟଥିଲା । ଏହା ମାଧ୍ୟମରେ ପ୍ରତ୍ୟେକ ପ୍ରଶିକ୍ଷାର୍ଥୀଙ୍କୁ ଏକ ବାଣିଜ୍ୟିକ ଗ୍ରେଡ୍ ସିଲେଇ ମେସିନ୍ ମଧ୍ୟ ପ୍ରଦାନ କରାଯିବ।ସିଲେଇ



ଅଧିବେଶନଗୁଡ଼ିକ ଉଷା ସିଲେଇ ସ୍କୁଲର ମାଷ୍ଟର ଟ୍ରେନର ସୁଶ୍ରୀ ମୋନାଲିଶା ସାହୁଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା। ଏହାର ଉଦ୍‌ଯାପନୀ ସମାରୋହରେ ସହର ସେବା ଓ ସିଏସଆର ବିଭାଗର ସିଜିଏମ ଶ୍ରୀ ଟି ଜି କାନେକର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସିଏସଆର୍ ବିଭାଗର ଜିଏମ୍ ଇନ-ଚାର୍ଜ ସୁଶ୍ରୀ ମୁନମୁନ ମିତ୍ର, ଡିଜିଏମ୍ ଟି ବି ଟପ୍ପୋ, ଡେପୁଟି ମ୍ୟାନେଜର ଏସ୍ କେ ଶୁକ୍ଳା, ଗ୍ରାମ ଉ□ାନ ପ୍ରୋଜେକ୍ଟ ମ୍ୟାନେଜର ଶ୍ରୀ ଗୁରୁ ପ୍ରସାଦ ମହାନ୍ତିଙ୍କ ସହ ଆରଏସପି ଏବଂ ସମ୍ପୃକ୍ତ ସଂସ୍ଥାର ବହୁ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ କାନେକର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ମହିଳାମାନଙ୍କର ଆର୍ଥିକ ସଶକ୍ତିକରଣ ପାଇଁ ନିଆଯାଇଥିବା ସିଏସ୍ଆର୍ ପ୍ରୟାସକୁ ପ୍ରଶଂସା କରିଥିଲେ। ସେ ସମସ୍ତଙ୍କୁ ସର୍ବାଧିକ ଲାଭ ପାଇବା ପାଇଁ ସୁଯୋଗର ସଦୁପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ତାଲିମ ସମୟରେ ପ୍ରଶିକ୍ଷାର୍ଥୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ଶ୍ରେଷ୍ଠ ଉତ୍ପାଦ ଯେପରିକି ପୁରୁଷ, ମହିଳା, ପିଲାଙ୍କ ପାଇଁ ପୋଷାକ ଏବଂ ରୋଷେଇ ଘର ଆପ୍ରନ୍, ଏମ୍ବ୍ରୋଡାରି ଏବଂ ଆପ୍ଲିକ୍ କାମ ଇତ୍ୟାଦି ମଧ୍ୟ ପ୍ରଦର୍ଶିତ ହୋଇଥିଲା।

ଏହି ୧୫ ଦିନିଆ ତାଲିମର ପ୍ରଥମ ପର୍ଯ୍ୟାୟରେ, ମହିଳାମାନଙ୍କୁ ସିଲେଇ ମେସିନ୍ ବସାଇବା, ମରାମତି ଏବଂ ସର୍ଭିସିଂ, ଡିଜାଇନ୍ ଏବଂ ପ୍ୟାଟର୍ନ ଫର୍ମୁଲେଟିଂ, ମାପ କୌଶଳ ଏବଂ କଟିଂ, ସିଲେଇ, ପୋଷାକ ଫିଟିଂ, ହେମିଂ ଏବଂ ଇଣ୍ଟରଲକିଂ, ପ୍ୟାକେଟିଂ ଏବଂ ଫାଷ୍ଟିଂ ସହ ଅନ୍ୟାନ୍ୟ ନିର୍ଦ୍ଦିଷ୍ଟ ପୋଷାକ ସିଲେଇ ତାଲିମ ଶିକ୍ଷା ଦିଆଯାଇଥିଲା। ପ୍ରଥମ ପର୍ଯ୍ୟାୟ ସମାପ୍ତ ହେବା ପରେ,ବନ୍ଧମୁଣ୍ଡାରେ ଏକ ତାଲିମ ଏବଂ ଉତ୍ପାଦନ କେନ୍ଦ୍ର (ଟିସିପିସି) ସ୍ଥାପନ କରାଯିବ ଯେଉଁଥିରେ ସାଧାରଣ ଏବଂ ବାଣିଜ୍ୟିକ ବର୍ଗର ସିଲେଇ ମେସିନ ଏବଂ ଏକ ବହୁମୁଖୀ କାର୍ଯ୍ୟକ୍ଷମ ସିଲେଇ ମେସିନ ରହିବ।

## ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ 'ଚିତ୍ରାଙ୍ଗୀ'ର ଶୁଭାରମ୍ଭ

### ପୂର୍ବ ଭାରତର ଅସୀମ କାରିଗରୀ ପ୍ରତି ଏକ ସମ୍ମାନ

ଭୁବନେଶ୍ୱର, ୩୧।୧୨ (ନି.ପ୍ର) : ବିଶ୍ୱର ଅଗ୍ରଣୀ ଗହଣା ରିଟେଲର୍ ଓ ବ୍ରାଣ୍ଡ୍ ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ ପକ୍ଷରୁ ପୂର୍ବ ଭାରତର ସାଂସ୍କୃତିକ କଳାକୃତିରୁ ଅନୁପ୍ରାଣିତ ଏକ କଲେକ୍ସନ। ପଶ୍ଚିମବଙ୍ଗ ଓ ଓଡ଼ିଶାର ସାଂସ୍କୃତିକ ଭାଷା ପ୍ରତି ଏକ ଗଭୀର ସମ୍ମାନ ହେଉଛି ଚିତ୍ରାଙ୍ଗୀ ଯାହ ଜୀବନର କବିତାକୁ ନେଇ ସୁନ୍ଦର ଭାବେ ପ୍ରସ୍ତୁତ କରାଯାଇଥିବା ଗହଣା ଜରିଆରେ ଐତିହ୍ୟକୁ ସମ୍ମାନ ଜଣାଉଛି।

ଏହି କଲେକ୍ସନରେ ପରମ୍ପରାର କବିତାକୁ ଗହଣାରେ ଅଙ୍କନ କରାଯାଇଛି। ଚିତ୍ରାଙ୍ଗିରେ ଅଙ୍କନା ମୋଟିଫ୍, ଶଙ୍ଖ ଭଳି ଡିଜାଇନ୍ ଭାଷାକୁ ବ୍ୟବହାର କରାଯାଇଛି। ଷୋଡ଼ଶ ଓ ଊନବିଂଶ ଶତାବ୍ଦୀରେ ପଶ୍ଚିମବଙ୍ଗର ବିଷ୍ଣୁପୁର, ବାଙ୍କୁରା ଓ ବିରଭୁମରେ ସ୍ଥାପନ କରାଯାଇଥିବା ମନ୍ଦିରଗୁଡ଼ିକର ଖୋଦେଇରୁ ଅନୁପ୍ରାଣିତ ହୋଇ ଗହଣା ପ୍ରସ୍ତୁତ କରାଯାଇଛି। ସେହିପରି, ଓଡ଼ିଶାରେ ଭୁବନେଶ୍ୱରର ଲିଙ୍ଗରାଜ, କୋଣାର୍କର ସୂର୍ଯ୍ୟ ମନ୍ଦିରରେ ଜ୍ୟାମିତିକ ଓ ପଥର କାମ ବେଶ୍ ଚମତ୍କାର ରହିଛି ଯାହାକୁ ଗହଣାଗୁଡ଼ିକରେ ସ୍ଥାନିତ କରାଯାଇଛି। ଚିତ୍ରାଙ୍ଗୀ କଲେକ୍ସନରେ ଥିବା ଗହଣାଗୁଡ଼ିକରେ ସେହି ଢାଂଚା, ପଦ୍ମ ଆଦିକୁ ସାମିଲ କରାଯାଇଛି। ଓଡ଼ିଶା ଓ ପଶ୍ଚିମବଙ୍ଗରେ ଲକ୍ଷ୍ମୀ ପୂଜା ବେଳେ ପିଠଉ ବ୍ୟବହାର କରି କରାଯାଉଥିବା ଡିଜାଇନକୁ ମଧ୍ୟ ଏଥିରେ ବ୍ୟବହାର କରାଯାଇଛି।

ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଶ୍ରୀ ଏମ୍ ପି ଅହମ୍ମଦ କହିଛନ୍ତି ଯେ, 'ଏହି କଲେକ୍ସନର ଏକ ଚମକ ରହିଛି ଯାହା ଆପଣଙ୍କୁ ତତ୍କାଳ ଆକର୍ଷିତ କରିବ। ଏହି କାରିଗରୀ ପୂର୍ବ ଭାରତର ଭାବ, ସୂକ୍ଷ୍ମତା ଓ ସୌନ୍ଦର୍ଯ୍ୟର ହୃଦୟକୁ ପ୍ରତିଫଳିତ କରୁଛି। ମୁଁ ଯେତେବେଳେ ପ୍ରଥମ ଥର ପାଇଁ ଏହାକୁ ଦେଖିଲି ସେତେବେଳେ ମୋର ମନେ ପଡ଼ିଲା ଯେ କିଭଳି କଳା ଓ ସଂସ୍କୃତି ଆମ ଦୈନନ୍ଦୀନ ଜୀବନ ସହ ଯୋଡ଼ିହୋଇରହିଛି। କାରିଗରମାନେ ପ୍ରତିଟି ବିଷୟ ପ୍ରତି ସମର୍ପଣ ଭାବ ଦେଖାଇଛନ୍ତି। ଏହି କଲେକ୍ସନ ସେହି ଭାବକୁ ନିଷ୍ଠା ଓ ସୌନ୍ଦର୍ଯ୍ୟର ସହ ପାଳନ କରୁଛି। ଏହା ଉଭୟ ଅସୀମ ଓ ନୂଆ ଦେଖାଯାଉଛି ଯେଭଳି ତାହା ଆମ ଐତିହ୍ୟରୁ ସୃଷ୍ଟି ହୋଇଛି ଓ ତଥାପି ତାହା ବର୍ତ୍ତମାନର ସମୟ ପାଇଁ ତିଆରି ହୋଇଛି। ଚିତ୍ରାଙ୍ଗୀ କଲେକ୍ସନ ସ୍ୱତନ୍ତ୍ର ଭାବେ ପଶ୍ଚିମବଙ୍ଗ, ଓଡ଼ିଶା ଓ ଝାଡ଼ଖଣ୍ଡରେ ଥିବା ମାଲାବାର ଗୋଲ୍ଡ ଆଣ୍ ଡାଇମଣ୍ଡସ୍ ସୋ'ରୁମ୍‌ରେ ଉପଲବ୍ଧ ହୋଇଛି। ପ୍ରତିଟି ଗହଣାକୁ ସୁନାରେ ତିଆରି କରାଯାଇଥିବା ବେଳେ ସେଥିରେ ସ୍ୱଚ୍ଛତା ରହିଛି ଏବଂ ଶାଢ଼ି, ହସ୍ତତନ୍ତ ଓ ସମସାମୟିକ ପୋଷାକରେ ପିନ୍ଧି ହେବା ବିଷୟକୁ ଦୃଷ୍ଟିରେ ରଖି ତାହାକୁ ପ୍ରସ୍ତୁତ କରାଯାଇଛି।

ଚିତ୍ରାଙ୍ଗୀ ସହ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଐତିହ୍ୟ ଭାବକୁ ପାଳନ କରୁଛି ଯାହା କଳା ଜରିଆରେ ଜୀବନ୍ତ ଓ ଉଦୀୟମାନ ହୋଇଛି। ଡିଜାଇନ ହେଉଛି ଏକ ଭାଷା ଯାହା ଜରିଆରେ ସୌନ୍ଦର୍ଯ୍ୟ ବଂଚି ରହିଛି ଓ ପ୍ରାସଙ୍ଗିକ ରହିଛି।

## ଆଦାନୀ ଫାଉଣ୍ଡେସନ ପକ୍ଷରୁ ନରେନ୍ଦ୍ରପୁରରେ ମଲ୍ଟି-ସ୍ପେଶାଲିଟି ସ୍ୱାସ୍ଥ୍ୟ ଶିବିର

ଧାମରା,୩୧।୧୨ (ନି.ପ୍ର): ଧାମରା ପୋର୍ଟ କମ୍ପାନୀ ଲିମିଟେଡର ସିଏସଆର ଶାଖାଆଦାନୀ ଫାଉଣ୍ଡେସନ ପକ୍ଷରୁ ଗତ ଡିସେମ୍ବର ୨୬ ତାରିଖରେ ନରେନ୍ଦ୍ରପୁର ଗ୍ରାମପଞ୍ଚାୟତ ରେ ଥିବା ୟୁ.ଜି. ଉଚ୍ଚ ବିଦ୍ୟାପୀଠରେ ଏକମଲ୍ଟି-ସ୍ପେଶାଲିଟି ସ୍ୱାସ୍ଥ୍ୟ ଶିବିର ସଫଳତାର ସହିତ ଆୟୋଜନ କରାଯାଇଛି।

ଏହି ସ୍ୱାସ୍ଥ୍ୟ ଶିବିରରେ ପାର୍ଶ୍ୱବର୍ତ୍ତୀ ଗ୍ରାମ ଗୁଡ଼ିକର ପ୍ରାୟ ୩୮୩ ଜଣ ରୋଗୀଙ୍କୁ ଚିକିତ୍ସା ପରାମର୍ଶ ଦେବା ସହ ନିଶୁଳ୍କରେ ଔଷଧ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ନରେନ୍ଦ୍ରପୁର ସରପଞ୍ଚ ଶ୍ରୀମତୀ ଦିପ୍ତିମୟୀ ନାୟକ, ଜିଲ୍ଲା ପରିଷଦ ସଦସ୍ୟ ଶ୍ରୀ ଅମୂଲ୍ୟ କୁମାର ମାଝୀ, ସ୍ଥାନୀୟ ଗଣ୍ୟମାନ୍ୟ ବ୍ୟକ୍ତି ଓ ଆଦାନୀ ଫାଉଣ୍ଡେସନର ଅଧିକାରୀମାନେ ଉପସ୍ଥିତ ରହିଥିଲେ।




ଶିବିରରେ ମେଡିସିନ୍ ବିଭାଗର ଡାକ୍ତରଶ୍ରୀରାମ ପରିଡାଓ ଡାକ୍ତର ଅଶୋକ କୁମାର ଜେନା , ଚର୍ମବିଭାଗର ଡାକ୍ତରମନୀଷା ବିଦ୍ୟାଭାସିନି ,ଅସ୍ଥିଶଲ୍ୟ ବିଭାଗର ଡାକ୍ତର ଦୀପକ ହୋତା ଓ ଶିଶୁରୋଗ ବିଭାଗର ଡାକ୍ତର ଗୌରୀ ଶଙ୍କର ପାତ୍ର ପ୍ରମୁଖ ଉପସ୍ଥିତ ରହି ଚିକିତ୍ସା ପ୍ରଦାନ କରିଥିଲେ।

ସ୍ଥାନୀୟ ଲୋକେ ଏହି ସ୍ୱାସ୍ଥ୍ୟ ଶିବିରକୁ ଉଚ୍ଚ ପ୍ରଶଂସା କରିଥିବା ବେଳେ, ଆଦାନୀ ଫାଉଣ୍ଡେସନର ଏହି ପଦକ୍ଷେପ ସ୍ଥାନୀୟ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବାକୁ ସହଜ ଓ ସୁଲଭ କରିବା ସହିତ ସମ୍ପ୍ରଦାୟର କଲ୍ୟାଣ ପାଇଁ ତାଙ୍କର ନିରନ୍ତର ପ୍ରୟାସକୁ ପ୍ରତିବିମ୍ବିତ କରେ।

## ଓଡ଼ିଶା ଡବ୍ଲ୍ୟୁସିଡି ଜିଇଏମ୍ ସ୍ମାର୍ଟଫୋନ୍ ଟେଣ୍ଡରର ଆହ୍ୱାନ

ଭୁବନେଶ୍ୱର, ୩୧।୧୨ (ନି.ପ୍ର) : ଓଡ଼ିଶା ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ 'ସ୍ପେଶାଲ ପର୍ପସ୍ ଟେଲିଫୋନ୍ସ' (ଆଇସିଡିଏସ୍ ପାଇଁ ସ୍ମାର୍ଟଫୋନ୍) - ପୋଷଣ ଅଭିଯାନ (ଭି୨)' ପାଇଁ ଜିଇଏମ୍ ଟେଣ୍ଡର ଆହ୍ୱାନ କରାଯାଇଛି। ୭୯,୦୩୩ ସ୍ମାର୍ଟଫୋନ୍ ପାଇଁ ଜିଇଏମ୍/୨୦୨୫/ବି/୬୪୭୯୪୯୮ । ବିଡ୍-ଷ୍ଟାଟସ୍ ରେକର୍ଡ ଅନୁଯାୟୀ, ପାଂଚ ଜଣ ବିକ୍ରେତା ଅଂଶଗ୍ରହଣ କରିଥିଲେ, କିନ୍ତୁ ବୈଷୟିକ ସ୍ତରରେ ଚାରିଜଣଙ୍କୁ ଅଯୋଗ୍ୟ ଘୋଷିତ କରାଯାଇଥିଲା: ସେଲକନ୍ ଇମ୍ପେକ୍ସ ପ୍ରାଇଭେଟ୍ ଲିମିଟେଡ୍, ଗ୍ଲୋବାଲ୍ ଇଲେକ୍ଟ୍ରୋନିକ୍ସ, ମାଇକ୍ରୋୱାର୍ଲ୍ଡ ଇନଫୋସୋଲ୍ ପ୍ରାଇଭେଟ୍ ଲିମିଟେଡ୍ ଏବଂ ୟୁନାଇଟେଡ୍ ଟେଲିଲିଙ୍କସ୍ (ବାଙ୍ଗାଲୋର) ଲିମିଟେଡ୍ । କେବଳ ଘରଇନଫ୍ରାଟେକ୍ ସର୍ଭିସ୍ ପ୍ରାଇଭେଟ୍ ଲିମିଟେଡ୍ ବୈଷୟିକ ଭାବରେ ଯୋଗ୍ୟତା ଅର୍ଜନ କରାଯାଇଛି । ଏହା ପରେ, ଆର୍ଥିକ ମୂଲ୍ୟାଙ୍କନ ସ୍କ୍ରିନରେ କେବଳ ଜଣେ ବିକ୍ରେତା ଆଗକୁ ବଢୁଥିବା ଦେଖାଯାଉଛି, ଯେଉଁଥିରେ ଘର ଇନଫ୍ରାଟେକ୍ ର ମୋଟ ମୂଲ୍ୟ ? ୯୩୧,୮୭,୭୨୬.୪୯ ରେ ର୍ୟାଙ୍କ ଏଲ୧ ଭାବରେ ଦେଖାଯାଇଛି । ଯେତେବେଳେ ଆର୍ଥିକ ମୂଲ୍ୟାଙ୍କନରେ କେବଳ ଜଣେ ବିଡର ସହିତ ଏକ ବଡ଼ ଟେଣ୍ଡର ଆଗକୁ ବଢ଼େ, ପ୍ରତିଯୋଗିତା ଏବଂ ମୂଲ୍ୟ ଆବିଷ୍କାର ସୀମିତ ହୋଇଯାଏ, ଏବଂ ଏହା ସାଧାରଣତଃ ରେକର୍ଡରେ ଦୃଢ଼ ଲିଖିତ ଯଥାର୍ଥତା ଆବଶ୍ୟକ କରେ ।

ଟାଇମଲାଇନ ମଧ୍ୟ ଅସ୍ୱାଭାବିକ ଦେଖାଯାଏ। ଏହି ବିଡ୍ ଜୁଲାଇ ୨୦୨୫ ରେ ଆରମ୍ଭ ହୋଇଥିଲା, କିନ୍ତୁ ଏହି ପ୍ରକ୍ରିୟା ମାସ ମାସ ଧରି ଚାଲିଥିଲା ଏବଂ କେବଳ ଡିସେମ୍ବର ୨୦୨୫ ରେ ବୈଷୟିକ ଅଯୋଗ୍ୟତାରେ ପହଂଚିଥିଲା। ନିୟମିତ ଜିଇଏମ୍ କ୍ରୟ ପାଇଁ ଏତେ ଲମ୍ବା ଚକ୍ର ସାଧାରଣ ନୁହେଁ । ଏହି ଅବଧି ମଧ୍ୟରେ, ୧୬ ଅକ୍ଟୋବର ୨୦୨୫ ର କୋରିଜେଣ୍ଡମ୍-୯ ସମେତ ଅନେକ ସଂଶୋଧନ / ସଂଶୋଧନ ଜାରି କରାଯାଇଥିଲା । ସଂଶୋଧନ ଗୁରୁତ୍ୱପୂର୍ଣ୍ଣ ସର୍ତ୍ତଗୁଡିକ ପ୍ରବର୍ତ୍ତନ କରିଥିଲା କିମ୍ବା ସ୍ପଷ୍ଟ କରିଥିଲା ଯେପରିକି ଅଗ୍ରୀମ ନମୁନା ଅନୁମୋଦନ, ନମୁନା ଅନୁମୋଦନ ପରେ ଗଣନା କରାଯାଇଥିବା ବିତରଣ (୩୦ ଦିନ), ଏକ କଠୋର ସେବା / ସଂଶୋଧନ ଜରିମାନା ଢାଂଚା, ଏବଂ ଦେୟ ରିଲିଜ୍ ସହିତ ସଂଯୁକ୍ତ ସେବା-କେନ୍ଦ୍ର କଭରେଜ୍ ଆବଶ୍ୟକତା । ଚାଲୁଥିବା ଟେଣ୍ଡରର ସମୟରେ ପ୍ରମୁଖ ସର୍ତ୍ତରେ ବାରମ୍ବାର ପରିବର୍ତ୍ତନ ବିଡରଙ୍କ ପାଇଁ ପୂର୍ବାନୁମାନ ହ୍ରାସ କରିପାରେ ଏବଂ ସ୍ତରର ଖେଳ କ୍ଷେତ୍ର ଉପରେ ପ୍ରଭାବ ପକାଇପାରେ ।

## ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ଟାଟା ପାୱାର ଅଫିସ ଘେରାଉ




ଅନୁଗୋଳ, ୩୧।୧୨ (ନି.ପ୍ର) : ଜିଲ୍ଲା ସଭାପତି ସୁନୀଲ ପ୍ରଧାନଙ୍କ ନେତୃତ୍ୱରେ ଯୁବ, ଛାତ୍ର, ମହିଳା, କୃଷକ ଓ ଶହ ଶହ କଂଗ୍ରେସ କର୍ମୀ ଓ ନେତାଙ୍କ ସହିତ ଏକ ବିଶାଳ ଶୋଭାଯାତ୍ରାରେ ସ୍ଥାନୀୟ କଂଗ୍ରସ ଭବନରୁ ବାହାରି ବଜାର ଛକ ଓ ରାଜା ଛକ ଦେଇ ଟାଟା ପାୱାର ଅଫିସ ଘେରାଓ କରିଥିଲେ।ଅତିରିକ୍ତ ସୁରକ୍ଷା ଜମା (ଏଏସଡ଼ି) ବୋଝ ଉପରେ ନଳିତାବିଡ଼ା। ଏହା ଦାଖଲ କରନ୍ତୁ ନାହିଁ ଆଗ ନିର୍ଦ୍ଧାରିତ ଫର୍ମରେ କୈଫିୟତ ମାଗନ୍ତୁ।'ଘରୋଇ ଉପଭୋକ୍ତାଙ୍କୁ ଭାଜପା ଦେଇଥିବା ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରୁ; ୩୦୦-୪୦୦ ୟୁନିଟ୍ ଦେୟମୁକ୍ତ କରନ୍ତୁ।'କୃଷିକ୍ଷେତ୍ରରେ ମଧ୍ୟ ସବ୍ସିଡିର ବ୍ୟବସ୍ଥା ହେଉ ମାଗଣା ବିଜୁଳି ପାଇଲେ ଚାଷୀ ହସିବ, ରାଜ୍ୟରେ କୃଷି ଉତ୍ପାଦନ ବଢ଼ିବ। ଏସବୁ ଉପରେ ବିକ୍ଷୋଭ ଓ ମନ୍ତବ୍ୟ ଦେବା ଅବସରରେ କଂଗ୍ରେସ ସଦାସର୍ବଦା ସାଧାରଣ ଲୋକ, ଗରୀବ, କୃଷକ, ଶ୍ରମିକ, ଆଦିବାସୀ, ଦଳିତ, ସଂଖ୍ୟାଲଘୁ ଓ ବଞ୍ଚିତଙ୍କ ସହିତ ରହିଛିବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଗଦାନନ୍ଦ ପ୍ରଧାନ, ଉମେଶ ସାହୁ, ଲୁଲୁ ପାଣିଗ୍ରାହୀ, ପ୍ରଦ୍ୟୁମ୍ନ ସାହୁଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

## ରାମରାଜ କଟନ ଏହାର ପ୍ରିମିୟମ ଅଫରିଙ୍ଗ ସହିତ ଇଲାଇଟ ହ୍ୱାଇଟ କଟନ ଫାବ୍ରିକ ସମ୍ଭାରର ସମ୍ପ୍ରସାରଣ କରିଛି

ଭୁବନେଶ୍ୱର, ୩୧।୧୨ (ନି.ପ୍ର) : ରାମରାଜ କଟନ, ପାରମ୍ପରିକ ପୁରୁଷ ପୋଷାକ କ୍ଷେତ୍ରରେ ଭାରତର ଏକ ଅଗ୍ରଣୀ ନାମ ଯାହାକି ଧଳା ରଙ୍ଗର ଚିରନ୍ତର ଆକର୍ଷଣକୁ ପରମ୍ପରା, ପବିତ୍ରତା ଏବଂ ପ୍ରିମିୟମ ଶୈଳୀର ପ୍ରତୀକକୁ ନେଇ ଏକ ନୂତନ ରୂପ ଦେଇଛି। ନିଜର ଅନନ୍ୟ ଉଜ୍ଜ୍ୱଳତା ପାଇଁ, ରାମରାଜ ହ୍ୱାଇଟ ବଜାରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି, ଯାହାକି ଏହି ଉଜ୍ଜ୍ୱଳ ଶୁଭ୍ରତାର ପରିଚୟକୁ ଅଧିକ ସ୍ପଷ୍ଟ କରିପାରିଛି।

ବର୍ଷ ସାରା ପ୍ରତିଦିନ ସମାନଭାବରେ ଏହି ଉଜ୍ଜ୍ୱଳ ଶୁଭ୍ରତା ପ୍ରଦାନ କରିବାର କ୍ଷମତା ବ୍ୟତିରେକ ରାମରାଜ କଟନ ବାସ୍ତବରେ ଏହାର ବ୍ୟବସ୍ଥିତତା ପ୍ରତିଷ୍ଠା କରିଛି। ରଙ୍ଗର ସ୍ଥାୟିତ୍ୱ, ଗୁଣବତ୍ତା ଏବଂ ଫିନିସିଙ୍ଗ ସହିତ କୌଣସି ବୁଝାମଣା ନ କରି ଏହି ବ୍ରାଣ୍ଡ ସମ୍ପୃକ୍ତ ଶିଳ୍ପ ଜଗତରେ ସବୁଠାରୁ ବଡ଼ ଶୁଭ୍ର ଫାବ୍ରିକ ପୋର୍ଟଫୋଲିଓ ପ୍ରଦାନ କରିଛି। ୫୦୦ରୁ ଅଧିକ ପ୍ରକାରର କପଡ଼ା ଅନ୍ତର୍ଭୁକ୍ତ ସହିତ ଏହା ୧୦୦% କଟନ, ଗିଜାବ୍ଲେଣ୍ଡ, ଲିନିନ କଟନ ତଥା ପଲି ଭିସକୋଷ ସହିତ ୧୦୦% ଗିଜା କଟନ, ଶୁଦ୍ଧ ଲିନିନ, ପେପର ଫିନିସ କଟନ ଏବଂ ୧୦୦% ସୁପିମା କଟନ ଇତ୍ୟାଦିକୁ ନେଇ ବ୍ୟାପି ରହିଛି। ଏହି ନୂତନ ଫାବ୍ରିକ ସମ୍ଭାର ବିଷୟରେ ମନ୍ତବ୍ୟ ରଖି କେ.ଆର. ନାଗରାଜନ, ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ରାମରାଜ କଟନ, କହିଛନ୍ତି, 'ରାମରାଜ କଟନରେ ଆମେ ସର୍ବଦା ପାରମ୍ପରିକ ବୟନ ଶିଳ୍ପ ସହିତ ଜଡ଼ିତ ରହି ବିଶ୍ୱସ୍ତରୀୟ ପ୍ରିମିୟମ କପା କିସମ ସହିତ ଆମର ଉତ୍ପାଦକୁ କ୍ରମାଗତ ଭାବେ ଉନ୍ନତ କରିପାରିଛୁ। ଯେତେବେଳେ ଲୋକମାନେ ଶୁଦ୍ଧ କପା କିମ୍ବା ଶୁଭ୍ର କପଡ଼ା ବିଷୟରେ ଚିନ୍ତା କରନ୍ତି, ସେମାନଙ୍କ ମନକୁ ସ୍ୱଭାବିକ ଭାବେ ରାମରାଜର ନାମ ଆସିଥାଏ। ରହିଥିବା ଆମର ୪୦୦୦ରୁ ଅଧିକ ପ୍ରକାରର ଧୋତି ସହିତ, ଏହି ଧଳା କପଡ଼ା ଗୁଡ଼ିକ ଆମର ସେହି ପରମ୍ପରାର ଏକ ଅଂଶବିଶେଷ ଅଟେ, ଯେଉଁଠାରେ ପ୍ରତ୍ୟେକ ବୁଣାକାରଙ୍କ ଦକ୍ଷତା ଏବଂ ପବିତ୍ରତା ରାମରାଜର ସେହି ବୈଶିଷ୍ଟତାରେ ପ୍ରତିଫଳିତ ହୋଇଥାଏ।

ଏହି ବଂଶାନୁକ୍ରମିକତାକୁ ଆହୁରି ଆଗକୁ ନେଇ, ରାମରାଜ କଟନ ବର୍ତ୍ତମାନ ବିଶ୍ୱର ସର୍ବୋତମ କପାର କିସମରୁ ପ୍ରସ୍ତୁତ ପ୍ରିମିୟମ ଶୁଭ୍ର ଫାବ୍ରିକର ଏକ ସୂକ୍ଷ୍ମ ପରିସର ଉନ୍ମୋଚନ କରିଛି।



ଏହି ନୂତନ ସମ୍ଭାରର ବିଶେଷତ୍ୱ ମଧ୍ୟରେ ରହିଛି ସେଲିବ୍ରିଟି ହ୍ୱାଇଟ, ପେପର କଟନ, ଗିଜା ହ୍ୱାଇଟ ଏବଂ ହ୍ୱାଇଟ ପ୍ଲସ ଯାହା ପରମ୍ପରା ସହିତ ଆଧୁନିକ ପୋଷାକ ପ୍ରସ୍ତୁତିର ଆବଶ୍ୟକତାକୁ ପୂରଣ କରିବା ପାଇଁ ଡ଼ିଜାଇନ କରାଯାଇଛି। ଏହି କପଡ଼ା ଗୁଡ଼ିକ ପ୍ରିମିୟମ ସାର୍ଟ, ଧୋତି ଏବଂ ପୁରୁଷଙ୍କ ପାଇଁ ଆବଶ୍ୟକୀୟ ପୋଷାକ ନିମନ୍ତେ ଅତି ଉପଯୁକ୍ତ ଅଟେ ଯାହା ଯଥାର୍ଥରେ ଆରାମଦାୟକତା, ଆଭିଜାତ୍ୟ ଏବଂ ସ୍ଥାୟିତ୍ୱର ଏକ ସନ୍ତୁଳନତା ପ୍ରଦାନ କରିଥାଏ। ଏହି ସମ୍ଭାରର ପ୍ରତ୍ୟେକ କପଡ଼ାରେ ସ୍ୱତନ୍ତ୍ର ବୈଶିଷ୍ଟ ରହିଛି। ଉଚ୍ଚମାନର କପାରୁ ନିର୍ମିତ ସେଲିବ୍ରିଟି ହ୍ୱାଇଟ, ଉଭୟ ମୁଲାୟମ ଏବଂ ଷ୍ଟାର୍ଚ୍ଚ ଫିନିସ ସହିତ ଆରାମଦାୟକତାର ଅନୁଭୂତି ପ୍ରଦାନ କରିବା ସଙ୍ଗେ ସଙ୍ଗେ ଅତ୍ୟନ୍ତ ସୂକ୍ଷ୍ମ କାରୀଗରୀରେ ଏହା ଡ଼ିଜାଇନ ହୋଇଛି। ପେପର କଟନ ଏକ ସ୍ୱଚ୍ଛ ଏବଂ ସୁସଜ୍ଜିତ ଦୃଶ୍ୟମାନତା ଦେବା ସହିତ ଏହା ମଧ୍ୟ କୁଞ୍ଚ ବା ଭାଙ୍ଗ ପ୍ରତିରୋଧକ ଅଟେ। ଇଜିପ୍ଟସିଆନ ବା ମିଶରୀୟ ଗିଜା କପା ରୁ ପ୍ରସ୍ତୁତ ଗିଜା ହ୍ୱାଇଟସ ଏହାର ଅସାଧାରଣ ନରମତା ଏବଂ ପ୍ରାକୃତିକ ଚମକତା ପାଇଁ ବେଶ୍ ଜଣାଶୁଣା। ଆମେରିକୀୟ ପିମା କପାରୁ ନିର୍ମିତ ହ୍ୱାଇଟ ପ୍ଲସ ଏକ ମସୃଣ, ରେଶମ ପରି ଫିନିସିଙ୍ଗ ପ୍ରଦାନ କରିଥାଏ, ଯାହାକି ଏକ ଟେଲର ପ୍ରସ୍ତୁତ ସାର୍ଟ, ତରୁଣ ମାନଙ୍କ ଦୈନନ୍ଦିନ ବ୍ୟବହାର ଉପଯୋଗୀର ଆଦର୍ଶତାକୁ ପ୍ରଦାନ କରିଥାଏ। ଏହି ନୂତନ ସମ୍ଭାର ସହିତ, ରାମରାଜ କଟନ ପ୍ରିମିୟମ ଶୁଭ୍ର ଫାବ୍ରିକ କ୍ଷେତ୍ରରେ ନିଜର ନେତୃତ୍ୱକୁ ପୁନଃ ପ୍ରତିପାଦିତ କରିପାରିଛି - ଯେଉଁଠାରେ କି ପ୍ରତିଦିନ ଉଜ୍ଜ୍ୱଳତା, ସ୍ଥିରତା ଏବଂ କାରିଗରୀ କଳାର ସମନ୍ୱୟ ଦେଖିବାକୁ ମିଳିଥାଏ।



## ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ଅଭିଯୁକ୍ତ ଗିରଫ

ଡେଲାଙ୍ଗ, ୩୧।୧୨ (ନି.ପ୍ର) : ଜଣେ ବିବାହିତ ପୁରୁଷ ଅନ୍ୟ ଜଣେ ଯୁବକର ପରିଚୟ ଦେଇ ଫୋନରେ କଥା ହୋଇଥିଲେ। ଡିସେମ୍ବର ୧୪ ତାରିଖରେ ଡେଲାଙ୍ଗ ଅଂଚଳରୁ ସେହି ଯୁବକ ଜଣକ ଜଣେ ନାବାଳିକାଙ୍କୁ ଭୁବନେଶ୍ୱର ନେଇ ଭଡାଘରେ ଦୁଷ୍କର୍ମ କରିଥିବା ଡେଲାଙ୍ଗ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତିକରି ଡେଲାଙ୍ଗ ଥାନାରେ ଏସଂକ୍ରାନ୍ତରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଥିବା ବେଳେ ଡେଲାଙ୍ଗ ପୋଲିସ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଥିବା ସୁଚନା ମିଳିଛି। ସୁଚନା ଥାଉକି ଡିସେମ୍ବର ୧୪ ତାରିଖ ଘଟଣା ଘଟିଥିବା ବେଳେ ସ୍ଥାନୀୟ ଜନପ୍ରତିନିଧୀ ଓ ପୋଲିସ ଏହି ଘଟଣାକୁ ରଫାଦଫା କରିବା ପାଇଁ ପିଡିତା ପରିବାର ଉପରେ ଚାପ ପ୍ରୟୋଗ କରିଥିଲେ। ଏଥିରେ ନାବାଳିକା ଜଣକ ରାଜି ନହେବାରୁ ଡେଲାଙ୍ଗ ଥାନାରେ ଡିସେମ୍ବର୨୧ରେ ସେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗପତ୍ର ର ତାରିଖ ୨୧ କୁ ବଦାଳାଇ ୨୬ ତାରିଖ କରିବା ପାଇଁ ପୋଲିସ ପିଡିତା ପରିବାର ଉପରେ ବାରମ୍ବାର ଚାପ ପ୍ରୟୋଗ କରୁଥିବା ନେଇ ପିଡିତା ପରିବାର ସଙ୍ଗିନ ଅଭିଯୋଗ ଆଣିଛନ୍ତି ଯେ ପିଡିତା ପରିବାର ତାରିଖ ବଦାଳାଇବାକୁ ମନା କରିବା ପରେ ପୋଲିସ ୨୬ ତାରିଖ ସଂନ୍ଧ୍ୟାରେ ଡେଲାଙ୍ଗ ଥାନାରେ ମାମଲା ରୁଜୁ କରିଥିଲେ । ବୁଧବାର ମୁଖ୍ୟ ଅଭିଯୁକ୍ତକୁ ପୁଲିସ ଭୁବନେଶ୍ୱର ଅଂଚଳରୁ ଗିରଫ କରି ଥାନାରେ ଅଟକ ରଖି ପଚରା ଉଚରା କରୁଥିବା ପୋଲିସ ଠାରୁ ସୁଚନା ମିଳିଛି।

## ଜିଲ୍ଲା ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଯାପିତ

ଅନୁଗୋଳ, ୩୧।୧୨ (ନି.ପ୍ର) : ସ୍ଥାନୀୟ ବିଜୁ ମଇଦାନ ଠାରେ ଆୟୋଜିତ ଜିଲ୍ଲା ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଆଜି ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ସମ୍ମାନୀତ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ମାନ୍ୟବର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଙ୍କ ପ୍ରତିନିଧି ସୁଦିପ ଗଡନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସତ୍ୟ ନାରାୟଣ ସାହୁ, ଜିଲ୍ଲା ମୁଖ୍ୟ ମତ୍ସ୍ୟ ଅଧିକାରୀ ପ୍ରଶାନ୍ତ କୁମାର ପାଣିଗ୍ରାହୀ, ଅତିରିକ୍ତ ଜିଲ୍ଲା ପ୍ରାଣି ଚିକିତ୍ସା ଅଧିକାରୀ ଡ. ପ୍ରତାପ କୁମାର ପଟ୍ଟନାୟକ ଯୋଗ ଦେଇ ପ୍ରଦୀପ ପ୍ରଜ୍ଜଳନ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ଚାଷୀମାନେ କିପରି ସରକାରୀ ଯୋଜନାଗୁଡିକର ଉପଯୋଗ କରି ରୋଜଗାରକ୍ଷମ ହୋଇପାରିବେ ସେ ସମ୍ପର୍କରେ। ମୁଖ୍ୟ ଅତିଥି ଚାଷୀମାନଙ୍କୁ



ଅବଗତ କରାଇଥିଲେ। ତୃଣମୂଳ ସ୍ତରରେ ପହଞ୍ଚି ସମସ୍ତ ଯୋଜନା ସମ୍ପର୍କରେ ଚାଷୀମାନଙ୍କୁ ସରଳ ଭାଷାରେ ବୁଝାଇବା ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ଅନୁଗୋଳ ବିଧାୟକ ପରାମର୍ଶ ଦେଇଛନ୍ତି। ଏହି ମେଳାରେ ୧୫ ବିଭାଗ ତରଫରୁ ବିଭିନ୍ନ ଯୋଜନା ସମ୍ବନ୍ଧିତ ଅନୁଗୋଳ ଗୋଶାଳା, ଓମ୍ଫେଡ୍, କୃଷି ବିଜ୍ଞାନ କେନ୍ଦ୍ର (ଅନୁଗୋଳ), ଗୋପାଳନ ସମ୍ବନ୍ଧୀୟ ଯନ୍ତ୍ରପାତି, ଉଦ୍ୟାନ କୃଷି ବିଭାଗ, ଆର.ଏନ୍. ଇନ୍କ୍ୟୁବେଟର, ଜିଲ୍ଲା ବାଣିଜ୍ୟ କେନ୍ଦ୍ର ତଥା ବ୍ୟାଙ୍କ ଅଫ୍ ବରୋଦା ଭଳି ୨୫ଟି ଷ୍ଟଲ ପ୍ରଦର୍ଶନ କରାଯାଇଥିଲା।

ଏହି ଅବସରରେ କୁକୁଡା ପାଳନ କ୍ଷେତ୍ରରେ ଶ୍ରୀ ପ୍ରଦୀପ ନାୟକ ଓ ସିତାରାମ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଶ୍ରେଷ୍ଠ ପଶୁପାଳକ ଭାବେ ଏବଂ ବାୟୋଫକ୍ ଟେକ୍ନୋଲୋଜି ପାଇଁ ପିଙ୍କି ସାମଲ ଓ ମତ୍ସ୍ୟ ପୋଖରୀ ଯୋଜନା ନିମନ୍ତେ ଶ୍ରୀ ଜଗନ୍ନାଥ ମେହେରଙ୍କୁ ଶ୍ରେଷ୍ଠ ମତ୍ସ୍ୟ ଚାଷୀ ଭାବେ ୫ ହଜାର ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହି ମେଳାରେ ୮ ଜଣ ଚାଷୀଙ୍କୁ ପ୍ରାଣୀ ପାଳନ କରିବା ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା। ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସତ୍ୟ ନାରାୟଣ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲା ମୁଖ୍ୟ ମତ୍ସ୍ୟ ଅଧିକାରୀ ପ୍ରଶାନ୍ତ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମେଳାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ଅଧିକାରୀଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି, ଜିଲ୍ଲାର ବିଭିନ୍ନ ଅଂଚଳରୁ ବହୁ ସଂଖ୍ୟାରେ କୃଷକ ବନ୍ଧୁମାନେ ଯୋଗ ଦେଇଥିଲେ।

### ସାଂସଦ ରୁଦ୍ର ନାରାୟଣ ପାଣି ଙ୍କ ପ୍ରଶ୍ନ ର ଉତ୍ତର ରଖିଲେ ଜେପି ନଡ୍ଡା

## ୨୦୨୭ ସୁଦ୍ଧା ଟିଏଫଏଲ କାର୍ଯ୍ୟକ୍ଷମ ହେବ

ଅନୁଗୋଳ, ୩୧।୧୨ (ନି.ପ୍ର) : ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଲୋକସଭା ରେ ତାଳଚେର ଟିଏଫ ଏଲ ସମ୍ବନ୍ଧରେ ସରକାର ଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ଜେପି ନଡ୍ଡା ସାଂସଦ ଙ୍କର ପ୍ରଶ୍ନ ର ଉତ୍ତର ରଖିଛନ୍ତି। ତାଳଚେର ସାର ୟୁନିଟର ତ୍ୱରିତ ସମାପ୍ତି ସମ୍ପର୍କରେ ଶୂନ୍ୟ କାଳରେ ଲୋକସଭାରେ ଆପଣ ଉଠାଇଥିବା ଜରୁରୀ ସାର୍ବଜନୀନ ଗୁରୁତ୍ୱ ପ୍ରସଙ୍ଗର ଏକ ସାରାଂଶ ମୁଁ ପାଇଲି।

ଏହି ପରିପ୍ରେକ୍ଷୀରେ, ଅନୁରୋଧ କରାଯାଉଛି ଯେ ତାଳଚେର ସାର ଲିମିଟେଡ୍ (TFL) ପ୍ରକଳ୍ପ ବର୍ତ୍ତମାନ ନିର୍ମାଣାଧୀନ ଅଛି ଏବଂ କାର୍ଯ୍ୟ ଅଗ୍ରଗତି ପ୍ରାୟ ୭୦%। ଏହି ପ୍ରକଳ୍ପ ଡିସେମ୍ବର ୨୦୨୭ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି।

ତାଳଚେର ସାର ଲିମିଟେଡ୍ (TFL), GAIL (ଇଣ୍ଡିଆ) ଲିମିଟେଡ୍ (GAIL), ରାଷ୍ଟ୍ରୀୟ କେମିକାଲ୍ସ ଆଣ୍ଡ ଫର୍ଟିଲାଇଜର୍ସ ଲିମିଟେଡ୍ (RCF), କୋଲ୍ ଇଣ୍ଡିଆ ଲିମିଟେଡ୍ (CIL), ଏବଂ ଫର୍ଟିଲାଇଜର କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ୍ (FCIL) ର ଏକ ମିଳିତ ଉଦ୍ୟମ କମ୍ପାନୀ, ୨୦୧୫ ରେ ବନ୍ଦ FCIL ପ୍ଲାଣ୍ଟକୁ ବଦଳାଇ ତାଳଚେରରେ ଏକ କୋଇଲା ଗ୍ୟାସିଫିକେସନ୍-ଆଧାରିତ ସାର ପ୍ଲାଣ୍ଟ ସ୍ଥାପନ କରିବା ପାଇଁ ଗଠିତ ହୋଇଥିଲା। TFL ପରିଚାଳନା କାରଖାନା ନିର୍ମାଣ ଏବଂ ପରବର୍ତ୍ତୀ କାର୍ଯ୍ୟକ୍ଷମ କରିବା ପାଇଁ ଏହାର କର୍ମଚାରୀଙ୍କ ନିଯୁକ୍ତି ପାଇଁ ନୀତି ଏବଂ ପ୍ରକ୍ରିୟା ନିର୍ଦ୍ଧାରଣ କରିଛି, ଯାହା ପାଇଁ ସମୟ ସମୟରେ କମ୍ପାନୀର ୱେବସାଇଟ୍ ଏବଂ ଖବରକାଗଜରେ ବିଜ୍ଞାପନ ବିଜ୍ଞପ୍ତି ପ୍ରକାଶିତ ହୁଏ।

ପ୍ରକଳ୍ପ ଆବଶ୍ୟକତା ଅନୁଯାୟୀ, TFL ସମୟ ସମୟରେ ଏକ ଖୋଲା ନିଯୁକ୍ତି ପ୍ରକ୍ରିୟା ମାଧ୍ୟମରେ ଅଭିଜ୍ଞ ବୃତ୍ତିଗତମାନଙ୍କୁ ନିଯୁକ୍ତି ଦେଇଥାଏ। ତଥାପି, ପ୍ରକଳ୍ପ ସମ୍ବନ୍ଧୀୟ ଆଉଟସୋର୍ସିଂ, ସହାୟତା ଏବଂ ଅନ୍ୟାନ୍ୟ କାର୍ଯ୍ୟ (ଅତ୍ୟଧିକ କୁଶଳୀ, କୁଶଳୀ, ଅର୍ଦ୍ଧ-କୁଶଳୀ ଏବଂ ଅଣକୁଶଳୀ) ପାଇଁ କର୍ମଚାରୀମାନଙ୍କୁ ନିଯୁକ୍ତି ଦେବା ସମୟରେ, TFL ସ୍ଥାନୀୟ ବାସିନ୍ଦାଙ୍କୁ, ବିଶେଷକରି ଓଡ଼ିଶାର ଅନୁଗୁଳ ଜିଲ୍ଲା ଆଖପାଖର ଗ୍ରାମଗୁଡ଼ିକର ବାସିନ୍ଦାଙ୍କୁ ପ୍ରାଥମିକତା ଦେଇଛି ବୋଲି ଶ୍ରୀ ନଡ୍ଡା ଲିଖିତ ଭାବେ ଜଣାଇଛନ୍ତି।

## ପାରାଦୀପ ମହୋତ୍ସବ ଉଦ୍‌ଯାପିତ

ପାରାଦୀପ, ୩୧।୧୨ (ନି.ପ୍ର): ପାରାଦୀପର ଜୟଦେବ ସଦନ ପରିସରରେ ଦୀର୍ଘ ସାତଦିନ ଧରି ଚାଲିଥିବା ପାରାଦୀପ ମହୋତ୍ସବ ୨୦୨୫ ବୁଧବାର ସନ୍ଧ୍ୟାରେ ସଫଳତାର ସହ ଉଦଯାପିତ ହୋଇଯାଇଛି। ଅଟଳ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ଥାନାଛକ ନିକଟରୁ ସଭା ସ୍ଥଳ ପର୍ଯ୍ୟନ୍ତ ଏକ ବିରାଟ ଶୋଭାଯାତ୍ରାରେ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଓ ଅନ୍ୟ ଅତିଥି ମାନେ ସାମିଲ ହୋଇଥିଲେ। ଉଦଯାପନୀ ସନ୍ଧ୍ୟାରେ ରାଜ୍ୟ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବାଜପେୟୀ ଙ୍କ ନୀତି ଆଦର୍ଶ ଓ ବିଚାରଧାରା ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାସହ ଓଡିଶା ର ନବ ନିର୍ମାତା ଥିଲେ ବାଜପେୟୀ ବୋଲି କହିଥିଲେ ଜଗତସିଂହପୁର ର ବିକାଶ ହେଲେ ଓଡିଶା ର ହେବ। ଲୋକ ମାନଙ୍କୁ ଭୁଆଁ ବୁଲାଇବାକୁ ସୋସିଆଲ ମିଡ଼ିଆରେ ବିବୃତି



ଦେବା ମିଥ୍ୟା ର ସାହାରା ନେଇ କୁମ୍ଭୀର କାନ୍ଦଣା କାନ୍ଦିବା ହାସ୍ୟାସ୍ପଦ କଥା ବୋଲି ଶ୍ରୀ ସ୍ୱାଇଁ କହିଥିଲେ। ନୂତନ ବର୍ଷ ରେ ସମସ୍ତ ଙ୍କ ଉତ୍ତୋରତ୍ତର କାମନା କରିଥିଲେ। ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଙ୍କୁ ହାତଛଡା ନ କରିବାକୁ ଜନସାଧାରଣ ଙ୍କ ଉଦେଶ୍ୟରେ ଆହ୍ୱାନ ଦେଇଥିଲେ। ବାଜପେୟୀ ଯାହା କହୁଥିଲେ କାର୍ଯ୍ୟରେ ଯେମିତି ପରିଣତ କରୁଥିଲେ ଠିକ ଆମେ ସମସ୍ତେ ବାଜପେୟୀ ଙ୍କ ନୀତି ଆଦର୍ଶ ରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ଦୃଢୋକ୍ତି ର ସହ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ପୌରପାଳିକା ଅଧକ୍ଷ ବସନ୍ତ ବିଶ୍ୱାଳ ଅଟଳ ବିହାରୀ ବାଜପେୟୀ ଙ୍କ ନୀତି ଆଦର୍ଶ ରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ ଏବଂ ପୂଜ୍ୟ ପୂଜା ମାନଙ୍କୁ ଭୁଲି ନ ଯିବାକୁ ନିବେଦନ କରି କହିଥିଲେ। ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟସାରଥୀ ମହାନ୍ତି ଚାରି ଜଣ ବିଦ୍ଧାଣି ଗୋଟିଏ ସୂତାରେ ବାନ୍ଧି ହୋଇ କାର୍ଯ୍ୟ କରିବାକୁ ଦୃଢ ସଂକଳ୍ପ ନେଇଥିଲେ। ରାଜକିଶୋର ବେହେରା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ବାଜପେୟୀ ଙ୍କ ଜୀବନୀ କାହାଣୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପାରାଦୀପ ର ବହୁ ପ୍ରତିଭା ଓ ଅନୁଷ୍ଠାନ ମାନଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ଉଦଯାପନୀ ସମାରୋହକୁ ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି ସୁବ୍ରତ ପ୍ରଧାନ ଓ ସମ୍ପାଦକ ସର୍ବେଶ୍ୱର ବଳିୟାରସିଂହ ପରିଚାଳନା କରିଥିବା ବେଳେ ସଦସ୍ୟ ବଜରଙ୍ଗ ସ୍ୱାଇଁ, ଅର୍ଜିଲ ଶିବା, ସର୍ବେଶ୍ୱର ଜେନା, ଦିଲ୍ଲିପ ବେହେରା, ଜିତେନ୍ଦ୍ର ସାହୁ, ଗୋବିନ୍ଦ ନାୟକ, ଦିଲୀପ ବଳିୟାରସିଂହ, କେଦାର ବେହେରା, ଯୀଶୁଖ୍ରୀଷ୍ଟ ପ୍ରଧାନ, ହୃଷିକେଶ ଦାସ, କୃଷ୍ଣ ଚନ୍ଦ୍ର ଜେନା, ମନୋରଞ୍ଜନ ସାହୁ, ଗୌରାଙ୍ଗ ମଣ୍ଡଳ, ପ୍ରଦୀପ ମଲ୍ଲିକ,ମମତା ସ୍ୱାଇଁ, ନନ୍ଦିନୀ ପରିଡା, ମିନାକ୍ଷୀ ବେହେରା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ଜିରୋ ନାଇଟ ସେଲିବ୍ରେସନ ରେ କେକ୍ କଟାଯାଇ ନୂତନ ବର୍ଷକୁ ସ୍ୱାଗତ କରାଯାଇଥିଲା।

## ରାଜ୍ୟ ଇଥେଲେଟିକ୍ ମିଟ ରେ ନବରଙ୍ଗପୁର ଜିଲ୍ଲା ପାଇଁ ୨୭ ପଦକ

ନବରଙ୍ଗପୁର, ୩୧।୧୨ (ନି.ପ୍ର): କଟକ ବାରବାଟୀ ଠାରେ ଅନୁଷ୍ଠିତ ରାଜ୍ୟ କ୍ରୀଡା ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ୭୧ ତମ ରାଜ୍ୟ ଇଥେଲେଟିକ୍ ମିଟ -୨୦୨୫ ରେ ନବରଙ୍ଗପୁର ଜିଲ୍ଲାର ଖେଳାଳି ମାନେ ମୋଟ



୨୭ ଟି ପଦକ ହାସଲ କରିବାରେ ସକ୍ଷମ ହୋଇଛନ୍ତି। ୧୬ ବର୍ଷରୁ କମ ମହିଳା ବର୍ଗର ଜେବଲିନ ଥ୍ରୋ ରେ କୁନି ରାଜଗଣ୍ଡ, ସ୍ମ ସିଧ ସାହୁ , ୧୪ ବର୍ଷ ପୁରୁଷ ବର୍ଗର ଟ୍ରାଇଥାଲନ ପ୍ରତିଯୋଗିତା ରେ ବୈକୁଣ୍ଠ ଭତରା, ଚମ୍ପା ଭତରା ସେହିପରି ୨୦ ବର୍ଷରୁ କମ ଜେବଲିନ ଥ୍ରୋ ରେ ଶୁଭମ୍ ଦାସ ପ୍ରମୁଖ ସ୍ୱର୍ଣ୍ଣ ପଦକ ସ୍ୱର୍ଣ୍ଣ ପଦକ ହାସଲ କରି ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି। ସେହିପରି ଜିଲ୍ଲା ର ଅନ୍ୟ ପ୍ରତିଯୋଗୀ ୮ ଟି ରୌପ୍ୟ ପଦକ ଏବଂ ୧୩ ଟି ବ୍ରୋଞ୍ଜ୍ ପଦକ ସହ ମୋଟ ୨୭ ଟି ପଦକ ହାସଲ କରିଛନ୍ତି। ଏହି ଖବର ଆସିବା ପରେ ଜିଲ୍ଲା କ୍ରୀଡା ସଂଘର ସଂପାଦକ ପ୍ରହଲ୍ଲାଦ ତ୍ରିପାଠୀ, ଉପ ସଭାପତି ଏମ ବାଳକୃଷ୍ଣ ରାଓ , ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ଏଥେଲେଟିକ ସମ୍ପାଦକ ଜ୍ୟୋତି ପରିଛା, କ୍ରିକେଟ ସମ୍ପାଦକ ଅଶୋକ ନାୟକ ସମେତ କ୍ରୀଡା ସଂଘର ସମସ୍ତ ସଭ୍ୟ ଓ କର୍ମକର୍ତ୍ତା ଖେଳାଳିଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ସୂଚନା ଯୋଗ୍ୟ ଯେ ଉକ୍ତ ଟୁର୍ଣ୍ଣାମେଣ୍ଟରେ ୪୪ ଜଣ ପୁରୁଷ ଏବଂ ୨୦ ଜଣ ମହିଳା ଭାଗ ନେଉଛନ୍ତି। ଦଳ ସହ ମ୍ୟାନେଜର ଭାବରେ ଦୂର୍ଯ୍ୟ ହରିଜନ ଏବଂ କୋଚ୍ ଭାବେ ସପନ ବୈରାଗୀ ସୁଚାରୁ ରୁପେ ଦାଇତ୍ୱ ତୁଲାଇଛନ୍ତି।

## ଶିବାନନ୍ଦ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ



କେନ୍ଦ୍ରାପଡ଼ା,୩୧।୧୨ (ନି.ପ୍ର) : କେନ୍ଦ୍ରାପଡା ବ୍ଲକ ଅଧିନ କପାଳେଶ୍ୱର ପଞ୍ଚାୟତର ଗରାପୁରସ୍ଥିତ ଶିବାନନ୍ଦ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ ଉଦଯାପିତ ହୋଇଯାଇଛି। ଏହି ଉତ୍ସବକୁ ବିଦ୍ୟାମନ୍ଦିରର ପ୍ରତିଷ୍ଠାତ୍ରୀ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଉଦଘାଟନ କରିପିଲାମାନଙ୍କୁ ନୈତିକ ଶିକ୍ଷା, ସମାଜସଂସ୍କାର ସହିତ ଖେଳକୁଦରେ ଅଗ୍ରସର ହେବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ପ୍ଲାଷ୍ଟିକକୁ ବର୍ଜନ କରିବା, ସ୍ୱଚ୍ଛତା ରକ୍ଷା, ବିଦ୍ୟାଳୟ ଚର୍ତୁପାର୍ଶ୍ୱ ସଫାସୁତୁରା ରଖିବା, ପାଣିକୁ ନଷ୍ଟ ନକରିବା, ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ କରିବା ଓ ଦୁଃଖିଦରିଦ୍ରଙ୍କ ସେବା କରିବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଖେଳ ଦ୍ୱାରା ନିଜର ମାନସିକ ଓ ଶାରୀରିକ ଅଭିବୃଦ୍ଧି ଘଟିଥାଏ ବୋଲି ଶ୍ରୀମା କହିଥିଲେ। ଉପସଭାପତି ଡ. କାଳୀପ୍ରସନ୍ନ ଶତପଥୀ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଗୁରୁଜୀଗୁରୁମା ମାନେ ହେଉଛନ୍ତି ଏହି ଆଶ୍ରମ ସ୍କୁଲ ଭଳି ଏକ ଆଧାତ୍ମିକ ବିଦ୍ୟାଳୟର ଗଢି ଉଠୁଥିବା ଶିଖାର ସଙ୍ଗମସ୍ଥଳ ଭଳି। ଗୁରୁକୂଳ ବିଦ୍ୟାଳୟ ଭଳି ବିଦ୍ୟାଦାନ ଦେଉଥିବା ଏକ ଶାନ୍ତ ବାତାବରଣରେ ପିଲାମାନଙ୍କର ଶିକ୍ଷାଦାନ ଏବଂ ଖେଳକୁ ଶ୍ରୀମା ନିଜେ ନେତୃତ୍ୱ ଦେଇଛନ୍ତି। ପିଲାମାନେ ଦେଶ ଓ ଜାତିର ସୁନାଗରିକ ହେବା ପାଇଁ ଶ୍ରୀମାଙ୍କ ଅବଦାନ ଅତୁଳନୀୟ। ଏହି ବିଦ୍ୟାମନ୍ଦିରର ୫ଜଣ ପ୍ରାକ୍ତନ ଛାତ୍ର ଭାରତୀୟ ନୌସେନା ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଥିବା ବିଦ୍ୟାଳୟ ପାଇଁ ବଡ ଗୌରବର କଥା ବୋଲି ଡ. ଶତପଥୀ କହିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ଆସନ୍ତା ଦିନରେ ହେବାକୁ ଥିବା ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ। ଏହି ଉତ୍ସବରେ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା ମାନେ ଉପସ୍ଥିତ ଥିଲେ। ଅଧକ୍ଷ ଡ. ସୁରେନ୍ଦ୍ର ନାଥ ଆଚାର୍ଯ୍ୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବ୍ରହ୍ମଚାରୀ ନୃସିଂହ ନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀ ଜଗନ୍ନାଥ ଉନ୍ନୟନ କମିଟିର ତୃତୀୟ ବାର୍ଷିକ ଉତ୍ସବ



କଟକ,୩୧।୧୨ (ନି.ପ୍ର) : ୫୩ନଂ ୱାର୍ଡ ଦରଖାପାଟଣା ଅନ୍ତର୍ଗତ ଜଗବନ୍ଧୁ ବିହାରସ୍ଥିତ ଶ୍ରୀ ଜଗନ୍ନାଥ ଉନ୍ନୟନ କମିଟିର ତୃତୀୟ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଚୌଦ୍ୱାର କଟକର ପୂର୍ବତନ ବିଧାୟକ ଡଃ ପ୍ରଭାତ ରନ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ସିଏମସି ମେୟର ସୁବାସ ଚନ୍ଦ୍ର ସିଂ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ବିଚାରପତି ମନୋରନ ମହାନ୍ତି, ବରିଷ୍ଠ ବିଜେପି ନେତା ନୟନ କିଶୋର ମହାନ୍ତି, ବିଜେପି ମହିଳା ସମ୍ପାଦିକା ସ୍ମିତି ପଟ୍ଟନାୟକ, ୫୩ନଂ ୱାର୍ଡ କର୍ପୋରେଟର ଅରବିନ୍ଦ ଜେନା, ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର ଅଜୟ ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ। କମିଟିର ସଭାପତି ତଥା ୨୨ ଦିଗଭାଗ ସଂକୀର୍ତନ ମଣ୍ଡଳୀ ସର୍ବାଧିକାରୀ ସୁବାସ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ କମିଟିର ଉପଦେଷ୍ଟା କେଳୁଚରଣ ମହାଁ ଓ ସହଦେବ ପରିଡା, ସମ୍ପାଦକ ମୁରଲୀଧର ମହାନ୍ତି, ଉପସଭାପତି ବୈକୁଣ୍ଠ ନାଥ ସ୍ୱାଇଁ, ସହସମ୍ପାଦକ ଯୋଗିନାଥ ସାହୁ ପ୍ରମୁଖଙ୍କ ଯୋଗଦାନ ଉତ୍ସବଟିକୁ ସାଫଲ୍ୟ ମଣ୍ଡିତ କରିଥିବା ବେଳେ ସାଂସ୍କୃତିକ ସମ୍ପାଦକ ଅଶୋକ କୁମାର ରାଉତ ଅତିଥିମାନଙ୍କ ପରିଚୟ ପ୍ରଦାନ ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ପାଣି ପଞ୍ଚାୟତ ପକ୍ଷ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ

ନବରଙ୍ଗପୁର, ୩୧।୧୨ (ନି.ପ୍ର) : ଆଜି ସ୍ଥାନୀୟ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସ୍ଥିତ ଅଶୋକ ମେହେଟ୍ଟା ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଙ୍କ ଅଧକ୍ଷତାରେ ଜିଲ୍ଲାରେ ଆସନ୍ତା ୬ ଜାନୁଆରୀ ରୁ ୨୦ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ପାଣି ପଞ୍ଚାୟତ ପକ୍ଷ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଏସ ଇ,ଜଳସେଚନ ପଦ୍ମ ଚରଣ ବେହେରା, ସି ଡି ଏ ଓ ସୁଧୀର ରଞ୍ଜନ ବେହେରା, ଇ ଇ, ଓ ଏଲ ଆଇ ସି ଦିଲ୍ଲୀପ ଦାସ, ଡି ଇ ଓ ଛତ୍ରପତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପାଣି ପଞ୍ଚାୟତ ପକ୍ଷ ପାଳନ ର ମୁଖ୍ୟ ଉଦ୍ଦେଶ୍ୟ ଜଳ ସଞ୍ଚୟ, ସମୁଚିତ ବଣ୍ଟନ , ସୁସ୍ଥାୟୀ ବ୍ୟବହାର ଓ ଭବିଷ୍ୟତ ପିଢ଼ି ପାଇଁ





ଜଳ ସୁରକ୍ଷିତ ରଖିବା। ଏଥିପାଇଁ ବିଶେଷ କାର୍ଯ୍ୟକ୍ରମ ପ୍ରସ୍ତୁତି ପାଇଁ ଆଲୋଚନା ହୋଇଥିଲା। ଆସନ୍ତା ୬.୧.୨୦୨୬ରେ ପାଣି ପଞ୍ଚାୟତ ସଚେତନତା ରଥ ଉଦଘାଟନ ହୋଇ ଜିଲ୍ଲାର ସମସ୍ତ ବ୍ଲକ ଓ ପଞ୍ଚାୟତ କୁ ଗସ୍ତ କରିବା ସହ ଜଳ ପରିଚାଳନା ଉପରେ ବିଶେଷ ସଚେତନତା ସୃଷ୍ଟି କରିବ। ଆସନ୍ତା ୬.୧.୨୦୨୬ ରେ ଉମରକୋଟ ଏବଂ ନବରଙ୍ଗପୁର ସବ ଡିଭିଜନ ସ୍ତରୀୟ ବିଭିନ୍ନ ପ୍ରତିଯୋଗୀତା ପ୍ରବନ୍ଧ, ବକ୍ତୃତା, କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗୀତା ଅନୁଷ୍ଠିତ ହେବ ଏବଂ ଜିଲ୍ଲା ସ୍ତରୀୟ ପ୍ରତିଯୋଗୀତା ଆସନ୍ତା ୯.୧.୨୦୨୬ ତାରିଖରେ ଅନୁଷ୍ଠିତ ହେବଯ ତା୧୩ .୧.୨୦୨୬ ରିଖ ରେ ଜିଲ୍ଲା ସ୍ତରୀୟ ଉତ୍ସବରେ ଉତ୍ତମ ଚାଷୀ , ଉତ୍ତମ ପାଣି ପଞ୍ଚାୟତ ସହ ଉତ୍ତମ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା, ପ୍ରତିଯୋଗୀତା ର ପୁରସ୍କାର ବିତରଣ, ଶପଥ ପାଠ, ପ୍ରଦର୍ଶନୀ ଷ୍ଟଲ, ସଭାକାର୍ଯ୍ୟ ଅନୁଷ୍ଠିତ ହେବ। ପ୍ରସ୍ତୁତି ବୈଠକ ରେ ଅନ୍ୟମାନଙ୍କ ମଧ୍ୟରେ ଇ ଇ, ଟି ପି ଏସ ଓ ଡି ଏଲ,ଡି ଆଇ ପି ଆର୍ ଓ, ଡି ଡି,ଉଦ୍ୟାନ ବିଭାଗ, ସି ଡି ଭି ଓ,ପି ଡି , ୱାଟରସେଡ,ଡି ଏଫ୍ ଓ(ମତ୍ସ୍ୟ) ଉପସ୍ଥିତ ଥିଲେ।

## କଳା, ସାହିତ୍ୟ ଓ ସଂସ୍କୃତି କୁ ଉଜ୍ଜୀବିତ କରିବା ପାଇଁ ଆଦିଦେବ ଏଣ୍ଟରଟେନମେଣ୍ଟ ର ପ୍ରୟାସ

ପାରାଦୀପ, ୩୧।୧୨ (ନି.ପ୍ର): ପାରାଦୀପ ର ଅଗ୍ରଣୀ ସାଂସ୍କୃତିକ ସଂଗଠନ ଆଦିଦେବ ଏଣ୍ଟରଟେନମେଣ୍ଟ ର ପ୍ରଥମ ମେଗା ସୌନ୍ଦର୍ଯ୍ୟ ପ୍ରତିଯୋଗିତା ପାଇଁ ପାରାଦୀପ ପୋର୍ଟ କ୍ଲବ ଠାରେ ଗତ ଡିସେମ୍ବର ୨୧ ତାରିଖରେ ପ୍ରଥମ ଚୟନ ପ୍ରକ୍ରିୟା ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ ପାରାଦୀପ ପରି, ପାରାଦୀପ ରାଜକୁମାରୀ ଓ ପାରାଦୀପ ଶ୍ରୀମତୀ ତିନିଗୋଟି ବିଭାଗ ର ପ୍ରଥମ ପର୍ଯ୍ୟାୟ ଅଡିସନ ସରିଛି। ଏହି ପ୍ରତିଯୋଗିତା ପାଇଁ ୩୦ ଜଣ ଚୟନ ହୋଇଥିବା ବେଳେ ବିଭିନ୍ନ ଅଞ୍ଚଳର ଆଶାୟୀ ଯୁବତୀ ଓ ମହିଳା ପ୍ରତିଯୋଗୀଙ୍କ ଅନୁରୋଧ କ୍ରମେ ଏହାର ଦ୍ୱିତୀୟ ଚୟନ ପ୍ରକ୍ରିୟା ଆସନ୍ତା ଜାନୁଆରୀ ୪, ୨୦୨୬ ରେ ମଧୁବନ ସ୍ଥିତ ଶ୍ରମିକ ଭବନ





ଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ନେଇ ଆଦିଦେବ ଅନୁଷ୍ଠାନର ଅଧକ୍ଷା ଡ଼ଃ ବନ୍ଦିତା ପଟ୍ଟନାୟକ ସୂଚନା ଦେଇଛନ୍ତି । ପାରାଦୀପ ଅଞ୍ଚଳର କଳା, ସାହିତ୍ୟ, ନୃତ୍ୟ ଓ ସଂସ୍କୃତି ସହିତ ଜଡିତ ଥିବା ପ୍ରତିଭା ମାନଙ୍କୁ ଲୋକଲୋଚନ କୁ ଆଣିବା ସହିତ ଏହି ପ୍ରତିଭା ମାନେ କିପରି ରାଜ୍ୟ ଓ ଦେଶରେ ସୁନାମ ଅର୍ଜନ କରିବେ ଏହା ଆଦିଦେବ ଏଣ୍ଟରଟେନମେଣ୍ଟ ର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଛନ୍ତି ଡ଼ଃ. ବନ୍ଦିତା ପଟ୍ଟନାୟକ।

## ସହିଦ ମାଧୋ ସିଂ ବରିହା ବୀରତା ଦିବସ ପାଳିତ

ବଲାଙ୍ଗିର, ୩୧।୧୨ (ନି.ପ୍ର): ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ଆହ୍ୱାନ କ୍ରମେ ପାଟଣାଗଡ଼ ବ୍ଲକ ବନେଇମୁଣ୍ଡା ପଞ୍ଚାୟତ ରାକ୍ଷୀଉଡ଼ାର ଠାରେ ମହାନ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ସହିଦ ମାଧୋ ସିଂ ବରିହାଙ୍କର ୧୬୭ ତମ ବୀରତା ଦିବସ ପାଳନ ହୋଇ ଯାଇଛି। ଆଜିର ବୀରତା ଦିବସରେ ବ୍ଲକ ସଭାପତି ଭୁବନେଶ୍ୱର କୁଅଁର ସଭାପତିତ୍ୱ କରିଥିଲେ ପୃଥିବୀ ଇତିହାସରେ ଘେଁସ ଜମିଦାର ମହାନ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ମାଧୋ ସିଂ ବରିହାଙ୍କ ବଳିଦାନ, ତ୍ୟାଗ ବିରଳ ଘଟଣା ଇଂରେଜ ମାନେ ଭାରତକୁ ଆସି ଭାରତୀୟ ମାନଙ୍କ ଉପରେ ଅନ୍ୟାୟ ଅତ୍ୟାଚାର, ଶୋଷଣ, ଦମନ କରୁଥିଲେ ଜୋର ଜବରଦସ୍ତ ଖଜଣା ନେଉଥିଲେ ଭାରତକୁ ସ୍ୱାଧୀନତା ଆଣିବା ପାଇଁ ଭାରତବାସୀଙ୍କୁ ସ୍ୱାଧୀନତା ଦେବାର ଲାଗି ମାଧୋ ସିଂ ବରିହା ଇଂରେଜ ମାନଙ୍କ ବିରୋଧରେ ଅହରହ



ଆନ୍ଦୋଳନ କରିଥିଲେ। ସ୍ୱାଧୀନତା ସଂଗ୍ରାମରେ ତାଙ୍କର ସପରିବାରର ଚାରି ଜଣ ପୁଅ ଅଏରୀ ସିଂ ବରିହା, ବଏରୀ ସିଂ ବରିହା, କୁଞ୍ଜଲ ସିଂ ବରିହା, ହଟେ ସିଂ ବରିହା ଏବଂ ତାଙ୍କର ସମୁଦୀ ନାରାୟଣ ସିଂ ବରିହା, ଜ୍ୱାଇଁ ଗୋବିନ୍ଦ ସିଂ ବରିହା ଝାସ ଦେଇଥିଲେ। ସ୍ୱାଧୀନତା ସଂଗ୍ରାମରେ ମାଧୋ ସିଂ ବରିହାଙ୍କର ବଳିଦାନ ତ୍ୟାଗ ପୃଥିବୀ ଇତିହାସରେ ବିରଳ ଆଜିର ସଭାରେ ସେହି ମହାନ ଆତ୍ମାକୁ ମନେ ପକେଇ, ତାଙ୍କର ସଂଗ୍ରାମ, ଲଢ଼େଇ, ବୀରତା, ଧୈର୍ଯ୍ୟ, ସାହସ ବିଷୟରେ ଅନୁକରଣ କରି ତାଙ୍କ ପଥରେ ଆଗେଇ ଯାଇ ଆଦିବାସୀ ମାନେ ଦେଶର ମୁଖ୍ୟ ସ୍ରୋତରେ ସାମିଲ ହୋଇ ସମ୍ବିଧାନକୁ ସମ୍ମାନ ସୁରକ୍ଷା ଦେଇ ହକ ଅଧିକାର ପାଇଁ ଲଢ଼େଇ କରିବାକୁ ଆହ୍ୱାନ ଦେଇଥିଲେ। ବର୍ତ୍ତମାନ ରାଜ୍ୟ ସରକାର ରାଜ୍ୟର ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ମନେ ପକେଇବାକୁ, ତାଙ୍କର ଇତିହାସକୁ ପ୍ରଚାର ପ୍ରସାର କରିବା ପାଇଁ ୨୫ ଜଣ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ନାଁ ଘୋଷଣା କରିଛନ୍ତି । ସ୍ୱାଗତ ପ୍ରସ୍ତାବ କିନ୍ତୁ ଦୁଃଖର ବିଷୟ ସେହି ତାଲିକାରେ କେବଳ ମାଧୋ ସିଂ ଲେଖା ହୋଇଛି । ବରିହାକୁ ଛାଡ଼ି ଦିଆ ଯାଇଛି। ଏହାକୁ ସଂଶୋଧନ କରି ମାଧୋ ସିଂ ବରିହା କରାଯାଉ ମାଧୋ ସିଂ ବରିହାଙ୍କ ବଳିଦାନ ବିଷୟ। ବିଦ୍ୟାଳୟ ପୁସ୍ତକ ମାନଙ୍କରେ ଲିପିବଦ୍ଧ କଲେ ଛାତ୍ରଛାତ୍ରୀମାନେ ଇତିହାସ ବିଷୟରେ ଜାଣି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବେ ସ୍ମୃତି ଉଦ୍ଦେଶ୍ୟରେ ରାଜ୍ୟର ପ୍ରତ୍ୟେକ ବ୍ଲକ ସଦର ମହକୁମାରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରାଯାଉ। ଆଜିର ବୀରତା ଦିବସରେ ଜିଲ୍ଲା ଶବର ସମାଜର ଜିଲ୍ଲା ସଭାପତି ସାରଥୀ ବାଗ,ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ଯୁଗ୍ମ ସମ୍ପାଦକ ଗିରିରାଜ ଭୋଇ,ପୂର୍ବତନ ସୈନିକ ଯୋଗେଶ୍ୱର ଭୋଇ, ଧବଳେଶ୍ୱର ଭୋଇ, ଝସକେତନ ରାଏ, ଦାରା ସିଂ ବରିହା, ଶେଷଦେବ ବେହେରା, ପୁର୍ଣ ବୁଡ଼େକ, ରୋହିତ ବୁଡ଼େକ, ହୀରାଧର ଭୋଇ, ମଦନ ମାଝୀ,ଯଂଜ୍ଞ ଧରୁଆ, ଭୋଳା ସାଗର ବାରଲେବଡ଼ିଆ। ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ସଂଯୋଜକ ଗୌରାଙ୍ଗ ବରିହା ସଭା ସଂଯୋଜନା କରିଥିଲେ ପିଣ୍ଟୁ ବୁଡ଼େକ ଧନ୍ୟବାଦ ଦେଇଥିଲେ।

## କୁକୁଡା ଫାର୍ମରୁ ଚୋରି : ୨ ଗିରଫ

କୁକୁଡ଼ାଖଣ୍ଡି, ୩୧।୧୨ (ନି.ପ୍ର) : ସଦର ଥାନା ଅନ୍ତର୍ଗତ ବୋଉଳଝୋଳି ଠାରେ ଥିବା ଏକ



କୁକୁଡାଫାର୍ମରୁ ସାମଗ୍ରୀ ଚୋରି କରିବା ଅଭିଯୋଗରେ ସଦର ଥାନା ପୁଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବ୍ରହ୍ମପୁର ଟାଉନ ଥାନା ଅନ୍ତର୍ଗତ ସୋମନାଥନଗର ୫ମ ଲାଇନର ମହମ୍ମଦ ଅଫତାବ(୨୨) ଓ ବଡ ବଜାର ଥାନା ଶ୍ରୀରାମନଗର ରଥସାହିର ବିଶାଲ ମହାରଣା ଓରଫ ବାୟା(୨୨)। ପୁଲିସ ଉଭୟଙ୍କ ଠାରୁ ୨ତାର ବଣ୍ଡଲ ଏବଂ ହୋସ ପାଇପ ଜବତ କରିଛି।

ସେମାନାଥ ନଗରରର ଇମ୍ରାନ ଖାନ ବୋଉଝୋଳି ଠାରେ ଏକ କୁକୁଡାଫାର୍ମ କରିଛନ୍ତି । କିଛିଦିନ ତଳେ ତାଙ୍କ ଫାର୍ମରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିଲା । ଏ ନେଇ ଅଭିଯୋଗ ପରେ ସଦର ଥାନା ପୁଲିସ ୫୫୩/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ଆଜି ଉଭୟ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରାଜସୁବ୍ରମଣ୍ୟମ ପ୍ରଧାନ ସୂଚନା ଦେଇଛନ୍ତି ।

